# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୩/୨୦୨୬ (୧୨ ପୃଷ୍ଠା) | Bhubaneswar, Tuesday, January 13/2026 | Page 12 | ₹ 7.00 | BERHAMPUR

୫୨ଶ ଭାଗ ୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 51 | ମୂଲ୍ୟ ₹୭/-







# ବିଧାନସଭା ଆସନ ୨୦୦କୁ ବଢ଼ିବ

ଦୀର୍ଘ ୫୦ ବର୍ଷ ପରେ ଓଡ଼ିଶାରେ ପୁଣି ବିଧାନସଭା ଆସନ ବଢ଼ିବ। ୧୯୭୪ରେ ବିଧାନସଭା ଆସନ ସଂଖ୍ୟା ୧୪୦ରୁ ୧୪୭କୁ ବଢ଼ିଥିଲା। ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭା ଆସନ ସଂଖ୍ୟା ୨୦୦କୁ ବୃଦ୍ଧି କରିବା ପାଇଁ ଯୋଜନା କରାଯାଇଛି। ତଦନୁଯାୟୀ ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ) ହେବ। ଏହି ପ୍ରକ୍ରିୟା ଚଳିତବର୍ଷ ଆରମ୍ଭ ହୋଇ ୨୦୨୭ରେ ଶେଷ ହେବ। ଏହା ସହ ଆଗାମୀ ୫୦ବର୍ଷକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଲୋକସେବା ଭବନ ଏବଂ ଓଡ଼ିଶା ବିଧାନସଭା ଗୋଟିଏ ସ୍ଥାନରେ ନିର୍ମାଣ ହେବ। ନୂଆ ବିଧାନସଭାରେ ୩୦୦ ବିଧାୟକ ବସିବା ଭଳି ବ୍ୟବସ୍ଥା ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସୂଚନା ଦେଇଛନ୍ତି। ଏହାକୁ ଭାଜପା, କଂଗ୍ରେସ ସ୍ୱାଗତ କରିଥିବାବେଳେ ବିଜେଡି କପୋଳକଳ୍ପିତ କହିଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ନୂତନ ଲୋକସେବା ଭବନ ଓ ବିଧାନସଭା ଭବନର ପରିକଳ୍ପିତ ରୂପ।

**ଭୁବନେଶ୍ୱର,୧୨।୧(ରବିନାରାୟଣ ଜେନା)**

ରାଜ୍ୟରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଓ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଲୋକସେବା ଭବନରେ ପୂର୍ତ୍ତ ବିଭାଗର ଏକ କାର୍ଯ୍ୟକ୍ରମ ଅବସରରେ ରାଜ୍ୟରେ ବିଧାନସଭା ଆସନ ସଂଖ୍ୟା ୨୦୦କୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଆଗାମୀ ୫୦ବର୍ଷର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଧାନସଭାରେ ଯେପରି ୩୦୦ ବିଧାୟକ ବସିପାରିବେ, ତାହାକୁ ନେଇ ନୂତନ ବିଧାନସଭା ଭବନ ନିର୍ମାଣ କରାଯିବ। ଲୋକସେବା ଭବନ ଏବଂ ବିଧାନସଭା ଗୋଟିଏ କ୍ୟାମ୍ପସରେ ରହିବ। ତେବେ ଦୀର୍ଘ ୫୦ବର୍ଷ ପରେ ବିଧାନସଭା ଆସନ ସଂଖ୍ୟା ବଢ଼ିବାକୁ ଯାଉଥିବାରୁ ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ୧୯୭୪ରେ ପ୍ରଥମ ଥର ପାଇଁ ବିଧାନସଭା ଆସନ ୧୪୦ରୁ ୧୪୭କୁ ବୃଦ୍ଧି ପାଇଥିଲା। ଏହାପରେ ୨୦୨୬ରେ ଏହି ସଂଖ୍ୟା ବୃଦ୍ଧିକୁ ନେଇ କଂଗ୍ରେସ ଓ ଭାଜପା ସ୍ୱାଗତ କରୁଥିବାବେଳେ ବିଜେଡି ଏହାକୁ କପୋଳକଳ୍ପିତ ବୋଲି କହିଛି।

କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି, ରାଜ୍ୟରେ ଜନସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଲୋକଙ୍କ ଆଶା ଓ ଆକାଂକ୍ଷା ମଧ୍ୟ ବଢ଼ୁଛି। ଜନପ୍ରତିନିଧି ସେସବୁକୁ ପୂରଣ କରିବା ଦିଗରେ ଅନେକ ସମୟରେ ସମସ୍ୟାରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯେଉଁ ☞ପୃଷ୍ଠା-୨

## ଗୋଟିଏ କ୍ୟାମ୍ପସରେ ଲୋକସେବା ଭବନ, ବିଧାନସଭା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ଭୁବନେଶ୍ୱର,୧୨।୧(ସୁନିତ୍ ମିଶ୍ର)**

ରାଜ୍ୟରେ ପ୍ରତିଷ୍ଠା ହେବ ନୂଆ ଲୋକସେବା ଭବନ ଓ ବିଧାନସଭା। ୭୧.୧୩ ଏକର ଜାଗାରେ ପ୍ରତିଷ୍ଠା ହେବାକୁଥିବା ଏହି ନୂଆ ଲୋକସେବା ଭବନ କ୍ୟାମ୍ପସ ଭିତରେ ବିଧାନସଭା ରହିବ। ରାଜ୍ୟରେ ଏକ ନୂତନ ଅତ୍ୟାଧୁନିକ ଲୋକସେବା ଭବନ ନିର୍ମାଣ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କହିବାନୁଯାୟୀ, ଆଗକୁ ରାଜ୍ୟରେ ସୀମା ପୁନଃନିର୍ଦ୍ଧାରଣ ହେବ। ଏହାଦ୍ୱାରା ବିଧାନସଭାର ☞ପୃଷ୍ଠା-୨


DSPL-474





ଇରାନରେ ସରକାର ବିରୋଧୀ ଗଣବିକ୍ଷୋଭକୁ ସମର୍ଥନ କରି ସୋମବାର ପ୍ୟାରିସ୍‌ରେ ବିକ୍ଷୋଭକାରୀମାନେ ଏକ ରାଲିରେ ଇରାନୀୟ ପତାକା ପୋଡୁଛନ୍ତି।

# ବିଜୟଙ୍କୁ ସିବିଆଇର ୬ ଘଣ୍ଟା ଜେରା

## କରୁର ଦଳାଚକଟା ମାମଲା

ନୂଆଦିଲ୍ଲୀ,୧୨।୧



ତାମିଲନାଡୁର କରୁରରେ ଘଟିଥିବା ଦଳାଚକଟା ଘଟଣାର ତଦନ୍ତ ଦାୟିତ୍ୱ ନେଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ସୋମବାର ଟିଭିକେ ଅଧ୍ୟକ୍ଷ ତଥା ଅଭିନେତା ବିଜୟଙ୍କୁ ୬ ଘଣ୍ଟା ଜେରା କରିଛି। ଏହି ଦୁଃଖଦ ଘଟଣା ପାଇଁ ତାଙ୍କ ଦଳ କିମ୍ବା କାର୍ଯ୍ୟକର୍ତ୍ତାମାନେ ଦାୟୀ ନୁହନ୍ତି ବୋଲି ବିଜୟ ତଦନ୍ତକାରୀ ଅଫିସରମାନଙ୍କୁ କହିଥିଲେ। ତାଙ୍କର ଉପସ୍ଥିତି ଅରାଜକତା ସୃଷ୍ଟି କରିପାରେ ବୋଲି ହୃଦ୍‌ବୋଧ କରି ସେ ଘଟଣାସ୍ଥଳ ଛାଡ଼ି ଚାଲିଯାଇଥିଲେ ବୋଲି କହିଛନ୍ତି। ପୂର୍ବରୁ ଟିଭିକେ କାର୍ଯ୍ୟକର୍ତ୍ତାମାନଙ୍କୁ ଜେରା ବେଳେ ସେମାନେ ମଧ୍ୟ ଅନୁରୂପ ବୟାନ ଦେଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ୨୭ରେ କରୁରରେ ବିଜୟଙ୍କ ଏକ ସଭାରେ ଦଳାଚକଟା ଘଟି ୪୧ ଜଣଙ୍କ ଜୀବନ ଯିବା ସହ ୬୦ ଜଣ ଆହତ ହୋଇଥିଲେ। ସୋମବାର ସକାଳେ ବିଜୟ ନୂଆଦିଲ୍ଲୀସ୍ଥିତ ସିବିଆଇ ମୁଖ୍ୟାଳୟରେ ପହଞ୍ଚି ତଦନ୍ତକାରୀ ଅଫିସରମାନଙ୍କ ପ୍ରଶ୍ନର ଜବାବ ରଖିଥିଲେ। ପୋଙ୍ଗଲ୍ ଉତ୍ସବ ପରେ ତାଙ୍କୁ ପୁନର୍ବାର ଜେରା ପାଇଁ ଡକାଯିବ ବୋଲି ଜଣାପଡ଼ିଛି। ବିଜୟ ନୂଆଦିଲ୍ଲୀରେ ପହଞ୍ଚିବାକୁ ଥିବାରୁ ସିବିଆଇ କାର୍ଯ୍ୟାଳୟ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# କଡ଼ାକଡ଼ି ହେଲା କ୍ରିପ୍ଟୋ ନିୟମ

ନୂଆଦିଲ୍ଲୀ,୧୨।୧



ଭାରତର ଡିଜିଟାଲ ଆସେଟ୍ ମାର୍କେଟରେ ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ (ଏଫ୍‌ଆଇୟୁ) ପକ୍ଷରୁ କ୍ରିପ୍ଟୋ ନିୟମକୁ କଡ଼ାକଡ଼ି କରାଯାଇଛି। ଏଫ୍‌ଆଇୟୁ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରେ ମନି ଲଣ୍ଡରିଂ ନିରୋଧୀ (ଏମ୍‌ଏମ୍‌ଏଲ୍) ଏବଂ କୋ ୟୋର କଷ୍ଟମର (କେୱାଇସି) ପ୍ରୋଟୋକଲରେ ପରିବର୍ତ୍ତନ ଆଣି ନୂଆ ନିୟମ ଜାରି କରିଛି। ତଦନୁସାରେ ୟୁଜର୍ସଙ୍କ ପାଇଁ ଲାଇଭ୍ ସେଲ୍ଫି ଓ ଜିଓଟ୍ୟାଗିଂକୁ ବାଧ୍ୟତାମୂଳକ କରାଯାଇଛି।

ଜାନୁଆରୀ ୮ରେ ପ୍ରକାଶିତ ନୂଆ ଗାଇଡ୍‌ଲାଇନ୍ ଅନୁସାରେ କ୍ରିପ୍ଟୋ ଏକ୍ସଚେଞ୍ଜଗୁଡ଼ିକ ଭର୍ଚୁଆଲ ଆସେଟ୍ ଡିଭାଇସ୍ (ଭିଡିଏ) ସର୍ଭିସ୍ ପ୍ରୋଭାଇଡର୍ସ ରୂପେ ପରିଚିତ ହେବେ। ସେଗୁଡ଼ିକ ପୂର୍ବଭଳି କେବଳ ସାଧାରଣ ଦସ୍ତାବିଜ ଅପ୍‌ଲୋଡ୍ କରିବା ପରିବର୍ତ୍ତେ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରିବେ। ସଫ୍ଟୱେର ଜରିଆରେ ୟୁଜର୍ସଙ୍କ ଉପସ୍ଥିତିକୁ ଯାଞ୍ଚ କରିବା ପାଇଁ ଲାଇଭ୍ ସେଲ୍ଫି ନେବାକୁ ପଡ଼ିବ। ସ୍ଥିର ଫଟୋ କିମ୍ବା ଡିପ୍‌ଫେକ୍‌ର ବ୍ୟବହାର ଏଡ଼ାଇବାରେ ଏହା ସହାୟକ ହେବ। ବ୍ୟବହାରକାରୀ ଏକ ଆକାଉଣ୍ଟ ତିଆରି ଆରମ୍ଭ କରିବା ମାତ୍ରେ ଏକ୍ସଚେଞ୍ଜଗୁଡ଼ିକ ତାରିଖ, ଟାଇମ୍‌ଷ୍ଟାମ୍ପ୍ ଏବଂ ଆଇପି ଆଡ୍ରେସ୍ ରେକର୍ଡ କରିବା ଜରୁରୀ। ସେହିପରି ୟୁଜର୍ସଙ୍କୁ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସହ ଏକ ପାସ୍‌ପୋର୍ଟ, ଆଧାର କିମ୍ବା ଭୋଟର ଆଇଡି ଭଳି ଅତିରିକ୍ତ ପରିଚୟପତ୍ର ଦାଖଲ କରିବାକୁ ପଡ଼ିବ। ଓଟିପି ଭେରିଫିକେଶନ୍ ପାଇଁ ଇ-ମେଲ୍ ଆଇଡି ଏବଂ ଫୋନ୍ ନମ୍ବର ଦେବାକୁ ପଡ଼ିବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଏଫ୍‌ଆଇୟୁ ଏହି ନିୟମଗୁଡ଼ିକୁ ବଧ୍ୟତାମୂଳକ କରିଛି।

# ମକର ସଂକ୍ରାନ୍ତିରେ ନୂଆ କାର୍ଯ୍ୟାଳୟକୁ ଯିବେ ମୋଦି

ନୂଆଦିଲ୍ଲୀ,୧୨।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ କାର୍ଯ୍ୟାଳୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଯାଇଛି। ସେ ଆସନ୍ତା ୧୪ ତାରିଖ ମକର ସଂକ୍ରାନ୍ତିରେ ଉକ୍ତ କାର୍ଯ୍ୟାଳୟକୁ ଯିବେ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀଙ୍କ ନୂଆ କାର୍ଯ୍ୟାଳୟର ଠିକଣା ହେଲା ସେବା ତୀର୍ଥ କମ୍ପ୍ଲେକ୍ସ। ସେଣ୍ଟ୍ରାଲ ଭିଷ୍ଟା ପୁନର୍ବିକାଶ ପ୍ରକଳ୍ପର ଅଂଶବିଶେଷ ଭାବେ ଏହି କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଉକ୍ତ କମ୍ପ୍ଲେକ୍ସରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ କ୍ୟାବିନେଟ ସଚିବାଳୟ ଏବଂ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ (ଏନ୍‌ଏସ୍‌ସିଏସ୍) ରହିଛି। ପ୍ରତ୍ୟେକ କାର୍ଯ୍ୟାଳୟର ଅଲଗା ବିଲ୍ଡିଂ ରହିଛି। ପିଏମ୍‌ଓ ଥିବା ବିଲ୍ଡିଂର ନାମ 'ସେବାତୀର୍ଥ-୧'। ଏଥିରେ ଅତ୍ୟାଧୁନିକ କାର୍ଯ୍ୟସ୍ଥଳ, ବୃହତ୍ ଉତ୍ସବ ପ୍ରକୋଷ୍ଠ ରହିଛି। ପିଏମ୍‌ଓ ସ୍ଥାନାନ୍ତର ଏକ ଯୁଗ ଅବସାନର ସୂଚନା ଦେଉଛି। ୧୯୪୭ରେ ଭାରତ ସ୍ୱାଧୀନ ହେବା ପରଠାରୁ ପିଏମ୍‌ଓ ସାଉଥ୍ ବ୍ଲକ୍‌ରେ ରହିଆସିଥିଲା।

# ଟ୍ରମ୍ପ୍‌ଙ୍କ ଧମକ ପରେ ନରମିଲା ଇରାନ

- ବୁଝାମଣା ପାଇଁ ରାଜି
- ଇରାନ ବିକ୍ଷୋଭ ମୃତ୍ୟୁସଂଖ୍ୟା ୫୪୪

ଦୁବାଇ,୧୨।୧


ଡୋନାଲ୍ଡ ଟ୍ରମ୍ପ୍

ଇରାନରେ ମୁଦ୍ରାସ୍ଫୀତି ଓ ଆର୍ଥିକ ସଙ୍କଟକୁ ନେଇ ସରକାରଙ୍କ ବିରୋଧରେ ୨ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ହେଲା ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଥିବା ବେଳେ ସୁରକ୍ଷାବଳର କାର୍ଯ୍ୟାନୁଷ୍ଠାନରେ ଅନ୍ୟୂନ ୫୪୪ ଜଣଙ୍କ ମୃତ୍ୟୁ ଘଟିଲାଣି। ଆନ୍ଦୋଳନକୁ ଚାପିଦେବା ଲାଗି ଇରାନ ସରକାରଙ୍କ ରକ୍ତାକ୍ତ କାର୍ଯ୍ୟାନୁଷ୍ଠାନ ବିରୋଧରେ ଇସ୍‌ଲାମିକ୍ ରିପବ୍ଲିକ୍ ଉପରେ ଆକ୍ରମଣ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଧମକ ଦେଇଥିଲେ। ଇରାନ ଏବେ ୱାଶିଂଟନ ସହ ବୁଝାମଣା ଚାହୁଁଥିବା ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପଙ୍କ ମନ୍ତବ୍ୟ ଉପରେ ଇରାନ ସିଧାସଳଖ ପ୍ରତିକ୍ରିୟା ଦେଇ ନ ଥିବାବେଳେ ୱାଶିଂଟନ ଏବଂ ତେହରାନ ମଧ୍ୟରେ ଦୀର୍ଘଦିନ ଧରି ମଧ୍ୟସ୍ଥତା କରିଆସୁଥିବା ଓମାନ୍‌ର ବହିର୍ବ୍ୟାପାର ମନ୍ତ୍ରୀ ବୁଝାମଣା ସମ୍ପର୍କରେ ସୂଚନା ଦେଇଛନ୍ତି। ତେବେ ଇରାନର ଆଣବିକ କାର୍ଯ୍ୟକ୍ରମ ଏବଂ ବାଲିଷ୍ଟିକ୍ ମିଶାଇଲ୍ ଅସ୍ତ୍ରାଗାର ବନ୍ଦ ପାଇଁ ଟ୍ରମ୍ପ୍ କଠୋର ଦାବି ରଖିଥିବାବେଳେ ତେହରାନ କି ପ୍ରକାର ପ୍ରତିଶ୍ରୁତି ଦେବ, ତାହା ସ୍ପଷ୍ଟ ହୋଇନାହିଁ।

ତେହରାନଠାରେ ବିଦେଶୀ କୂଟନୀତିଜ୍ଞମାନଙ୍କୁ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଆରାଘଚି କହିଛନ୍ତି, ସ୍ଥିତି ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଛି। ହିଂସା ପାଇଁ ସେ ଇସ୍ରାଏଲ୍ ଏବଂ ଆମେରିକାକୁ ଦାୟୀ କରିଥିବାବେଳେ ଏନେଇ କୌଣସି ପ୍ରମାଣ ଦେଇନାହାନ୍ତି। ଆମେରିକା ସହ କୂଟନୈତିକ ଆଲୋଚନା ଲାଗି ଦ୍ୱାରା ଖୋଲା ରହିଥିବା ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ତେବେ ପାରସ୍ପରିକ ସ୍ୱାର୍ଥ ଓ ଉଦ୍‌ବେଗର ଗ୍ରହଣୀୟତା ଆଧାରରେ ଆଲୋଚନା ହେବା ଆବଶ୍ୟକ। ଏକପାଖିଆ ଏବଂ ଏକଚ୍ଛତ୍ରବାଦ ଆଧାରିତ ଆଲୋଚନା ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି।

# ନିଜ ଗୁଳିରେ ଟଳିଲେ ଚାଷୀ

## ୪ କୋଟିର ଠକେଇରେ ପଡ଼ିଥିଲେ

ହଲ୍‌ଦ୍ୱାନି,୧୨।୧

ଉତ୍ତରାଖଣ୍ଡର ଚାଷୀ ସୁଖୱନ୍ତ ସିଂ(୪୦) ଜମି କିଣିବା ପାଇଁ ୪ କୋଟି ଟଙ୍କା ଠକେଇରେ ପଡ଼ି ଶେଷରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ସେ ରବିବାର ନିଜ ସ୍ତ୍ରୀ ଓ ପୁଅଙ୍କ ସହ ନୈନିତାଲ ଯାଇ ଫେରିବାବେଳେ କାଠଗୋଦାମରେ ଏକ ହୋଟେଲ ରୁମ୍ ନେଇଥିଲେ। ସେ ନିଜକୁ ଗୁଳି କରିବା ପୂର୍ବରୁ ଇଣ୍ଟରନେଟ୍‌ରେ ଏକ ଭିଡିଓ ପୋଷ୍ଟ କରି ତାଙ୍କ ସହ ବିତିଥିବା ଘଟଣା ଓ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଥିଲେ।

# ବିବାହର ମାସେ ପୂର୍ବରୁ ରୁଷିଆ ଟ୍ୟାଙ୍କରରୁ ମର୍ଚ୍ଚାଣ୍ଟ ନେଭି ଅଫିସର ଅଟକ

ନୂଆଦିଲ୍ଲୀ,୧୨।୧


ରିକ୍ଷିତ ଚୌହାନ

ହିମାଚଳପ୍ରଦେଶର କାଙ୍ଗ୍ରା ଜିଲାରୁ ରୁଷିଆର ଏକ କମ୍ପାନୀରେ ମର୍ଚ୍ଚାଣ୍ଟ ନେଭି ଅଫିସର ଭାବେ କାର୍ଯ୍ୟରତ ରିକ୍ଷିତ ଚୌହାନଙ୍କର ଆସନ୍ତା ମାସରେ ବିବାହ ଅନୁଷ୍ଠିତ ହେବାର ଥିଲା। ତାଙ୍କୁ ତୁରନ୍ତ ଘରକୁ ଫେରିବାର ଥିବାବେଳେ ତୈଳ ଆଣିବା ପାଇଁ ଭେନେଜୁଏଲା ଯାଇ ସେ ଫସିଯାଇଛନ୍ତି। ରୁଷିଆ ତୈଳ ଟ୍ୟାଙ୍କର, ଯେଉଁଥିରେ ରିକ୍ଷିତ କ୍ରିଉ ମେମ୍ବର ଭାବେ କାର୍ଯ୍ୟ କରୁଥିଲେ, ତାହାକୁ ଆମେରିକା ସୈନ୍ୟ ଜବତ କରିଛନ୍ତି। ରିକ୍ଷିତଙ୍କୁ ସୁରକ୍ଷିତ ଭାବେ ଭାରତ ଫେରାଇ ଆଣିବା ପାଇଁ ତାଙ୍କ ପରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଛନ୍ତି। ମାରିନେରା ନାମକ ଉକ୍ତ ଜାହାଜରେ ୩ ଭାରତୀୟ କ୍ରିଉ ମେମ୍ବରଙ୍କ ମଧ୍ୟରୁ ୨୬ ବର୍ଷୀୟ ରିକ୍ଷିତ ଅନ୍ୟତମ। ସେ ପ୍ରଥମ ଥର ପାଇଁ ଉକ୍ତ ଜାହାଜରେ ଭେନେଜୁଏଲା ଯାଇଥିବାବେଳେ ଆମେରିକା ସୁରକ୍ଷା ବଳ ଜାହାଜକୁ ପିଛାକରି ଗତ ୭ ତାରିଖରେ ଜବତ କରିଥିଲା।

# ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ଏସ୍‌ଆଇଆର୍‌ରେ ଅନିୟମିତତା ଅଭିଯୋଗ

ନୂଆଦିଲ୍ଲୀ,୧୨।୧

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ସେଥିରେ ମନମାନି ଏବଂ ପ୍ରକ୍ରିୟାଗତ ଅନିୟମିତତା ହେଉଥିବା ନେଇ ତୃଣମୂଳ କଂଗ୍ରେସର କେତେଜଣ ଏମ୍‌ପି ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲ ସୋମବାର ଏହା ଉପରେ ନିର୍ବାଚନ କମିଶନ(ଇସି)ଙ୍କୁ ଜବାବ ମାଗିଛନ୍ତି। ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ଏବଂ ଦୋଳ ସେନ୍ ପୂର୍ବରୁ ଏସ୍‌ଆଇଆର୍ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ପିଟିଶନ ଦାଖଲ କରିଥିବାବେଳେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ସେମାନଙ୍କ ଆବେଦନକୁ ବିଚାରକୁ ନେଇଛନ୍ତି। ବ୍ରାଏନ୍‌ଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଉପସ୍ଥିତ ରହି କହିଥିଲେ, ଏସ୍‌ଆଇଆର୍ ଉପରେ ଇସିଙ୍କୁ ନୀତି ନିର୍ଦ୍ଦେଶ ହ୍ୱାଟ୍ସଆପ୍ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ଜାରି କରାଯାଉଛି ଏବଂ ବୁଥସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନଙ୍କୁ ବିମାନ ଆନୁଷ୍ଠାନିକ ନିର୍ଦ୍ଦେଶରେ କାର୍ଯ୍ୟ କରିବାକୁ କୁହାଯାଉଛି। ନିର୍ବାଚନ କମିଶନ ଭୋଟରମାନଙ୍କ ଏକ ଏକ ତାର୍କିକ ବିସଙ୍ଗତି ଆଣିଛନ୍ତି। ଭୋଟର ତଥ୍ୟରେ ଅସଙ୍ଗତି ଓ ତ୍ରୁଟି ଥିବା ଦର୍ଶାଇ ଯୋଗ୍ୟ ଭୋଟରମାନଙ୍କୁ ଶୁଣାଣି ପାଇଁ ହାଜର ହେବାକୁ ନୋଟିସ କରାଯାଉଛି। ୨ ଟିଏମ୍‌ସି ଏମ୍‌ପିଙ୍କ ଆବେଦନ ଉପରେ ସପ୍ତାହେ ମଧ୍ୟରେ ଜବାବ ଦାଖଲ କରିବାକୁ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ କହିଛନ୍ତି।

# ପ୍ରକୃତ ଭୋଟରଙ୍କୁ ଅସୁବିଧାରେ ପକାଉଛି ଡିଜିଟାଇଜେଶନ ତ୍ରୁଟି

## ସିଇସିଙ୍କୁ ଜଣାଇଲେ ମମତା

କୋଲକାତା,୧୨।୧(ପି.ଟି.)

୨୦୦୨ର ଭୋଟର ତାଲିକାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ପରିଚାଳିତ ଡିଜିଟାଇଜେଶନ ଯୋଗୁ ତ୍ରୁଟି ଓ ଅସଙ୍ଗତି ଦେଖାଦେଇଛି। ଫଳରେ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ପ୍ରକ୍ରିୟା ବେଳେ ସ୍ୱାଭାବିକ ଭୋଟରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ସୋମବାର ପତ୍ର ଲେଖି ଜଣାଇଛନ୍ତି। ରାଜ୍ୟରେ ଏହା ସିଇସିଙ୍କୁ ମମତାଙ୍କ ୫ମ ପତ୍ର। ପୂର୍ବରୁ ତ୍ରୁଟି ସଂଶୋଧନ ହୋଇଥିଲେ ମଧ୍ୟ ନ୍ୟାୟିକ ଶୁଣାଣି ପରେ ପୁନର୍ବାର ପରିଚୟ ପ୍ରମାଣ ଦେବାକୁ ଭୋଟରମାନଙ୍କୁ କୁହାଯାଉଛି। ଏଭଳି ଆଭିମୁଖ୍ୟ ୨ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଆସିଥିବା ନିର୍ବାଚନ କମିଶନଙ୍କ ନିଜ କାର୍ଯ୍ୟ ଓ ବ୍ୟବସ୍ଥାକୁ ଅସ୍ୱୀକାର କରୁଥିବା ମମତା ଅଭିଯୋଗ କରିଛନ୍ତି।

# ଝୁଲା ଶିବଲିଙ୍ଗ

**ଅନେକ ଶିବଲିଙ୍ଗ ଦେଖିଥିବେ। ମାତ୍ର ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି, ଯେଉଁଠି ଶିବଲିଙ୍ଗ ଝୁଲି କି ରହିଛି। ଏପରି ଚମତ୍କାରିତା ଗୁଜରାଟରେ ଦେଖିବାକୁ ପାଇବେ। ଗୁଜରାଟର ପ୍ରସିଦ୍ଧ ସୋମନାଥ ମନ୍ଦିର ୧୦୨୬ରେ ଗଜନୀବୀର ମହମ୍ମଦଙ୍କ ଦ୍ୱାରା ଆକ୍ରମଣ ଏବଂ ଧ୍ୱଂସ କରାଯାଇଥିଲା। ୨୦୨୬ରେ ଏହି ଆକ୍ରମଣର ୧୦୦୦ତମ ବାର୍ଷିକୀ ପାଳନ କରାଯାଉଛି। ସୋମନାଥ ମନ୍ଦିର ଭାରତର ୧୨ଟି ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ପ୍ରଥମ। ଭଗବାନ ଶିବଙ୍କ ଏହି ପ୍ରସିଦ୍ଧ ମନ୍ଦିର ଭାରତର ଆତ୍ମା, ବିଶ୍ୱାସ ଏବଂ ଗର୍ବର ପ୍ରତିମୂର୍ତ୍ତି। ଏହି ମନ୍ଦିର କେବଳ ଏକ ଧାର୍ମିକ ସ୍ଥଳ ନୁହେଁ, ବରଂ ହଜାର ହଜାର ବର୍ଷର ଭାରତୀୟ ସଭ୍ୟତା, ବିଶ୍ୱାସ ଏବଂ ସଂଘର୍ଷର କାହାଣୀ ମଧ୍ୟ ବର୍ଣ୍ଣନା କରେ। ଜାଣନ୍ତୁ ଏହି ମନ୍ଦିରର ସ୍ୱତନ୍ତ୍ରତା ଏବଂ ରହସ୍ୟ ସମ୍ପର୍କରେ...**



ଦେବଦେବ ମହାଦେବ ସୋମନାଥ ମନ୍ଦିରରେ ବିରାଜମାନ କରିଛନ୍ତି। ସୋମନାଥ ମନ୍ଦିର ହିନ୍ଦୁମାନଙ୍କ ପାଇଁ ଏକ ପବିତ୍ର ସ୍ଥାନ। କୁହାଯାଏ, ଏହି ମନ୍ଦିରରେ ଥିବା ଶିବଲିଙ୍ଗ ସ୍ୱୟଂ ଭଗବାନ ଚନ୍ଦ୍ରଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହା ଋଗ୍‌ବେଦରେ ମଧ୍ୟ ଉଲ୍ଲେଖ ଅଛି। ଏହି ମନ୍ଦିରକୁ ମହମ୍ମଦ ଗଜନୀବୀରଙ୍କ ସମେତ ଅନେକ ମୋଗଲ ଶାସକ ଆକ୍ରମଣ ଏବଂ ଲୁଟ୍ କରିଥିଲେ, କିନ୍ତୁ ଏହାର ଗୌରବ ଆଜି ମଧ୍ୟ ଅକ୍ଷୁଣ୍ଣ ରହିଛି।

ପ୍ରସିଦ୍ଧ ସୋମନାଥ ମନ୍ଦିରକୁ ମୋଗଲ ଶାସକମାନେ ଅନେକ ଥର ଧ୍ୱଂସ କରିଥିଲେ। ଏହା ପରେ ମନ୍ଦିରଟି ଅନେକ ଥର ପୁନଃନିର୍ମାଣ କରାଯାଇଛି। କୁହାଯାଏ ସୋମନାଥ ମନ୍ଦିରରେ ଥିବା ଜ୍ୟୋତିର୍ଲିଙ୍ଗ କୌଣସି ସମର୍ଥନ ବିନା ପବନରେ ଝୁଲି ରହିଥିଲା।

ସୋମନାଥ ମନ୍ଦିରରେ ଭାସମାନ ଶିବଲିଙ୍ଗକୁ ଏକ ପ୍ରାଚୀନ ସ୍ଥାପତ୍ୟ ଚମତ୍କାର ଭାବରେ ବିବେଚନା କରାଯାଏ। କୁହାଯାଏ ଚୁମ୍ବକୀୟ ଶକ୍ତି ବ୍ୟବହାର କରି ଏହାକୁ କୌଣସି ସମର୍ଥନ ବିନା ବାୟୁରେ ଝୁଲାଇ ରଖାଯାଇଥିଲା। ମହମ୍ମଦ ବାୟୁରେ ଶିବଲିଙ୍ଗ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ଧାର୍ମିକ ବିଶ୍ୱାସ ଅନୁସାରେ, ଏହି ମନ୍ଦିର ପ୍ରଭୁ ଚନ୍ଦ୍ରଦେବଙ୍କ ସହିତ ଜଡ଼ିତ। ସେ ତାଙ୍କ ଶ୍ୱଶୁର ଦକ୍ଷ ପ୍ରଜାପତିଙ୍କ ଅଭିଶାପରୁ ମୁକ୍ତ ହେବା ପାଇଁ ଏଠାରେ ଭଗବାନ ଶିବଙ୍କୁ ପୂଜା କରିଥିଲେ। ପୌରାଣିକ କଥା ଅନୁସାରେ, ଚନ୍ଦ୍ରଦେବ ଦକ୍ଷ ପ୍ରଜାପତିଙ୍କ ୨୭ ଜଣ କନ୍ୟାଙ୍କୁ ବିବାହ କରିଥିଲେ, କିନ୍ତୁ ସେ ରୋହିଣୀଙ୍କୁ ସବୁଠାରୁ ଅଧିକ ଭଲ ପାଉଥିଲେ ଏବଂ ଅନ୍ୟ ସ୍ତ୍ରୀମାନଙ୍କ ପ୍ରତି ଭେଦଭାବ କରୁଥିଲେ।

ଯେତେବେଳେ ଦକ୍ଷଙ୍କ ଅନ୍ୟ ସ୍ତ୍ରୀମାନେ ସେମାନଙ୍କ ପିତାଙ୍କ ନିକଟରେ ଚନ୍ଦ୍ରଦେବଙ୍କ ବିଷୟରେ ଅଭିଯୋଗ କଲେ, ଦକ୍ଷ ପ୍ରଜାପତି କ୍ରୋଧିତ ହୋଇ ଚନ୍ଦ୍ରଦେବଙ୍କୁ ଅଭିଶାପ ଦେଇ କହିଲେ, ତୁମେ ତୁମର ସୌନ୍ଦର୍ଯ୍ୟ ଉପରେ ଏତେ ଗର୍ବିତ, ତୁମର ତେଜ କମିଯିବ। ପରେ ଏହା ଚନ୍ଦ୍ରର ତେଜ ହ୍ରାସ କରିଥିଲା। ଅନେକ ଶିବଲିଙ୍ଗ ଦେଖିଥିବେ। ମାତ୍ର ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି, ଯେଉଁଠି ଶିବଲିଙ୍ଗ ଝୁଲିକି ରହିଛି। ଏପରି ଚମତ୍କାରିତା ଗୁଜରାଟରେ ଦେଖିବାକୁ ପାଇବେ।

# ଇସ୍ରୋର ପିଏସ୍‌ଏଲ୍‌ଭି ମିଶନ ବିଫଳ

ଶ୍ରୀହରିକୋଟା,୧୨।୧(ପି.ଟି.)



ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ପିଏସ୍‌ଏଲ୍‌ଭି-ସି୬୩ ରକେଟ ବିଦେଶୀ ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍ ସହ ୧୬ଟି ଉପଗ୍ରହକୁ ନେଇ ମହାକାଶକୁ ଯାଉଥିବାବେଳେ ବିସଙ୍ଗତିର ସମ୍ମୁଖୀନ ହେବାରୁ ମହାକାଶ ମିଶନ ବିଫଳ ହୋଇଛି। ରକେଟରେ ବ୍ୟତିକ୍ରମ ଦେଖାଦେବା ପରେ ଗତିପଥରୁ ଏହା ଦୂରେଇଯାଇଥିଲା। ରକେଟକୁ ଆବଶ୍ୟକ ବେଗ ଦେବା ଲାଗି ତୃତୀୟ ପର୍ଯ୍ୟାୟର ଷ୍ଟ୍ରାପ୍-ଅନ୍ ମୋଟରଗୁଡ଼ିକ ଥ୍ରଷ୍ଟ ପ୍ରଦାନ କରୁଥିଲେ ବୋଲି ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ମିଶନ ବିଫଳ ହେବାର କାରଣ ଜାଣିବା ପାଇଁ ସବିଶେଷ ଅନୁଧ୍ୟାନ କରାଯାଉଥିବା ସେ ସୂଚନା ଦେଇଛନ୍ତି। ସାଟେଲାଇଟ୍‌ଗୁଡ଼ିକୁ ଯେଉଁ ନିର୍ଦ୍ଦିଷ୍ଟ କକ୍ଷପଥରେ ଅବସ୍ଥାପିତ କରିବାର ଥିଲା, ତାହା ହୋଇପାରିଲା ନାହିଁ। ସମସ୍ତ ୧୬ଟି ଯାକ ସାଟେଲାଇନ୍ ମହାକାଶରେ ହଜିଗଲେ ବୋଲି ଇସ୍ରୋ ସୂତ୍ରରୁ କୁହାଯାଇଛି। ତୃତୀୟ ପର୍ଯ୍ୟାୟରେ ଏହା ପିଏସ୍‌ଏଲ୍‌ଭି ମିଶନର କ୍ରମାଗତ ଦ୍ୱିତୀୟ ବିଫଳତା। ଗତ ମେ'ରେ ମୋଟର ପ୍ରେସର ସମସ୍ୟାକୁ ନେଇ ପିଏସ୍‌ଏଲ୍‌ଭି-ସି୬୧-ଇଓଏସ୍-୦୯ ସଫଳତା ହାସଲ କରିପାରି ନ ଥିଲା।

# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୩/୨୦୨୬ | Bhubaneswar, Tuesday, January 13/2026 | ପୃଷ୍ଠା-୧




### ଟୋମାସ ଡୋମେନଙ୍କ ଡବଲ ଗୋଲ୍

ହାଇଦ୍ରାବାଦ ତୁଫାନ ବିପକ୍ଷ ପୁରୁଷ ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ରେ ଡବଲ ଗୋଲ୍ ସ୍କୋର କରିଛନ୍ତି ଏସ୍‌ଜି ପାଇପର୍ସର ଟୋମାସ ଡୋମେନ।

୧୦

୦୨

### ହନୁମାନ ଚାଳିଶା ପଢୁଛନ୍ତି ପରିଣୀତି

ନିକଟରେ ପୁତ୍ର ସନ୍ତାନର ଜନନୀ ହୋଇଥିବା ଅଭିନେତ୍ରୀ ପରିଣୀତି ଚୋପ୍ରା ନିଜକୁ ଶାନ୍ତ ରଖିବା ପାଇଁ ସକାଳୁ ଉଠି ହନୁମାନ ଚାଳିଶା ପଢୁଥିବା କହିଛନ୍ତି।





କଟକ ସୂତାହାଟ ଖ୍ରୀଷ୍ଟିଆନ ସାହି ପୁଷ୍କରିଣୀ ମଧ୍ୟକୁ ଭାରସାମ୍ୟ ହରାଇ ଖସି ପଡ଼ିଥିବା ବିଦ୍ୟୁତ୍ ବିଭାଗର ଗାଡ଼ିକୁ ସୋମବାର ବାହାର କରାଯାଉଛି। **(ଫଟୋ: ରାଜକିଶୋର ମହାନ୍ତି)**

# ଫେବୃଆରୀ ୧ ରବିବାର କେନ୍ଦ୍ର ବଜେଟ

ନୂଆଦିଲ୍ଲୀ,୧୨।୧(ପି.ଟି.)

ଆଗାମୀ ଫେବୃଆରୀ ୧ ତାରିଖ ରବିବାରରେ ପାର୍ଲାମେଣ୍ଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସାଧାରଣ ବଜେଟ ଉପସ୍ଥାପନ କରିବେ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସୋମବାର ଘୋଷଣା କରିଛନ୍ତି। ରବିବାର ବଜେଟ ଉପସ୍ଥାପନ କରାଯିବା ଏହା ପ୍ରଥମ ଘଟଣା। ଏହା ସୀତାରାମନଙ୍କ ନବମ ବଜେଟ ଉପସ୍ଥାପନ ହେବ। ସର୍ବାଧିକ ୧୦ ଥର ବଜେଟ ଉପସ୍ଥାପନ କରିବା ରେକର୍ଡ ତତ୍କାଳୀନ ଅର୍ଥମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ନାମରେ ରହିଛି।

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୨୮ରେ ଆରମ୍ଭ ହେବାକୁ ଥିବାବେଳେ ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ ସଭା ଓ ରାଜ୍ୟ ସଭାର ସଦସ୍ୟମାନଙ୍କୁ ଲୋକ ସଭା ଚାମ୍ବରରେ ଉଦ୍‌ବୋଧନ ଦେବେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପାର୍ଲାମେଣ୍ଟର ଉଭୟ ଗୃହରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିପାରନ୍ତି। ବଜେଟ ଅଧିବେଶନର ଜାନୁଆରୀ ୨୮ରୁ ଆରମ୍ଭ ହୋଇ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ପୂର୍ବରୁ କହିଥିଲେ। ଅଧିବେଶନର ପ୍ରଥମ ଭାଗ ଫେବୃଆରୀ ୧୩ରେ ଶେଷ ହେବାକୁ ଥିବାବେଳେ ମାର୍ଚ୍ଚ ୩ରେ ଦ୍ୱିତୀୟ ଭାଗ ଆରମ୍ଭ ହେବ।

# ଆଜି ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ,୧୨।୧



### ୱାଶିଂଟନ ପାଇଁ ନୂଆଦିଲ୍ଲୀ ସବୁଠୁ ଜରୁରୀ: ଗୋର୍

ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ମଙ୍ଗଳବାର ଆରମ୍ଭ ହେବାକୁ ଯାଉଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଆଗାମୀ ଦିନରେ ୫୦୦ ପ୍ରତିଶତ ଟାରିଫ୍ ଲଗାଇବା ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଞ୍ଜୁରୀ ଦେଇଥିବାରୁ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ପୁନର୍ବାର ସମ୍ପର୍କରେ ସୁଧାରଣ ଆଣିବା ପାଇଁ ୱାଶିଂଟନ ଚାହୁଁଥିବା ନୂଆଦିଲ୍ଲୀରେ ଆମେରିକାର ନବନିଯୁକ୍ତ ରାଷ୍ଟ୍ରଦୂତ ସର୍ଜିଓ ଗୋର୍ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, କୌଣସି ଦେଶ ଆମେରିକା ପାଇଁ ଭାରତ ଭଳି ଜରୁରୀ ନୁହେଁ। ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ଲାଗି ୨ ଦେଶ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ସେ କହିଛନ୍ତି।

ଆମେରିକା ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ କୃତ୍ରିମ ବୁଦ୍ଧିମତ୍ତା ଉପରେ ହେବାକୁ ଥିବା ରଣନୀତିକ ମେଣ୍ଟ 'ପାକ୍ସ ସିଲିକା'କୁ ଭାରତକୁ ଆମନ୍ତ୍ରିତ ହୋଇଥିବା ଗୋର୍ ଘୋଷଣା କରିଛନ୍ତି। ଭାରତରେ କାର୍ଯ୍ୟ ଆରମ୍ଭ କରିବା ପରେ ଆମେରିକା ଦୂତାବାସରେ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ଗୋର୍ କହିଛନ୍ତି, କୂଟନୀତିକୁ ପୁନଃ ପରିଭାଷିତ କରିବାର ଏକ ସୁଯୋଗ ଜୀବନରେ ଥରେ ମିଳିଛି। ଭାରତ ସହ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସହଭାଗିତାକୁ ସମ୍ପୂର୍ଣ୍ଣ କରାଯାଇପାରିବ ବୋଲି ଗୋର୍ କହିଛନ୍ତି। ସେ କହିଛନ୍ତି, କୌଣସି ଅଂଶୀଦାର ଭାରତଠାରୁ ଅଧିକ ଜରୁରୀ ନୁହେଁ। ଏକ ମହତ୍ୱାକାଂକ୍ଷୀ ଏଜେଣ୍ଡାକୁ ଅନୁସରଣ କରିବା ତାଙ୍କର ଲକ୍ଷ୍ୟ। ପ୍ରକୃତ ରଣନୈତିକ ସହଯୋଗୀ ଭାବେ ଆମେ ଏହା କରିବୁ ବୋଲି ଆମେରିକା ରାଷ୍ଟ୍ରଦୂତ କହିଛନ୍ତି।

ଟ୍ରମ୍ପ୍ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବନ୍ଧୁତାକୁ ସେ ବାସ୍ତବ ବୋଲି କହିବା ସହ ଦୁଇଦେଶ ମଧ୍ୟରେ ରହିଥିବା ମତପାର୍ଥକ୍ୟ ଦୂର କରିବାରେ ଏହା ସହାୟକ ହେବ। ଭାରତ ଉପରେ ଟ୍ରମ୍ପ୍ ପ୍ରଥମେ ୨୫ ପ୍ରତିଶତ ଜବାବୀ ଟାରିଫ୍ ଲଗାଇଥିଲେ। ତେବେ ରୁଷିଆରୁ ଭାରତ ତେଲ କିଣା ଜାରି ରଖିଥିବାରୁ ଅତିରିକ୍ତ ୨୫ ପ୍ରତିଶତ ☞ପୃଷ୍ଠା-୨

# ଲେଉଟିଲା ଶୀତ, ୪ ଡିଗ୍ରୀ ଯାଏ ଖସିଲା ପାରଦ

ଭୁବନେଶ୍ୱର,୧୨।୧(ବନ୍ଦନା ସେଠୀ)

ଦିନକ ପରେ ପୁଣି ଲେଉଟିଛି ଶୀତ। ରାଜ୍ୟର ବିଭିନ୍ନ ସହରରେ ପାରଦ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଥିବାବେଳେ ଆଗାମୀ ଦିନରେ ତାପମାତ୍ରା ଆହୁରି ନିମ୍ନଗାମୀ ହେବ। ଫଳରେ ଶୀତ ଆହୁରି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। କେନ୍ଦ୍ରର ସୂଚନାନୁସାରେ, ଆଗାମୀ ୩ଦିନ ସାରା ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ବିଭିନ୍ନ ଜିଲାକୁ ସତର୍କ କରାଯାଇଛି। ମଙ୍ଗଳବାର ଓ ବୁଧବାର ଝାରସୁଗୁଡା, ଅନୁଗୋଳ ଏବଂ ବୌଦ୍ଧ ଜିଲାକୁ ଥଣ୍ଡା ପାଇଁ ୟେଲୋ ୱାର୍ନିଂ ଦିଆଯାଇଥିବାବେଳେ ଗୁରୁବାର ସୁନ୍ଦରଗଡ଼, ଝାରସୁଗୁଡା, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାକୁ ଆଲର୍ଟ ଜାରି ହୋଇଛି।

ବିଭାଗର ତଥ୍ୟ ଅନୁଯାୟୀ, ରବିବାର ଦାରିଙ୍ଗବାଡିରେ ସର୍ବନିମ୍ନ ରାତି ତାପମାତ୍ରା ୬.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ୧୦ ଡିଗ୍ରୀ ତଳେ ୬ ସହର ରହିଥିଲା। ହେଲେ ଗତ ୨୪ ଘଣ୍ଟାରେ ୧୦ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲାବେଳେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଇତିହାସର ପ୍ରତିଶୋଧ ବୋକାମି**

# ପ୍ରଶ୍ନପତ୍ର ଲିକ୍ ରୋକିବ ଏଆଇ କ୍ୟାମେରା

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

### ଯୁକ୍ତ୨ ପରୀକ୍ଷା: ଫର୍ମପୂରଣ କରିଛନ୍ତି ୪,୦୧,୬୨୩ ଛାତ୍ରୀଛାତ୍ର

ଯୁକ୍ତ୨ ପରୀକ୍ଷାକୁ ସ୍ୱଚ୍ଛ ତଥା ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ସବୁ ସ୍ତରରୁ ପ୍ରୟାସ ଚାଲିଛି। ଇତିମଧ୍ୟରେ ଗତ ୨ ତାରିଖରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଛି। ଫେବୃଆରୀ ୧୮ରୁ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକର ଥିଓରି ଆରମ୍ଭ ହେବ ଓ ଏହା ୨୨ଦିନ ଧରି ଚାଲିବ। ଫେବୃଆରୀ ୧୫ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବ। ତେବେ ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏଆଇ କ୍ୟାମେରା ବ୍ୟବହାର କରିବ ବୋଲି ପରିଷଦ ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୧୧ ହବ୍‌ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କ୍ୟାମେରା ସ୍ଥାପନ କରିବ। ଏଥିପାଇଁ କଲେଜ ଇଣ୍ଟରନେଟ୍ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଏଆଇ କ୍ୟାମେରାରେ ୧୨୮ ଜିବି ମେମୋରୀ କାର୍ଡ ଲଗାଯିବ। ଏଥିପାଇଁ ପାୱାର ବ୍ୟାକ୍‌ଅପ୍ ଦିଆଯିବ। ଫେବୃଆରୀ ୯ ସୁଦ୍ଧା ସବୁ ହବ୍‌ରେ ଲଗାଯିବ। ଅନ୍ୟପଟେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପ୍ରଥମ ଥର ପାଇଁ ପ୍ରାକ୍ଟିକାଲ ପରୀକ୍ଷାକୁ ଏହି କଣ୍ଟ୍ରୋଲ ରୁମରୁ ମନିଟର କରାଯାଇଛି। ପୂର୍ବରୁ କେବଳ ଥିଓରି ପରୀକ୍ଷାକୁ କଣ୍ଟ୍ରୋଲ ରୁମ୍‌ରୁ ମନିଟର କରାଯାଉଥିଲା। ଏହାଦ୍ୱାରା ପିଲାମାନଙ୍କ ସମେତ ଏକ୍ସଟରନାଲମାନଙ୍କ ଗତିବିଧି ଉପରେ ମଧ୍ୟ ନଜର ରଖାଯାଉଛି।

ପରିଷଦର ସୂଚନାନୁସାରେ, ୨୦୨୫-୨୬ ଶିକ୍ଷାବର୍ଷ ଯୁକ୍ତ୨ ପରୀକ୍ଷା ପାଇଁ ୪,୦୧,୬୨୩ ଛାତ୍ରୀଛାତ୍ର ଫର୍ମପୂରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୩,୭୬,୫୩୫ ଜଣ ରେଗୁଲାର ଏବଂ ୨୫,୦୮୮ ଏକ୍ସରେଗୁଲାର ପିଲା ରହିଛନ୍ତି। କଳା ବିଭାଗରେ ୨୫୬୭୦୭ ପିଲା ଫର୍ମପୂରଣ କରିଥିବାବେଳେ ୨୪୧୬୨୨ଜଣ ରେଗୁଲାର ଏବଂ ୧୫୦୮୫ଜଣ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ଅଛନ୍ତି। ବାଣିଜ୍ୟ ବିଭାଗରେ ୨୪,୬୨୧ ଜଣଙ୍କ ମଧ୍ୟରୁ ୨୩,୧୦୨ ରେଗୁଲାର ଏବଂ ୧,୫୧୯ ଏକ୍ସ ରେଗୁଲାର, ବିଜ୍ଞାନ ବିଭାଗରେ ଫର୍ମପୂରଣ କରିଥିବା ୧୧୪୩୬୩ ଜଣଙ୍କ ମଧ୍ୟରୁ ୧୦୬୬୪୭ ରେଗୁଲାର ଏବଂ ୭,୭୧୬ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ଅଛନ୍ତି। ସେହିପରି ଧନ୍ଦାମୂଳକରେ ୫,୯୩୨ଜଣ ପଞ୍ଜୀକରଣ କରିଥିବାବେଳେ ୫୧୬୪ ରେଗୁଲାର ଏବଂ ୭୬୮ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। ତେବେ ପରୀକ୍ଷା ସରିବାର ୪୦ଦିନ ଭିତରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି।

# ସଡ଼କ ସୁରକ୍ଷାରେ ସହାୟକ ହେବ ୬ 'ଇ': ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧(ସୁନିତ୍ ମିଶ୍ର)

- ଘାଟି ରାସ୍ତାରେ ଗାଡ଼ିଚାଳକଙ୍କୁ ସତର୍କ କରାଇବ ସାଇରନ୍
- ଭୁବନେଶ୍ୱରରେ ୧୫ ଚାର୍ଜିଂ ଷ୍ଟେଶନର ଲୋକାର୍ପଣ

ସଡ଼କ ସୁରକ୍ଷା ପାଇଁ ପୂର୍ବରୁ ୪ଟି 'ଇ' ପାଳନ କରିବା ଉପରେ ସରକାର ଗୁରୁତ୍ୱ ଦେଉଥିଲେ। ସେଗୁଡ଼ିକ ହେଲା ଏଜୁକେଶନ, ଏନ୍‌ଫୋର୍ସମେଣ୍ଟ, ଇଞ୍ଜିନିୟରିଂ ଓ ଏମର୍ଜେନ୍ସି। ଏବେ ଏଥିରେ ଆଉ ୨ 'ଇ'କୁ ଅନୁପାଳନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଥିଲେ। ସେହି ଦୁଇଟି ହେଉଛି ଏନଭାୟରନମେଣ୍ଟ ଓ ଇଭାଲ୍ୟୁଏଶନ। ଯାନବାହନର ପ୍ରଦୂଷଣ ନିୟମକୁ ଠିକ୍ ଭାବେ ପାଳନ କରିବା ସହିତ ସଡ଼କ ସୁରକ୍ଷାର ଯେଉଁ ନିୟମଗୁଡ଼ିକ ଅଛି, ତାହାର ଫଳାଫଳ ସମ୍ପର୍କରେ ଉପଯୁକ୍ତ ମୂଲ୍ୟାୟନ କରିବା ଜରୁରୀ। ଏହି ମୂଲ୍ୟାୟନକୁ ଭିତ୍ତିକରି ବିଭିନ୍ନ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ପରିବର୍ତ୍ତନ କିମ୍ବା ଆହୁରି ଉନ୍ନତ କରାଯାଇପାରିବ ବୋଲି ସେ କହିଛନ୍ତି।

ଲୋକସେବା ଭବନ କନଭେନଶନ ସେଣ୍ଟରଠାରେ ସୋମବାର ଆୟୋଜିତ ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, ରାଜ୍ୟର ସଡ଼କ ସୁରକ୍ଷା ଓ ବିକାଶ କ୍ଷେତ୍ରରେ ଆଜି ଏକ ଐତିହାସିକ ଦିନ। ସାରା ରାଜ୍ୟରେ ଏବେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି। ଏବେଠାରୁ ସଡ଼କ ସୁରକ୍ଷାକୁ ସୁଶାସନର ଅଂଶ ଭାବେ ଗ୍ରହଣ କରାଗଲା। ଏହାଦ୍ୱାରା ସରକାରୀ ଅଧିକାରୀମାନେ ଏହା ଉପରେ ଅଧିକ ସତର୍କ ରହିବେ। ଏହି ଅବସରରେ 'ମୁଖ୍ୟମନ୍ତ୍ରୀ ସଡ଼କ ☞ପୃଷ୍ଠା-୨

# ରାଉରକେଲାକୁ ଉଡ଼ିବ ୭୨ ଆସନ ବିଶିଷ୍ଟ ବିମାନ: ପରିବହନ ମନ୍ତ୍ରୀ

ରାଉରକେଲା,୧୨।୧(ସଙ୍ଗୀତା ଜେନା)

ରାଉରକେଲା ଜଲଦା ଫାଣ୍ଡି ଗଡ଼ିଆଟୋଲା ଓ ବନଟୋଲା ମଧ୍ୟବର୍ତ୍ତୀ ଅଞ୍ଚଳରେ ଗତ ଶନିବାର ଅପରାହ୍ନ ସାଢ଼େ ୧ଟାରେ ହୋଇଥିବା ବିମାନ ଦୁର୍ଘଟଣାର ତଦନ୍ତ ରବିବାରଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ସୋମବାର ସକାଳ ୬ଟାରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦୁର୍ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା କହିଲେ, ସମସ୍ତ ଆହତ ସୁରକ୍ଷିତ ଅଛନ୍ତି। ଈଶ୍ୱରଙ୍କ କୃପାରୁ କୌଣସି ଜୀବନହାନି ହୋଇନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଦୁର୍ଘଟଣା ସମୟରେ ସ୍ଥାନୀୟ ଲୋକଙ୍କ ସହଯୋଗ



ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳ ଅନୁଧ୍ୟାନ କରୁଛନ୍ତି।

କେବେ ଭୁଲି ହେବନାହିଁ। ସାହସୀ ଗ୍ରାମବାସୀଙ୍କୁ ସମ୍ମାନିତ କରାଯିବ। ଦୁର୍ଘଟଣାର କାରଣ ବିଷୟରେ ଅନୁଧ୍ୟାନ କରାଯାଉଛି। ଭବିଷ୍ୟତରେ ସୁରକ୍ଷିତ ଉଡାଣ ସୁନିଶ୍ଚିତ କରାଯିବ। ସମ୍ପ୍ରତି ୯ ଆସନ ବିଶିଷ୍ଟ ବିମାନ ଚଳାଚଳ କରୁଛି। ଖୁବ୍‌ଶୀଘ୍ର ବିମାନବନ୍ଦର ଜମି ସମସ୍ୟା ଦୂର ହେବାକୁ ଯାଉଛି। ବର୍ତ୍ତମାନ ସେଲ୍ ପରିଚାଳିତ ବିମାନବନ୍ଦରକୁ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଉଛି। ଖୁବ୍‌ଶୀଘ୍ର ପୁଣି ୭୨ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରିବ ବୋଲି ମନ୍ତ୍ରୀ ଜେନା କହିଥିଲେ। ପରେ ସେ ଜେପି ହସ୍ପିଟାଲ ଯାଇ ଆହତ ଓ ସେମାନଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ଏହି ସମୟରେ ଜିଲାପାଳ ଶୁଭଙ୍କର ମହାପାତ୍ର, ଏଡିଏମ୍ ଦୀନା ଦସ୍ତଗୀର, ଭାଜପା ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେର୍‌କେଟା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଇଣ୍ଡିଆ ୱାନ ଏୟାର ପ୍ରମୋଟର ଶୈଶବ ଆର୍. ଶାହା ମଧ୍ୟ ଆହତଙ୍କୁ ଭେଟିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ସୋମବାର ଅପରାହ୍ନ ୧ଟାରେ ☞ପୃଷ୍ଠା-୨


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ବୃଦ୍ଧାଙ୍କୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା

ଉଦଳା,୧୨।୧(ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଅମ୍ବିକାଦେଇପୁର ମାହାଲୀସାହି ଗ୍ରାମରେ ସୋମବାର ଜଣେ ୭୫ ବର୍ଷର ବୃଦ୍ଧାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ପୋଲିସ ଅଭିଯୁକ୍ତ ରଘୁ ହେମ୍ବ୍ରମଙ୍କୁ ଗିରଫ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଅପରାହ୍ନରେ ବୃଦ୍ଧାଜଣଙ୍କ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ପଡ଼ୋଶୀ ରଘୁ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ପରେ ଏକ ପଥରରେ ଛେଚି ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ୟୁନିଟ୍ ୪, ସମୟ: ସକାଳ ୮ଟା ୩୦।
- ଏକମ୍ ଇଣ୍ଟରନ୍ୟାଶନାଲ୍ କ୍ଲାସିକ୍ ସୋଲୋ ଡ୍ୟାନ୍ସ ଫେଷ୍ଟିଭାଲ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜଳସମ୍ପଦ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ବରିଷ୍ଠ ନାଗରିକ ମଞ୍ଚର ପ୍ରସ୍ତୁତି ବୈଠକ, ସ୍ଥାନ: ମଞ୍ଚ କାର୍ଯ୍ୟାଳୟ, ଖଇରା, ସମୟ: ସକାଳ ୯ଟା।
- ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଦରଖୋଲି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଲଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ, ସ୍ଥାନ: ଗଣ୍ଡିବେଡ଼ ହାଇସ୍କୁଲ ପଡିଆ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ, ସ୍ଥାନ: ଲିଫ୍ଟ ଇରିଗେଶନ୍ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପିଏମଶ୍ରୀ ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ବିଦ୍ୟାଳୟ ପରିସର, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଭଜନ ଶ୍ରୀକ୍ଷେତ୍ରର ବାର୍ଷିକ ଉତ୍ସବ, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ପଦୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଅଲ୍ ଇଣ୍ଡିଆ ନ୍ୟାଶନାଲ ଟ୍ରେକିଂ କ୍ୟାମ୍ପର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ଆସ ସ୍କୁଲ ଯିବା ଅଭିଯାନ, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ନରେନ୍ଦ୍ରପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ମୋତିଆବିନ୍ଦୁ ପରୀକ୍ଷା ଶିବିର, ସ୍ଥାନ: ଆଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମଶ୍ରୀ ଉତ୍ସବ ଓ ପାଭିଲିୟନ ଉଦ୍‌ଘାଟନ, ସ୍ଥାନ: ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଦୋଳମଣ୍ଡପ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନିଳୋକ ହାଇସ୍କୁଲ, ବନ୍ତ, ସମୟ: ଅପରାହ୍ନ ୨ଟା।
- ସ୍ୱର୍ଣ୍ଣ ଧନୁଷ ପରିକ୍ରମା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ସତ୍ୟନାରାୟଣ ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ଡେଙ୍ଗିକୋଟ୍, ସମୟ: ପୂର୍ବାହ୍ନ ୧୦ ଟା ୩୦।

**ମୟୂରଭଞ୍ଜ**
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ:ଛଉ ପଡ଼ିଆ,ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟନ,ସ୍ଥାନ:ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ:ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ,ସ୍ଥାନ:ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଆଧ୍ୟାତ୍ମିକ ସମ୍ମେଳନ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି, ସମୟ: ସକାଳ ୬ଟା।
- ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ ପାଠାଗାର, ସମୟ: ପୂର୍ବାହ୍ନ ୧୧ଟା ୪୫।
- ମା' କାଳୁଆ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ, ଶାସ୍ତ୍ରୀ ନଗର, ଗୋଷାଣିନୂଆଗାଁ, ସମୟ: ରାତି ୮ଟା।

**କନ୍ଧମାଳ**
- ପିଏମଶ୍ରୀ ଉତ୍ସବ, ସ୍ଥାନ: ଭ୍ରମରବାଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

**ଗଜପତି**
- ସ୍ୱତନ୍ତ୍ର ଜାତୀୟ ସେବା ଶିବିର, ସ୍ଥାନ: ମୋହନା ହିଲଟପ ସ୍ନାତକ ମହାବିଦ୍ୟାଳୟ ପରିସର,ସମୟ: ସକାଳ ୭ଟା ୩୦।

**ଢେଙ୍କାନାଳ**
- ନିଯୁକ୍ତି ମେଳା ୨୦୨୫-୨୬, ସ୍ଥାନ: ବ୍ରଜନାଥ ବଡ଼ଜେନା ଉଚ୍ଚବିଦ୍ୟାଳୟ ଖେଳପଡ଼ିଆ, ଢେଙ୍କାନାଳ, ସମୟ: ସକାଳ ୯ଟା।

**ଅନୁଗୋଳ**
- ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଆଠମଲ୍ଲିକ ପିଏମଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପିଏମଶ୍ରୀ ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଆଠମଲ୍ଲିକ ପିଏମଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।

**ଜଗତସିଂହପୁର**
- ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଜନ୍ମଦିନ ଉପଲକ୍ଷେ ହେନ୍ତାଳ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦିନୀ, ରଙ୍ଗିଆଗଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସବୁଜ ବାହିନୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଛାତ୍ରୀଛାତ୍ରଙ୍କୁ ନେଇ ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି ବାଳିକା ବିଦ୍ୟାଳୟ, ମଧୁବନ ପାରାଦୀପ, ସମୟ: ଅପରାହ୍ନ ୨ଟା।

**କେନ୍ଦ୍ରାପଡ଼ା**
- ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ:କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିଅର ଲିଗ୍, ସ୍ଥାନ:ଏମ୍‌ଏନ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଜଷ୍ଟିଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।

**ଯାଜପୁର**
- ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିରେ ଗୁରୁ ପଦ୍ମ ସମ୍ଭବ ସମାବେଶ ୩ୟ ଦିବସ, ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କ ପ୍ରାର୍ଥନା ସଭା, ସ୍ଥାନ: ଉଦୟଗିରି ବୌଦ୍ଧ ପୀଠ, ଯାଜପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଯାଜପୁର ରୋଡ୍ ବ୍ୟାସଦେବ ଟାଉନ୍ ହଲ୍। ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ଓଳାଶୁଣୀ ପୀଠରେ କେଶ ଯାତ୍ରା, ଲଳିତଗିରିଠାରୁ ବାହାରି ଓଳାଶୁଣୀ ପାହାଡ଼ରେ ପହଞ୍ଚିବ, ସ୍ଥାନ: ଓଳାଶୁଣୀ ପୀଠ, ବଡ଼ଚଣା ବ୍ଲକ, ଯାଜପୁର, ସମୟ: ସନ୍ଧ୍ୟା ୬ ଟା।
- ବଡ଼ଚଣା ମହୋତ୍ସବର ଉଦ୍‌ଯାପନୀ ସମାରୋହ, ଓଲିଉଡ ଗାୟିକା ଲିପସା ମହାପାତ୍ରଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ବଡ଼ଚଣା, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ରାମ ଚରିତ ମାନସ ପାରାୟଣର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୭ଟା।
- ଶ୍ରୀରଘୁନାଥଙ୍କର ବିବିଧ ଅର୍ଚ୍ଚନ, ପୂଜନ, ହବନ, ସ୍ମରଣ, ବନ୍ଦନ ଭଳି କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଦଶପଲ୍ଲା ମହାବୀର ଖୋର୍ଦ୍ଧା, ସମୟ:ସକାଳ ୭ରୁ ରାତ୍ର ୧୦ଟା।
- ଭୂୟାଁଣୀ ମକରଯାତ୍ରାର ୪ର୍ଥ ଦିବସ, ସ୍ଥାନ: ସୋଲପଟାର ମା' ଭୂୟାଁଣୀଙ୍କ ପୀଠ, ସମୟ: ସକାଳ ୮ଟା।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କୁମ୍ଭାରପଡା କୁଆଁରିଆ ପଡିଆ , ସମୟ: ମଧ୍ୟାହ୍ନ ୧୨ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟ ମ୍ୟାଚରେ ବ୍ରହ୍ମପୁରା ବନାମ ଖଳିସାହି, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ବଡ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା ୯ମ ଯୁବ ମହୋତ୍ସବର ଉଦ୍‌ଯାପନ ଦିବସରେ ପ୍ରିୟଜନଙ୍କୁ ଚିଠି ଟିଏ ଏକକ ଅଭିନୟ ପ୍ରତିଯୋଗିତା, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହକ ମଇଦାନ, ସମୟ:ଅପରାହ୍ନ ୨ଟା।
- ଦଶପଲ୍ଲା ୯ମ ଯୁବ ମହୋତ୍ସବର ଉଦ୍‌ଯାପନ ଦିବସରେ ସନ୍ଧ୍ୟା ଅଧିବେଶନରେ ସଭା, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହକ ମଇଦାନ, ସମୟ:ଅପରାହ୍ନ ୫ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିବସରେ ମ୍ୟାଚ ତାର୍ଜନ କ୍ଲବ କଟକ ବନାମ ସାନ୍ କ୍ଲବ ଭୁବନେଶ୍ୱର, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ:ଅପରାହ୍ନ ୩ଟା।
- ସୁଭଦ୍ରା ଶକ୍ତିମେଳାର ୨ୟ ଦିବସ, ସ୍ଥାନ: ନୟାଗଡ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତ୍ର ସାଢ଼େ ୯ଟା।
- ଦଶପଲ୍ଲା ୯ମ ଯୁବ ମହୋତ୍ସବର ଉଦ୍‌ଯାପନ ଦିବସରେ ସାଂସ୍କୃତିକ ଆସର ଓ ଐତିହାସିକ ନାଟକ, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହକ ମଇଦାନ, ସମୟ:ସନ୍ଧ୍ୟା ୭ଟା।
- ନବାଙ୍କ ବେଢ଼ା, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ଭୋଗି ପାଳନ, ସ୍ଥାନ: ଟିକିରି, ସମୟ: ରାତି ୧୨ଟା।

**ନବରଙ୍ଗପୁର**
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବୁଢ଼ାରାଜା ଚାଉଁରିଆ ଚଟା ମହୋତ୍ସବ, ସ୍ଥାନ: ଝରିଗାଁ ବ୍ଲକ ଚଟା ଗ୍ରାମ, ସମୟ: ଅପରାହ୍ନ ୩ଟା।

**କୋରାପୁଟ**
- ଇଣ୍ଟର କଲେଜ ଟେପିନ ହିଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: କୋଟପାଡ଼ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମଶ୍ରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଏମଶ୍ରୀ ଉତ୍ସବ, ସ୍ଥାନ: ବ୍ଲକ କଲୋନୀ ବିଦ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

# ହନୁମାନ ଚାଳିଶା ପଢ଼ୁଛନ୍ତି ପରିଣୀତି



ପରିଣୀତି ଚୋପ୍ରା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ନିକଟରେ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ସେ ଏବେ ତାଙ୍କ ପ୍ରସବ ପରେ ଜୀବନ ବିଷୟରେ ମୁହଁ ଖୋଲିଛନ୍ତି। ପ୍ରସବର ଦୁଇ ମାସ ପରେ ସେ ଧୀରେ ଧୀରେ ସାଧାରଣ ଜୀବନକୁ ଫେରୁଛନ୍ତି। ପ୍ରସବ ପରେ ସେ କିପରି ନିଜକୁ ଶାନ୍ତ ରଖିଛନ୍ତି ତାହା ଶେୟାର କରିଛନ୍ତି।

ପରିଣୀତିଙ୍କ ମତରେ, ମାନସିକ ସ୍ୱାସ୍ଥ୍ୟ ଏବଂ ଧ୍ୟାନ ବର୍ତ୍ତମାନ ତାଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ସକାରାତ୍ମକ ଚିନ୍ତାଧାରା ମଧ୍ୟ ଶରୀରକୁ ଶକ୍ତିଶାଳୀ ରଖେ। ଯଦି ମନ ସକାରାତ୍ମକ, ତେବେ ଶରୀର ଏହା ଅନୁସରଣ କରେ। ଅଧିକାଂଶ ଲୋକ ସେମାନଙ୍କ ସକାଳ ସେମାନଙ୍କର ଫୋନ୍ ଯାଞ୍ଚ କରି ଆରମ୍ଭ କରନ୍ତି, କିନ୍ତୁ ଏହା କ୍ଷତିକାରକ ବୋଲି ଭାବନ୍ତି ପରିଣୀତି। ସେ କୁହନ୍ତି, ସବୁଠାରୁ ଖରାପ ଅଭ୍ୟାସ ହେଉଛି ଉଠିବା ମାତ୍ରେ ଫୋନ୍ ସ୍କ୍ରଲ୍ କରିବା। ଏହା ମନକୁ ପ୍ରାୟ ଅସ୍ପଷ୍ଟ କରିଦିଏ ଏବଂ ସମ୍ପୂର୍ଣ୍ଣ ଦିନକୁ ନଷ୍ଟ କରିପାରେ। ତେଣୁ ଉଠିବା ପରେ ମୁଁ ଫୋନ୍ ଛୁଏଁ ନାହିଁ। ଏହା ବଦଳରେ ମୁଁ ନିଜକୁ କିଛି ଶାନ୍ତ ସମୟ ଦିଏ। ମୁଁ ମନ୍ତ୍ର ଜପ କରେ। ଉଠିବା ମାତ୍ରେ ହନୁମାନ ଚାଳିଶା ପଢ଼େ। ଏହାସହ ଗୋଟିଏ ଘଣ୍ଟା ପାଇଁ ଏକାନ୍ତରେ ବସିବା, ସଙ୍ଗୀତ ଶୁଣିବା, ପ୍ରକୃତିକୁ ଉପଭୋଗ କରିବା ମନକୁ ଶାନ୍ତ ରହିବାରେ ସାହାଯ୍ୟ କରେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ବୃଥା ବିବାଦ, କଥା କଟାକଟି, ଟଣାଓଟରା ମଧ୍ୟରେ ଠିକ୍ ନିଷ୍ପତ୍ତିରେ ଉପନୀତ ହୋଇପାରିବେ ନାହିଁ। କିନ୍ତୁ ପାରିବାରିକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିପାରିବେ। ଅର୍ଥ ସଙ୍କଟକୁ ବନ୍ଧୁ ସୁଧାରିନେବେ, କିନ୍ତୁ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ।

**ବୃଷ**
ବୁଧଙ୍କ ସ୍ଥିତିଜନିତ ଶିକ୍ଷା, ଇଣ୍ଟରଭ୍ୟୁ, ସନ୍ତାନଙ୍କ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ। ଯାତ୍ରାକାଳରେ ଅପରିଚିତାଙ୍କ ସହ ମିତ୍ରତା କରିବାକୁ ଯାଇ ଅସୁବିଧାରେ ପଡ଼ିପାରନ୍ତି। ଗୃହସୀମା, ଗାଡ଼ି ମୋଟର, ପ୍ରତିଦ୍ୱନ୍ଦ୍ୱିତାରେ ଉଦ୍‌ବେଗ ବଢ଼ିପାରେ। ତୃତୀୟାଧିପ ଷଷ୍ଠସ୍ଥ ଯୋଗୁ ଭାଇନ୍‌ଭଉଣୀଙ୍କ ମତାନ୍ତରର ଆଶଙ୍କା ରହିଛି।

**ମିଥୁନ**
ଷଷ୍ଠାଧିପ ମଙ୍ଗଳ ସପ୍ତମସ୍ଥ ଯୋଗୁ ପରିବାରରେ ବିତର୍କ ସାଙ୍ଗକୁ ଯାତ୍ରା, ବାଣିଜ୍ୟ ବାଧାପ୍ରାପ୍ତ ହୋଇପାରେ। ଶିକ୍ଷା,ପରୀକ୍ଷା,ନୂତନ ବନ୍ଧୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବା ଆଶା ରହିଛି। ବନ୍ଧୁଙ୍କ ନିକଟରେ ମନକଥା ଲୁଚାଇ ରଖିପାରିବେ ନାହିଁ , କିନ୍ତୁ କହିସାରିବା ପରେ ମନସ୍ତାପ କରିବେ।

**କର୍କଟ**
ରାଶ୍ୟାଧିପ ଚତୁର୍ଥ କେନ୍ଦ୍ରରେ ଅବସ୍ଥାନ କରିଥିବାରୁ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ରର ପରିସ୍ଥିତି ସ୍ୱାଭାବିକ ରହିବ। ଶନି କ୍ଷେତ୍ରସ୍ଥ ଶୁକ୍ର ଯୋଗୁ ଭଲ ଚିନ୍ତାକଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝିପାରିବେ ନାହିଁ। କିନ୍ତୁ ଉଚ୍ଚାରୋହୀ ମଙ୍ଗଳଙ୍କ ପ୍ରଭାବରେ ଅଟକି ରହିଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ।

**ସିଂହ**
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପରିବାର, ଯାତ୍ରା, ବନ୍ଧୁସମ୍ପର୍କ ଏବଂ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଅବିସ୍ମରଣୀୟ ରହିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପଶ୍ଚାତେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ସାହିତ୍ୟ, ଗବେଷଣା, କ୍ରୀଡ଼ା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ।

**କନ୍ୟା**
ମୁଖଭାବସ୍ଥ ଚନ୍ଦ୍ର ପ୍ରଭାବରେ ଆର୍ଥିକ ଉନ୍ନତି, ବନ୍ଧୁମିଳନ ଏବଂ କର୍ମାରମ୍ଭ ପାଇଁ ଆନୁଷଙ୍ଗିକ ଆବଶ୍ୟକତା ପାଇପାରିବେ। ସହକର୍ମୀ ସହଯୋଗର ହାତ ବଢ଼ାଇପାରନ୍ତି। ପାରିବାରିକ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଚିନ୍ତାକରିବେ। ମାଙ୍ଗଳିକ କାର୍ଯ୍ୟ, ନୂତନ ବାଣିଜ୍ୟ,ଭ୍ରମଣ ସକାଶେ ଯୋଜନା କରିପାରନ୍ତି।

**ତୁଳା**
ପ୍ରତ୍ୟେକ ଦିଗରୁ କିଛି ନା କିଛି ବ୍ୟତିକ୍ରମ ରହିଥିଲେ ମଧ୍ୟ ଲକ୍ଷ୍ୟପଥର ଯାତ୍ରା ଅବ୍ୟାହତ ରହିବ। ପାରିବାରିକ ଅବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବ। ମଙ୍ଗଳଙ୍କ ସୁପ୍ରଭାବରୁ ଜମିଜମା କିମ୍ବା ଅର୍ଥସମ୍ପର୍କିତ ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ବନ୍ଧୁଙ୍କ ସହ ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ।

**ବିଛା**
ବୃହସ୍ପତିଙ୍କ ସୁଦୃଷ୍ଟିଜନିତ ନୂତନ ଚିନ୍ତା, ବନ୍ଧୁ ସମ୍ପର୍କ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ପ୍ରାପ୍ତ ହେବେ। କର୍ମକ୍ଷେତ୍ରରେ ସମୟୋଚିତ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ସାହିତ୍ୟ, ସାମ୍ବାଦିକତା ଏବଂ ସଭାସମିତି କ୍ଷେତ୍ରରେ ପ୍ରଶଂସିତ ହେବେ। ଅନୁରାଧା ନକ୍ଷତ୍ର ସକାଶେ କୌଣସି ଜଣାଶୁଣା ବ୍ୟକ୍ତିଙ୍କ ପ୍ରତିରୋଧ ଆଶାକୁ ପ୍ରତିହତ କରିପାରେ।

**ଧନୁ**
ଧନଭାବସ୍ଥ ଶୁକ୍ର ବନ୍ଧୁଙ୍କ ନିକଟରୁ ଆଦର, ଗୌରବ ପାଇବା ସହ ମନୋରଞ୍ଜନର ପରିବେଶ ପ୍ରଦାନ କରିବ। ଈର୍ଷାପରାୟଣ ସହକର୍ମୀଙ୍କ ପ୍ରାୟୋଜିତ ମିଥ୍ୟାଭିଯୋଗ କର୍ମକ୍ଷେତ୍ର ସକାଶେ ବାଧକ ସାଜିବା ଆଶଙ୍କା ରହିଛି। ମନ ଭଲ ନ ଥିଲେ ମଧ୍ୟ ଦୈନିକଚର୍ଯ୍ୟା କ୍ଷେତ୍ରରେ ନିତିଦିନିଆ କାମକୁ ଛାଡ଼ିପାରିବେ ନାହିଁ।

**ମକର**
ତୃତୀୟାଧିପ ଷଷ୍ଠସ୍ଥ ଯୋଗୁ ବନ୍ଧୁ ବିରୋଧ ସାଙ୍ଗକୁ ଭ୍ରାତୃ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ। ନିଜ କାମ ଛାଡ଼ି ଆଜ୍ଞାବହ ଭାବରେ ପର କାମରେ ମନ ଦେଇ ଘରକାମକୁ ଅଣଦେଖା କରିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଏବଂ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ। ବକେୟା ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**କୁମ୍ଭ**
ଦ୍ୱିତୀୟସ୍ଥ ଶନିଙ୍କ ସ୍ଥିତି ଆର୍ଥିକ ଅନଟନ ସାଙ୍ଗକୁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରାଇ ଭାବୁକ ବନାଇଦେଇପାରେ। ଆଜି ଆପଣଙ୍କ କୌଣସି କାମ ଅଟକିବ ନାହିଁ ତଥାପି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଶିଳ୍ପ,ବାଣିଜ୍ୟ, ପରିବହନ, ନିର୍ମାଣ ଏବଂ କଚେରି ମାମଲାରେ ସଫଳତା ମିଳିବ। ଥଣ୍ଡାଜନିତ ପୀଡ଼ାରେ କଷ୍ଟ ଅନୁଭବ କରିପାରନ୍ତି।

**ମୀନ**
ବନ୍ଧୁଙ୍କ ଅନୁରୋଧରେ ଆନୁଷ୍ଠାନିକ କାମରେ ଖଟଣି ବଢ଼ିଯିବ, କିନ୍ତୁ ଆଶାନୁରୂପ ସଫଳତା ପାଇବେ ନାହିଁ। ବ୍ୟବସାୟ, ପରିବହନ, ଦୂରଯାତ୍ରାରୁ ସୁଫଳ ପାଇବେ। ଏକାଦଶ ଭାବରେ ଶୁକ୍ର ଉଚ୍ଚଶିକ୍ଷା, ସନ୍ତାନଙ୍କ କୃତିତ୍ୱ ଏବଂ ବନ୍ଧୁଙ୍କ ସହ ଆଲୋଚନାର ସୁଯୋଗ ପ୍ରଦାନ କରିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟିକ ଦିଗରୁ ଦିନଟି ପ୍ରୀତିପ୍ରଦ ରହିବ।

ଆଜି ଜାନୁଆରୀ ୧୩ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନବାଙ୍କ ବେଶ ଓ ଫୁଲ ମେଲାଣ, ମାଘ କୃଷ୍ଣ ଦଶମୀଯୁକ୍ତ ଏକାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର- ବିଶାଖା/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ସକାଳ ଘ.୦୬।୨୭ ଗତେ, ଘ.୦୭।୧୧ ମଧ୍ୟେ, ଦିବା ଘ.୦୯।୧୧ ଗତେ, ଘ.୧୧।୩୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୯ ଗତେ, ଘ.୦୪।୦୦ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ବିଧାନସଭା ଆସନ...

ଘୋଷଣା କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ନରସିଂହ କହିଛନ୍ତି, ୫୦ବର୍ଷ ପୂର୍ବରୁ ବିଧାନସଭା ଆସନ ୧୪୦ରୁ ୧୪୭କୁ ବଢ଼ିଥିଲା। ଏବେ ଏହି ସଂଖ୍ୟା ବଢ଼ିବାର ଆବଶ୍ୟକତା ରହିଛି। ଯଦି ବାସ୍ତବରେ ଏହା ହୁଏ, ରାଜ୍ୟବାସୀଙ୍କ ପାଇଁ ଫଳପ୍ରଦ ହେବ। ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, ରାଜ୍ୟରେ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଘର ଗଣନା ହେବ ବୋଲି ନିକଟରେ ରାଜ୍ୟ ଜନଗଣନା ନିର୍ଦ୍ଦେଶକ କହିଛନ୍ତି। ଏହାର ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମାର୍ଚ୍ଚ ଶେଷ ବେଳକୁ ଜଣାପଡ଼ିବ। ରାଜ୍ୟରେ ଜନସଂଖ୍ୟା ଆଧାରରେ କେତେ ଆସନ ବଢ଼ିବ ତାହାକୁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନିର୍ଦ୍ଧାରଣ କରାଯିବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ ଲୋକଦେଖାଣିଆ। ବିଜେଡି ସରକାର ସମୟରେ ଲୋକସେବା ଭବନର ଅଧିକ କୋଠା ନିର୍ମାଣ କରିବା ଲାଗି ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସ୍ଥାନ ଚିହ୍ନଟ ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ଯଦି ଏହାକୁ ଦେଖି କହୁଥିବେ, ତେବେ ସେଥିରେ କିଛି କହିବାର ନାହିଁ ବୋଲି ପ୍ରତାପ ଦେବ କହିଛନ୍ତି। ସେହିପରି ବିଜେଡିର ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ରାଜ୍ୟରେ ଧାନମଣ୍ଡିଗୁଡ଼ିକରେ ଧାନ ପଡ଼ିଛି ଯେ, ଚାଷୀ କାନ୍ଦୁଛନ୍ତି। ଯଦି ସ୍ଥିତି ଏହିପରି ବଜାୟ ରୁହେ ତେବେ ଚାଷୀ ଆତ୍ମହତ୍ୟା କରିବାକୁ ବାଧହେବେ। ଅନ୍ୟପକ୍ଷରେ ରାଜ୍ୟରେ ଏପର୍ଯ୍ୟନ୍ତ ଜନଗଣନା ଆରମ୍ଭ ହୋଇନାହିଁ। ଚଳିତବର୍ଷ ଏପ୍ରିଲରୁ ଘରଗଣନା ହେବାକୁରହିଛି। ଜନଗଣନା ପରେ ସରକାର ସୀମା ପୁନଃନିର୍ଦ୍ଧାରଣ କରିବେ। ଏହାପରେ କେତେ ଆସନ ବଢ଼ିବ କୁହାଯାଇପାରେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ କପୋଳକଳ୍ପିତ ଛଡ଼ା ଆଉ କିଛି ନୁହେଁ। ମୁଖ୍ୟମନ୍ତ୍ରୀ ଯେଉଁ ଲୋକସେବା ଭବନ ଏବଂ ବିଧାନସଭାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଏଥିପାଇଁ ଟଙ୍କା ବରାଦ କରାଯାଇଛି ନା କେବଳ ଅଟକଳରେ ରହିଛି ବୋଲି ଅଶୋକ ପଣ୍ଡା ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ରାଜ୍ୟ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ଏହାଦ୍ୱାରା ପ୍ରଶାସନ ଗତିଶୀଳ ହେବା ସହିତ ଲୋକଙ୍କୁ ତ୍ୱରିତ୍ ନ୍ୟାୟ ମିଳିବ। ଘୋଷଣା ଅନୁଯାୟୀ ସରକାର କାର୍ଯ୍ୟ କଲେ ଆଗାମୀ ଦିନରେ ଭାଜପା ଅଧିକ ଲୋକାଦୃତ ହୋଇପାରିବ।

## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଇତିପିତା ଇତିପିତା**
**ଦେଲା ମାଉସୀ ନଳିତା ପିତା**
**ନଳିତା ଶାଗ ପିତା ଲାଗେ**
**କିନ୍ତୁ ଏହା ଖିଆଯାଏ ।**

ସାଧାରଣତଃ ନଳିତା ଶାଗ ପାଟିକୁ ପିତା ଲାଗିଥାଏ। ତେବେ ଏହା ପିତା ଲାଗୁଥିଲେ ମଧ୍ୟ ସ୍ୱାସ୍ଥ୍ୟପକ୍ଷେ ଖୁବ୍ ହିତକର ହୋଇଥିବା ଦୃଷ୍ଟିରୁ ଏହାକୁ ଖାଇବା ଲାଗି ଏଠାରେ ପରାମର୍ଶ ଦିଆଯାଇଛି।

**ଇଆଡ଼େ ପାଣି, ସିଆଡ଼େ ପାଣି**
**କେମିତି ଯିବି ନ ପାରେ ଜାଣି ।**

ଇଆଡ଼େ ପାଣି ସିଆଡ଼େ ପାଣି ଭଳି ଦୁଇପଟରେ ଅସୁବିଧା ଦେଖାଦେଲେ ମଣିଷ ହରଡ଼ଘଣାରେ ପଡ଼ିଯାଏ। ଏପରି ସ୍ଥଳେ କେଉଁଟା କରିବ କେଉଁଟା ନ କରିବ ଏନେଇ ଦ୍ୱନ୍ଦ୍ୱ ଉପୁଜିଥାଏ। କେଉଁ କୂଳରେ ନ ହେବାର ସ୍ଥିତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ





ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଗୋଟିଏ କ୍ୟାମ୍ପସରେ...

ଆସନ ସଂଖ୍ୟା ବଢ଼ିବ। ତେଣୁ ଅତ୍ୟାଧୁନିକ ଲୋକସେବା ଭବନ ଏବଂ ବିଧାନସଭା କ୍ୟାମ୍ପସର ଆବଶ୍ୟକତା ରହିଛି। ଏହି ନୂତନ ପ୍ରକଳ୍ପ ପାଇଁ ୩୬୨୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ଅବସରରେ ବିଭାଗ ପକ୍ଷରୁ ନୂତନ ଲୋକସେବା ଭବନ ଏବଂ ବିଧାନସଭାର ପରିକଳ୍ପିତ ରୂପ ଥ୍ରିଡି ମାଧ୍ୟମରେ ଆଗକୁ ଅଣାଯାଇଛି।

ମୁଖ୍ୟମନ୍ତ୍ରୀ ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ପୂର୍ତ୍ତ ବିଭାଗର ୬୭୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ସମୁଦାୟ ୭୧ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱରର ଯେପରି କାୟାକଳ୍ପ ହେବ, ତାକୁ ଦୃଷ୍ଟିରେ ରଖି ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୯୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂଆ ଏଲିଭେଟେଡ କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପର ପରିକଳ୍ପିତ ରୂପ ମଧ୍ୟ ବିଭାଗ ପକ୍ଷରୁ ଦେଖାଯାଇଛି। ଏଥିରେ ଜୟଦେବ ବିହାର ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକରେ ଚାରିଟି ଫ୍ଲାଏଓଭର ନିର୍ମାଣ କରାଯିବ। ଏହାଦ୍ୱାରା ରାଜ୍ୟର ଏକ ଜନଗହଳିପୂର୍ଣ୍ଣ ସଡ଼କରେ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆସିବ ଏବଂ ଜନସାଧାରଣ କମ୍ ସମୟ ମଧ୍ୟରେ ସୁବିଧାରେ ଯାତାୟାତ କରିପାରିବେ। ଏଥିମଧ୍ୟରୁ ପ୍ରାୟ ୫୬୩୦ କୋଟି ଟଙ୍କା ବିନିଯୋଗରେ ୩୯ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ ପ୍ରାୟ ୧୦୭୦ କୋଟି ଟଙ୍କା ବିନିଯୋଗରେ ୩୨ଟି ପ୍ରକଳ୍ପର ଲୋକାର୍ପିତ ହୋଇଛି। ସଡ଼କ ଭିତ୍ତିଭୂମି ଓ ସଡ଼କ ସୁରକ୍ଷା କ୍ଷେତ୍ରରେ ଏହି ଯୁଗାନ୍ତକାରୀ ପଦକ୍ଷେପଗୁଡ଼ିକ ବିକାଶରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଜି ଭାରତ-ଆମେରିକା...

ଦଣ୍ଡାତ୍ମକ ଶୁଳ୍କ ଲଗାଇବାରୁ ଦୁଇଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ଏଥିସହିତ ନିକଟ ଅତୀତରେ ଅନ୍ୟ କେତେକ ପ୍ରସଙ୍ଗକୁ ନେଇ ଭାରତ-ଆମେରିକା ସମ୍ପର୍କ ତିକ୍ତ ହୋଇଛି। ଦୁଇ ଦେଶର ସମ୍ପର୍କ କେବଳ ମିଳିତ ସ୍ୱାର୍ଥରେ ସୀମିତ ନୁହେଁ ବରଂ ସର୍ବୋଚ୍ଚ ସ୍ତରର। ପ୍ରକୃତ ବନ୍ଧୁତ୍ୱରେ ମତଭେଦ ଥାଇପାରେ କିନ୍ତୁ ଶେଷରେ ସବୁବେଳେ ତାହାର ସମାଧାନ ହୋଇଥାଏ ବୋଲି ଗୋର୍ କହିଛନ୍ତି। ୱାଶିଂଟନ ଖୁବ୍‌ଶୀଘ୍ର ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଚାହୁଁ ନ ଥିବା ଏହାର ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ କହିଥିବାବେଳେ ଚୁକ୍ତି ସ୍ୱାକ୍ଷର ନେଇ ସକ୍ରିୟତାର ସହ କାର୍ଯ୍ୟ ଚାଲିଥିବା ଗୋର୍ କହିଛନ୍ତି। ୨ ଦେଶର ସମ୍ପର୍କ ପାଇଁ ବାଣିଜ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସୁରକ୍ଷା, ଆତଙ୍କବାଦୀ ନିରୋଧୀ ଅଭିଯାନ, ଶକ୍ତି, ପ୍ରଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତ, ଆମେରିକା ମିଳିତ ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ଗୋର୍ କହିଛନ୍ତି।

## ସଡ଼କ ସୁରକ୍ଷାରେ...

ସୁରକ୍ଷା ଯୋଜନା ସମ୍ମାନ' ଘୋଷଣା କରାଯାଇଛି। କଳିଙ୍ଗା ଘାଟିରେ ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସୂଚନା ଘଣ୍ଟିର ଉଦ୍‌ଘାଟନ କରିଛନ୍ତି। ଘାଟିର ଉଭୟ ପଟୁ ଗାଡ଼ି ଆସୁଥିଲେ ଏଣିକି ସାଇରନ ବାଜି ସତର୍କ କରାଇବ। ଏହା ଏକ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଛି। ଏହାର ସଫଳତାକୁ ଦେଖି ଅନ୍ୟାନ୍ୟ ଘାଟି ରାସ୍ତାରେ ତାହା ଆରମ୍ଭ କରାଯିବ। କଟକ, ଭୁବନେଶ୍ୱରର ଟ୍ୱିନ୍‌ସିଟିରେ ଉନ୍ନତ ଟ୍ରାଫିକ ପରିଚାଳନା ପାଇଁ ଆଇଆଇଟି ଖଡଗପୁର ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଥିଲା। ଆଇଆଇଟିର ରିପୋର୍ଟ ପରେ ଏହି ଆଧାରରେ ଦୁଇ ସହରର ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଚାର୍ଜିଂ ଷ୍ଟେଶନର ମଧ୍ୟ ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୧୫ଟି ଚାର୍ଜିଂ ଷ୍ଟେଶନର ଲୋକାର୍ପଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଆଉ ୮୫ଟି ଚାର୍ଜିଂ ଷ୍ଟେଶନ ନିର୍ମାଣାଧୀନ ଅଛି, ଏଗୁଡିକ ଖୁବ୍‌ଶୀଘ୍ର ଲୋକାର୍ପିତ ହେବ। ଆଗାମୀ ଦିନରେ ଆହୁରି ଅଧିକ ଚାର୍ଜିଂ ଷ୍ଟେଶନ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୧୪ ନୂତନ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପିତ

ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡକୁ ଲୋକାର୍ପିତ କରିଛନ୍ତି। ୧୫୬.୫୩ କୋଟି ଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ୧୦ ଜିଲାରେ ନିର୍ମିତ ହୋଇଛି। ପୂର୍ବରୁ ୫୫ଟି ଅଟଳ ବସଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ଆଗାମୀ ଦିନରେ ରାଜ୍ୟର ସବୁ ଜିଲା, ଉପଖଣ୍ଡ, ପଞ୍ଚାୟତ ସମିତି ଓ ପୌରପାଳିକାରେ ଅଟଳ ବସଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ। ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ମୂଲ୍ୟର ୧୦୦ଟି ନୂତନ ବିଏସ୍-୬ ମାନର ଆଧୁନିକ ବସ୍ ଚଳାଚଳର ଶୁଭାରମ୍ଭ କରାଯାଇଛି। ନିଗମର ପୁରୁଣା ବସ୍ ବଦଳରେ ଏହିସବୁ ପରିବେଶ ଅନୁକୂଳ ଅତ୍ୟାଧୁନିକ ନୂଆ ବସ୍ କିଣାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରିବହନ ନିଗମ ପକ୍ଷରୁ ପରିଚାଳିତ ବସ୍‌ଗୁଡ଼ିକ ପାଇଁ ସ୍ମାର୍ଟ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଡ ବ୍ୟବହାର କରି ଯାତ୍ରୀମାନେ କ୍ୟାଶଲେସ୍ ଟିକେଟ୍ କାଟି ସୁବିଧାରେ ଯାତ୍ରା କରିପାରିବେ।

ଏହି ଅବସରରେ ବ୍ରହ୍ମପୁରଠାରେ କୁଟ ପକ୍ଷରୁ ନିର୍ମିତ ହୋଇଥିବା ଏକ ଅତ୍ୟାଧୁନିକ ବସ୍ ଡିପୋରୁ ୨୫ଟି ନୂତନ ଇ-ବସ୍ ଚଳାଚଳର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ସମସ୍ତଙ୍କୁ ସୁରକ୍ଷିତ ଯାନ ଚାଳନା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଡ୍ରାଇଭ୍ ସେଫ୍, କମ୍ ହୋମ୍ ସେଫ୍। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ ଜଣ ମହିଳା ଗାଡ଼ି ଚାଳକଙ୍କୁ ଗାଡ଼ି ଚାବି ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଏସ୍‌ଆର୍‌ଟିସି ସିଏମ୍‌ଡି ଏନ୍‌ବିଏସ୍ ରାଜପୁତ, ପରିବହନ ଆୟୁକ୍ତ ଅମିତାଭ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ଲେଉଟିଲା ଶୀତ...

ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଉରକେଲାରେ ୬.୭ ଡିଗ୍ରୀ, ଫୁଲବାଣୀ ୬.୮, ଝାରସୁଗୁଡା ୭, ଦାରିଙ୍ଗବାଡି ୭, କିରେଇ ୮.୮, ସୁନ୍ଦରଗଡ଼ ୯, ନବରଙ୍ଗପୁର ୯, ଅନୁଗୋଳ ୯.୬ ଏବଂ ବୌଦ୍ଧରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ରାଉରକେଲାକୁ ଉଡ଼ିବ...

ଶାହା ବିମାନ ଯୋଗେ ରାଉରକେଲାରେ ପହଞ୍ଚିବା ପରେ ପ୍ରଥମେ ଜେପି ହସ୍ପିଟାଲ ଯାଇ ସେଠାରେ ଆହତ ପାଇଲଟ, ସହଯୋଗୀ ଏବଂ ଯାତ୍ରୀମାନଙ୍କୁ ଭେଟିଥିଲେ। ପରେ ସେ ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ଏହି ଅବସରରେ ଶାହା କହିଥିଲେ, ଉଡ଼ାନ୍ ସ୍କିମ୍‌ରେ ଏହି ଏୟାରକ୍ରାଫ୍ଟ ପୁଣି ଚାଲିବ। ଆଗାମୀ ଦିନରେ ବଡ଼ ବିମାନ ଚାଲିବ ବୋଲି ସେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ ଭୁବନେଶ୍ୱରରୁ ରାଉରକେଲା ଉଡ଼ାଣ ସମୟରେ ବିମାନଟି ଖସିପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦିଲ୍ଲୀର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ର ୬ ଜଣିଆ ଦଳ ଏବଂ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ୪ ଜଣିଆ ଦଳ ରାଉରକେଲାରେ ପହଞ୍ଚି ରବିବାର ତଦନ୍ତ କରିଛନ୍ତି।




# ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ର ନିର୍ମାଣ ଆଧାର, ଚାରିତ୍ରିକ ମୂଲ୍ୟବୋଧର ପ୍ରତୀକ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୧(ବନ୍ଦନା ସେଠୀ)**

ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ର ନିର୍ମାଣର ଆଧାର ଓ ଚାରିତ୍ରିକ ମୂଲ୍ୟବୋଧର ପ୍ରତୀକ। ସେ ଭାରତର ଯୁବ ସମାଜ ପାଇଁ ଅସୀମ ପ୍ରେରଣାର ଉତ୍ସ। ଯୁବବର୍ଗଙ୍କ ପ୍ରତି ତାଙ୍କର ଅତୁଟ ଭରସା ଥିଲା ଏବଂ ଯୁବ ସମାଜ ହିଁ ଭାରତର ଭାଗ୍ୟ ପରିବର୍ତ୍ତନ କରିପାରିବ ବୋଲି ସେ ସର୍ବଦା କହୁଥିଲେ। ବ୍ରହ୍ମଚର୍ଯ୍ୟ, ଶ୍ରଦ୍ଧା, ଶୃଙ୍ଖଳା ଓ ଆତ୍ମବିଶ୍ୱାସକୁ ସେ ଶିକ୍ଷାର ମୂଳମନ୍ତ୍ର ବୋଲି ବିଶ୍ୱାସ କରୁଥିଲେ। ପାଶ୍ଚାତ୍ୟ ବିଜ୍ଞାନ ସହ ବେଦାନ୍ତର ସମନ୍ୱୟକୁ ସେ ଗୁରୁତ୍ୱର ସହ ଗ୍ରହଣ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୋମବାର ଉତ୍କଳ ବିଶ୍ୱ ବିଦ୍ୟାଳୟର ନ୍ୟୁ କନ୍‌ଭେନ୍‌ଶନ ହଲ୍‌ରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ କିପରି ଯୁବସମାଜକୁ ପ୍ରେରଣା ପ୍ରଦାନ କରୁଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ସେ କହିଲେ, ଯୁବ ସଶକ୍ତୀକରଣ ପାଇଁ ଶିକ୍ଷା ସହିତ ସରକାର ବିଭିନ୍ନ ଯୁବ ସେବାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି, ଖେଳକୁଦରେ ଉତ୍କର୍ଷତା ଓ ସାଂସ୍କୃତିକ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଅନେକ ଯୋଜନା ରୂପାୟଣ କରାଯାଇଛି। ଓଡ଼ିଶା ଏବେ ଦେଶର 'ଖେଳ ରାଜଧାନୀ' ଭାବେ ପରିଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ଓଡ଼ିଶାର ଯୁବବର୍ଗ ଆଜି ବିଶ୍ୱସ୍ତରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରୁଛନ୍ତି। ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଫିଟ୍ ଇଣ୍ଡିଆ ମିଶନ ଦେଶବ୍ୟାପୀ ଏକ ଆନ୍ଦୋଳନରେ ପରିଣତ ହେବା ସହ ପ୍ରତ୍ୟେକ ଭାରତୀୟଙ୍କୁ ସୁସ୍ଥ ଓ ସଫଳ ଜୀବନଶୈଳୀ ନିମନ୍ତେ ଅନୁପ୍ରାଣିତ କରୁଛି। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଡ. ଯଜ୍ଞେଶ୍ୱର ଦଣ୍ଡପାଟ, ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।



ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ।

## ଜାତୀୟ ଯୁବ ଦିବସ

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ବାଇକ୍, ୨ଭାଇ ମୃତ



ମୃତ ୨ ଭାଇ

**ଗୁଣପୁର, ୧୨।୧(ସୁଜାତା ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ସହର ନିକଟସ୍ଥ ଲିମାମେଡ଼ା ଗ୍ରାମ ମୁଖ୍ୟ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଖୁଣ୍ଟରେ ଏକ ବାଇକ୍ ପିଟିହୋଇଯିବାରୁ ୨ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୁଡାରି ବ୍ଲକ କଦମା ପଞ୍ଚାୟତ ନିଲାଗୁଡା ଗ୍ରାମର ମୁନା କିମ୍ବାକା (୨୪) ଏବଂ କ୍ରିଷ୍ଣା କିମ୍ବାକା (୨୧)। ସୂଚନା ଅନୁଯାୟୀ, ମୁନା ଓ କ୍ରିଷ୍ଣା କୌଣସି ବ୍ୟକ୍ତିଗତ କାମରେ ରବିବାର ଗୁଣପୁର ଆସିଥିଲେ। କାମ ସାରି ବିଳମ୍ବିତ ରାତିରେ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଲିମାମେଡ଼ା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ସହ ଧକ୍କା ହୋଇଯାଇଥିଲା। ଦୁର୍ଘଟଣା ପରେ ଉଭୟ ରାସ୍ତା ଉପରକୁ ଛିଟକି ପଡି ଗୁରୁତର ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାରକରି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁକରିବା ସହ ଉଭୟଙ୍କ ମୃତଦେହ ଜବତ କରିଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

## ୧୩ ଦିନରେ ଗଲାଣି ୩ ଜୀବନ

**ବନ୍ତଲା,୧୨।୧(ସୁଶିତ ସାହୁ)**

ଅନୁଗୋଳ ବନାଞ୍ଚଳ କରତପଟା ସେକ୍ସନ ଶଙ୍ଖପୁର ପଞ୍ଚାୟତ ଢିପପଦା ସାହିରେ ସୋମବାର ଭୋର୍ ସମୟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ଇଚ୍ଛା ଦେହୁରୀ (୭୫)। ଇଚ୍ଛାଙ୍କୁ ମିଶାଇ ଗତ ୧୩ ଦିନରେ ଏହି ବନାଞ୍ଚଳରେ ହାତୀ ଆକ୍ରମଣରେ ମୋଟ ୩ ଜଣଙ୍କ ଜୀବନ ଗଲାଣି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଶଙ୍ଖପୁର ପଞ୍ଚାୟତ ଢିପପଦା ସାହିର ବୃଦ୍ଧା ଇଚ୍ଛା ଶୌଚ ପାଇଁ ଯାଇଥିବାବେଳେ ଏକ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ଆକ୍ରମଣରେ ସେ ଗୁରୁତର ହୋଇଥିବା ଜାଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ଫରେଷ୍ଟର ଲଳିତ କୁମାର ବେହେରା ଓ ରେଞ୍ଜର ଉଦ୍ଧବ ବେହେରା ମେଡିକାଲରେ ପହଞ୍ଚି ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧା ଇଚ୍ଛାଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ମୃତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ ଓ ୨ ଦିନ ଭିତରେ ସେଥିରୁ ଅଗ୍ରିମ ୧ ଲକ୍ଷ ଟଙ୍କା ଦିଆଯିବ ବୋଲି ରେଞ୍ଜର ବେହେରା ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ସୂଚନାଯୋଗ୍ୟ, ଅନୁଗୋଳ ବନାଞ୍ଚଳ ସୁନାଭୂଇଁ ଗ୍ରାମର ଝିଲି ବେହେରା (୩୫)ଙ୍କ ଗତ ଡିସେମ୍ବର ୩୧ରେ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ସେହିପରି ଗତ ୧ ତାରିଖରେ ଗୁରଙ୍ଗ ଖଇରାସାହି ନିକଟରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଜୀବନ ନେଇଥିଲା ହାତୀ। ବନ ବିଭାଗ ପକ୍ଷରୁ ହାତୀଙ୍କ ଉପସ୍ଥିତି ନେଇ ଠିକ୍ ଭାବରେ ଗ୍ରାମବାସୀଙ୍କୁ ସୂଚନା ଦିଆଯାଉ ନ ଥିବାରୁ ଏପରି ଜୀବନହାନି ଘଟୁଥିବା ଅଭିଯୋଗ ହେଉଛି।

# ୪୬ ଜଣ ପାଇଲେ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ



ସମାରୋହରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ପଦକପ୍ରାପ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ।

**କଟକ,୧୨।୧(କାର୍ତ୍ତିକ ସାହୁ)**

ଓଡ଼ିଶା ପୋଲିସ ପକ୍ଷରୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେବା, କର୍ତ୍ତବ୍ୟନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। କଟକସ୍ଥିତ ଆର୍.କେ.ପାଢ଼ୀ ମେମୋରିଆଲ ହଲ୍‌ରେ ସୋମବାର ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ ୪୬ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି। ପଦକ ପ୍ରାପ୍ତମାନଙ୍କ ମଧ୍ୟରେ ଆଇଜି (କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ରାୟଗଡ଼ା ଏସ୍‌ପି ସ୍ୱାତି ଏସ୍. କୁମାର, କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା, ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର, କନ୍ଧମାଳ ଏସ୍‌ପି ହରିଶ ବି.ସି., ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା, କମାଣ୍ଡାଣ୍ଟ ପ୍ରଫୁଲ୍ଲ କୁମାର ସିଂହ ପ୍ରମୁଖ ରହିଛନ୍ତି। ଏଥିସହ ୩ ଜଣ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୭ ଜଣ ସବ୍‌ଇନ୍ସପେକ୍ଟର, ୫ ଜଣ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ୫ ଜଣ ହାବିଲଦାର ଓ ୯ ଜଣ କନଷ୍ଟେବଲ/ଓଏପିଏଫ୍/ସିପାହି ଅନ୍ତର୍ଭୁକ୍ତ ଅଛନ୍ତି। ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଗୋଇନ୍ଦା) ଆର୍.ପି. କୋଚେଙ୍କ ସମେତ ଅନେକ ବରିଷ୍ଠ ପୋଲିସ ଅଧିକାରୀ ସମାରୋହରେ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା।

# କୁର୍‌କୁରେ ପ୍ୟାକେଟ୍‌ରେ ଥିବା ଖେଳଣା ବିସ୍ଫୋରଣ: ନାବାଳକଙ୍କ ଆଖି ନଷ୍ଟ

**ଟିଟିଲାଗଡ, ୧୨।୧ (ସନ୍ତୋଷ ପଟ୍ଟନାୟକ)**

କୁର୍‌କୁରେ ପ୍ୟାକେଟ୍‌ରେ ଥିବା ଖେଳଣା ବିସ୍ଫୋରଣ ହେବାରୁ ଜଣେ ନାବାଳକଙ୍କ ଆଖି ନଷ୍ଟ ହୋଇଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅଧୀନ ଶଗଡ଼ଘାଟ ଗ୍ରାମରେ। ସୂଚନା ଅନୁଯାୟୀ, ବରଗଡ଼ ଓ ସମ୍ବଲପୁର ଜିଲାରେ ଏକ କମ୍ପାନୀ ପକ୍ଷରୁ କୁର୍‌କୁରେ ତିଆରି କରାଯାଇ ଜରି ପ୍ୟାକେଟ୍‌ରେ ଭର୍ତ୍ତି କରାଯାଉଛି। ଏଥିସହ ପିଲାଙ୍କୁ ଆକର୍ଷିତ କରିବା ପାଇଁ ଉକ୍ତ ପ୍ୟାକେଟ୍‌ରେ ଛୋଟ ଖେଳଣା ମଧ୍ୟ ଦିଆଯାଉଛି। ଏହାର ଦାମ୍ ୫ ଟଙ୍କା ରହିଛି। ପରେ ଉକ୍ତ ପ୍ୟାକେଟ୍ ବିଭିନ୍ନ ଦୋକାନରେ ବିକ୍ରି କରାଯାଉଛି। ଏହି କ୍ରମରେ ଶଗଡ଼ଘାଟ ଗ୍ରାମର ଏକ ଦୋକାନରେ ଉକ୍ତ କୁର୍‌କୁରେ ପ୍ୟାକେଟ୍ ବିକ୍ରି ହେଉଛି। ରବିବାର ସନ୍ଧ୍ୟାରେ ଶଗଡ଼ଘାଟ ଗ୍ରାମର ଲବ ହରପାଳଙ୍କ ପୁଅ ଅଙ୍କେଶ ହରପାଳ(୮) ଉକ୍ତ ଦୋକାନକୁ ଯାଇ ଏହି କୁର୍‌କୁରେ ପ୍ୟାକେଟ୍ କିଣିଆଣି ଘରେ ଖାଇବା ସହ ସେଥିରେ ଥିବା ଖେଳଣାକୁ ନିଆଁରେ ପକାଇ ଦେଇଥିଲେ। ହେଲେ ଖେଳଣାଟି ହଠାତ୍ ବିସ୍ଫୋରଣ ଘଟିବାରୁ ଅଙ୍କେଶଙ୍କ ଆଖିରେ ବାଜି ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେବାବେଳେ ତାଙ୍କ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଡାକ୍ତର କହିଛନ୍ତି। ଏନେଇ ଅଙ୍କେଶଙ୍କ ମା', ବାପା ସୋମବାର ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ସମ୍ପୃକ୍ତ କୁର୍‌କୁରେ କମ୍ପାନୀ ବନ୍ଦ କରିବା ସହ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ପାଇଁ ଦାବି କରିଛନ୍ତି।

## ନୃସିଂହ ଚରଣ ଷଡ଼ଙ୍ଗୀ ପାଇବେ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'

**ଭୁବନେଶ୍ୱର, ୧୨।୧(ବନ୍ଦନା ସେଠୀ)**

ଓଡ଼ିଆ ଭାଷା ପ୍ରତି ଅବଦାନ ତଥା ଗବେଷଣା କ୍ଷେତ୍ରରେ ସାହିତ୍ୟିକ ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ ମିଳିବ 'ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ'। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାନୁଆରୀ ୧୪ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ଅବସରରେ ନୃସିଂହ ଚରଣଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ସମ୍ମାନ ବାବଦକୁ ୫ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଡିଆର୍‌ଡିଓରେ ଡ୍ୟୁଟି ବେଳେ ଟଳିପଡ଼ିଲେ ହୋମଗାର୍ଡ

**ବାଲେଶ୍ୱର(ବାଞ୍ଛାନିଧି ଦେ)/ବଉଳା (ଦୁର୍ଗାପ୍ରସାଦ ଆୟଚ), ୧୨।୧**

ବାଲେଶ୍ୱର ଜିଲା ଚାନ୍ଦିପୁର ଡିଆରଡିଓରେ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ହୋମଗାର୍ଡ ହେଲେ ଅଲେଖ ଜେନା (୪୨)। ତାଙ୍କ ଘର କେନ୍ଦୁଝର ଜିଲା କୁଆଗଡ଼ିଆ ଅଞ୍ଚଳରେ। ରବିବାର ଦ୍ୱିପ୍ରହର ସମୟରେ ଖାଇ ସାରି ସେ ବିଶ୍ରାମ ନେଉଥିଲେ। ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଅନ୍ୟ ହୋମଗାର୍ଡମାନେ ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ନେଇ ଚାନ୍ଦିପୁର ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

DADLS-76



ଓଡ଼ିଶା ସରକାର
ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୩.୦୧.୨୦୨୬
ସକାଳ – ୯ ଘଟିକା
ଏଜି ଛକ, ଭୁବନେଶ୍ୱରସ୍ଥିତ ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ପୂର୍ବାହ୍ନ ୧୧ ଘଟିକା | ସାଧାରଣ ସଭା ଏବଂ ଆଲୋଚନା ଚକ୍ର
ଜୟଦେବ ଭବନ, ଭୁବନେଶ୍ୱର
- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ, ଓଡ଼ିଶା
- ସମ୍ମାନନୀୟ ଅତିଥି -
ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଏମ,ଏସ,ଏମ,ଇ, ଓଡ଼ିଶା
ଗଞ୍ଜାମ ଜିଲ୍ଲାର ସାଂସଦ ଓ ବିଧାୟକଗଣ
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ହୋତା, ସମ୍ପାଦକ, ଓଡ଼ିଶା ସାହିତ୍ୟ ଏକାଡେମୀ
- ମୁଖ୍ୟବକ୍ତା -
ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଅଧ୍ୟକ୍ଷ, ଇଷ୍ଟର୍ଣ୍ଣ ମିଡିଆ ଗ୍ରୁପ୍
- ଧନ୍ୟବାଦ ଅର୍ପଣ -
ଶ୍ରୀଯୁକ୍ତ ମହେଶ୍ୱର ବରାଡ଼
ସମ୍ପାଦକ, ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର
ଗଂଜାମର ପ୍ରାଚୀନ ଲୋକନୃତ୍ୟ 'ଭାରତ ଲୀଳା' ପରିବେଷଣ
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-

# ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଗୁଞ୍ଜରିତ ହେଲା 'ବନ୍ଦେ ମାତରମ୍'



ଏକ ସ୍କୁଲରେ ସାମୂହିକ 'ବନ୍ଦେ ମାତରମ୍' ଗାନ କରାଯାଉଛି।

## ୨୧ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ କଣ୍ଠରେ ମା' ଭାରତୀର ଜୟଗାନ

**ଭୁବନେଶ୍ୱର, ୧୨।୧ (ବନ୍ଦନା ସେଠୀ)**

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳନ ଅବସରରେ ସୋମବାର ପୂର୍ବାହ୍ନ ୧୧ଟାରେ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ 'ବନ୍ଦେ ମାତରମ୍'ର ସାମୂହିକ ଗାନ କରାଯାଇଛି। ରାଜ୍ୟର ୧୬ହଜାରରୁ ଅଧିକ ଶିକ୍ଷାନୁଷ୍ଠାନରେ ୨୧ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଜାତୀୟ ଗୀତକୁ ଗାନ କରି ଦେଶପ୍ରୀତିର ବାର୍ତ୍ତା ଦେଇଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଏହି ଦେଶାତ୍ମବୋଧକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଏକାଠି ହୋଇ ମା' ଭାରତୀଙ୍କ ବନ୍ଦନା କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନକୁ ନେଇ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖୁସିବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ବର୍ଣ୍ଣନା କରିବା ସହ ଯୁବବର୍ଗଙ୍କ କଣ୍ଠରେ ବନ୍ଦେ ମାତରମ୍‌ର ସାମୂହିକ ଗାନ ରାଷ୍ଟ୍ର ପ୍ରତି ରହିଥିବା ଆମର ଅନନ୍ୟ ସମର୍ପଣ ଭାବର ଏକ ନିଚ୍ଛକ ନିଦର୍ଶନ ବୋଲି ସେ ମତପ୍ରକାଶ କରିଛନ୍ତି।

ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି– ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ । –ଶ୍ରୀଅରବିନ୍ଦ



# ଇତିହାସର ପ୍ରତିଶୋଧ ବୋକାମି

ନୂଆଦିଲ୍ଲୀଠାରେ ଜାନୁଆରୀ ୧୦ରେ 'ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍' ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଭାରତକୁ କେବଳ ସୀମାରେ ନୁହେଁ, ସମସ୍ତ କ୍ଷେତ୍ରରେ ସଶକ୍ତ ହେବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଆମକୁ ଆମ ଇତିହାସର ପ୍ରତିଶୋଧ ନେବାକୁ ହେବ। ଆମର ଏକ ବିକଶିତ ସଭ୍ୟତା ଥିଲା। ଆମେ କାହାର ମନ୍ଦିର ଭାଙ୍ଗି ନ ଥିଲୁ। ଆମେ କେବେ ବିଦେଶୀଙ୍କ ଉପରେ ଆକ୍ରମଣ କରିନାହୁଁ, ଯେତେବେଳେ ଅବଶିଷ୍ଟ ବିଶ୍ୱ ଦୁର୍ବଳ ଥିଲା। ପୂର୍ବତନ ଗୋଇନ୍ଦା ବ୍ୟୁରୋ ମୁଖ୍ୟ ୮୦ ବର୍ଷୀୟ ଡୋଭାଲ ପୁଣି କହିଛନ୍ତି, ଆମ ପୂର୍ବପୁରୁଷମାନେ ବଡ଼ ବଡ଼ ତ୍ୟାଗ କରିଥିଲେ। ସେମାନେ ବଡ଼ ଅପମାନ ସହିଥିଲେ ଓ ଗଭୀର ଅସହାୟତାର ସମୟ ଅତିବାହିତ କରିଥିଲେ। ଆମ ମନ୍ଦିରଗୁଡ଼ିକ ଲୁଟ୍ ହୋଇଥିଲା, ଆଉ ଆମେ ନୀରବ ଦର୍ଶକ ଭାବେ ସବୁକିଛି ଦେଖୁଥିଲୁ। ଏହି ଇତିହାସ ଆଜିର ଯୁବବର୍ଗଙ୍କ ମଧ୍ୟରେ ଅଗ୍ନି ପ୍ରଜ୍ୱଳନ କରିବା ଉଚିତ ବୋଲି ସେ କହିଛନ୍ତି। 'ପ୍ରତିଶୋଧ' ଶବ୍ଦଟି ଉପଯୁକ୍ତ ନ ହୋଇପାରେ ବୋଲି ସ୍ୱୀକାର କରି ସେ କହିଛନ୍ତି ଯେ, ଏହା ସୁରକ୍ଷାରୁ ଆର୍ଥିକ ଓ ସାମାଜିକ ବିକାଶ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତକୁ ପୁନଃନିର୍ମାଣ କରିବା ପାଇଁ ଏକ ଶକ୍ତିଶାଳୀ ପ୍ରେରଣାଦାୟୀ ଶକ୍ତି ହୋଇପାରେ।

ଜଣେ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଭାଷାକୁ କୂଟନୀତି ଓ ରଣନୀତିକୁ ମିଶାଇ କରି ବିଚାର କରାଯାଇପାରେ। କିନ୍ତୁ ସେ ଯେଭଳି ଭାବେ 'ପ୍ରତିଶୋଧ' ଭଳି ଶବ୍ଦ ବ୍ୟବହାର କରିଛନ୍ତି, ତାହାକୁ ଭାରତୀୟ ମାନସିକତା କିଭଳି ଗ୍ରହଣ କରିବ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦେଶର ବର୍ତ୍ତମାନର ଆଭ୍ୟନ୍ତରୀଣ ସାମ୍ପ୍ରଦାୟିକ ଘୃଣାଭାବ ଓ ଅନ୍ତର୍ଜାତୀୟ ସ୍ତରରେ ଅପମାନଜନକ ଅସହାୟତାର ପରିବେଶରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଐତିହାସିକ ଅନ୍ୟାୟକୁ ଉଠାଇବା ଦେଶର ସୂକ୍ଷ୍ମ ସାମାଜିକ ସମ୍ବନ୍ଧକୁ ଆହୁରି ଦୁର୍ବଳ କରିବା ସହ ବିଶ୍ୱସ୍ତରରେ ଭାରତର ପ୍ରତିଛବିକୁ କ୍ଷତି ପହଞ୍ଚାଇପାରେ। ଜାତୀୟ ଉଦ୍ଦେଶ୍ୟକୁ ଐତିହାସିକ ପ୍ରତିଶୋଧ ଭାବରେ ଚିତ୍ରଣ କରିବା ଦେଶକୁ ସର୍ବଦା ନିଜେ ଶିକାର ମାନସିକତାରେ ବୁଡ଼ାଇବାର ଚେଷ୍ଟା ବୋଲି କୁହାଯାଇପାରେ। ଦେଶରେ ବେକାରି, ଅସମାନତା ଓ ଲୋକଙ୍କ ଦୈନନ୍ଦିନ ଚଳଣି ଖର୍ଚ୍ଚ ବୃଦ୍ଧି ଆଦି ସମସ୍ୟାରୁ ସମ୍ଭବତଃ ଦୃଷ୍ଟି ହଟେଇବା ପାଇଁ ଏଭଳି ଆହ୍ୱାନ ଦିଆଯାଇଛି। ଅତୀତର ପ୍ରତିଶୋଧ ନେବା ଭଳି ଭାଷା ପ୍ରୟୋଗ ଦେଶର ଶୀର୍ଷ ନିରାପତ୍ତା ଅଧିକାରୀଙ୍କଠାରୁ ଆସିବା ପଡ଼ୋଶୀ କିମ୍ବା ମିତ୍ରରାଷ୍ଟ୍ରଗୁଡ଼ିକୁ ଅସ୍ଥିର କରିପାରେ। କାରଣ ସବୁ ପଡ଼ୋଶୀଙ୍କ ସହ ଭାରତର ଏବେ ଅପଡ଼ ସମ୍ପର୍କ ବିଷୟ ଜଣାଶୁଣା। ଭୂରାଜନୈତିକ ସ୍ଥିତିରେ ଭାରତକୁ ନିଜର ଶକ୍ତି ଓ ସାମର୍ଥ୍ୟ ବିଷୟରେ ଜଣାଇବା ପାଇଁ ବ୍ୟାଖ୍ୟାନର ସାହାରା ନେବାକୁ ପଡୁଛି। କହିବାକୁ ଗଲେ ଡୋଭାଲ ଯେଉଁ ସ୍ୱରରେ ତାଙ୍କ ବକ୍ତବ୍ୟ ରଖିଛନ୍ତି, ତାହା ରାଜନୈତିକ ନେତାଙ୍କ କ୍ଷେତ୍ରରେ ହୁଏତ ଶୋଭା ପାଇଥାଆନ୍ତା। କିନ୍ତୁ ଦେଶର ଶୀର୍ଷ ସୁରକ୍ଷା ଅଧିକାରୀଙ୍କଠାରୁ ଏହା ଉଚ୍ଚାରିତ ହେବା ସମସ୍ୟା ଡାକିପାରେ। ବୈଦେଶିକ ବା କୂଟନୈତିକ ଭାଷା ମାପିଚୁପି କୁହାଯାଇଥାଏ। ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଇତିହାସକୁ ପ୍ରତିଶୋଧ ନିଆଯାଇପାରିବ ନାହିଁ। କେବଳ ତା'ଠାରୁ ଶିକ୍ଷା ନେଇ ଭବିଷ୍ୟତରେ କିଭଳି ସେହି ଭୁଲ୍‌ର ପୁନରାବୃତ୍ତି ନ ହେବ ସେହି ଦିଗରେ ଏବର ମଣିଷ ସଜାଗ ହେବା କଥା। ଅତୀତରେ ଯଦି କିଛି ଅନ୍ୟାୟ ଘଟିଥାଏ, କଦାପି ଏବେ ସୁଧୁରାଯାଇପାରିବ ନାହିଁ, ମୃତକଙ୍କୁ ପୁନର୍ଜୀବିତ କରାଯାଇପାରିବ ନାହିଁ ଏବଂ ଯନ୍ତ୍ରଣାକୁ ପୋଛି ଦିଆଯାଇପାରିବ ନାହିଁ। କୁହାଯାଇଥାଏ ପୁରୁଣା କଥାକୁ ରୋମନ୍ଥନ କରିବା କେବଳ ସମୟର ଅପଚୟ। ମାନବ ଜାତିର ଇତିହାସରେ ପ୍ରତ୍ୟେକ ସମାଜ କୌଣସି ନା କୌଣସି ରୂପରେ ଅତ୍ୟାଚାରର ଶିକାର ହୋଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅତୀତର ଭୁଲ୍‌ରୁ ଶିକ୍ଷା ନେବା ଓ ସମସ୍ତଙ୍କ କଲ୍ୟାଣ ସୁନିଶ୍ଚିତ କରୁଥିବା ଏକ ସମାଜ ହୁଏତ ପୁନଃନିର୍ମାଣ କରାଯିବାର ଚେଷ୍ଟା ବର୍ତ୍ତମାନର ପିଢ଼ି କରିବା ଦରକାର।

ଏଠାରେ କେତୋଟି ଉଦାହରଣ ଦେଖାଯାଉ। ଜାପାନ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଦୁଇଟି ପରମାଣୁ ବୋମାରେ ନଷ୍ଟ ହେବା ସହ ଅପମାନଜନକ ପରାଜୟ ଭୋଗିଥିଲା। କିନ୍ତୁ ସେ ବିନାଶ ଓ ପରାଜୟକୁ ଆର୍ଥିକ ପୁନରୁତ୍ଥାନରେ ପରିଣତ କଲା। ପ୍ରତିଶୋଧ ଖୋଜିବା ବଦଳରେ ସେ ବିଶ୍ୱସ୍ତରୀୟ ଔଦ୍ୟୋଗିକ ଶକ୍ତି ହୋଇ ଇତିହାସର ଜବାବ ଦେଲା। ସେହିପରି ଜର୍ମାନୀ ମଧ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଧ୍ୱଂସ ହୋଇଥିଲା। କିନ୍ତୁ ବିଳାପ ଓ ଘୃଣା କରିବା ବଦଳରେ ସେ ୟୁରୋପର ସବୁଠାରୁ ଶକ୍ତିଶାଳୀ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇପାରିଛି। ଇହୁଦୀମାନେ ଦୀର୍ଘସମୟ ଧରି ଗଣହତ୍ୟା ଓ ଅପମାନର ଶିକାର ହୋଇଆସିଛନ୍ତି। କିନ୍ତୁ ଆଜି ଇସ୍ରାଏଲ ମଧ୍ୟପ୍ରାଚ୍ୟରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ନିଜକୁ ଗଢ଼ିତୋଳି ସେଠାକାର ସମଗ୍ର ଭୂଖଣ୍ଡ ଉପରେ ପ୍ରଭାବ ବିସ୍ତାର କରିପାରିଛି।

ଏବକାର ଭାରତୀୟ ଯୁବପିଢ଼ି ବୁଝିବା ଦରକାର 'ଭାରତ' ବୋଲି କୌଣସି ଗୋଟିଏ ଦେଶ କେବେ ନ ଥିଲା। ଏହି ସମଗ୍ର ଭୂଖଣ୍ଡରେ ଅନେକ ରାଜା ମହାରାଜାଙ୍କ ଶାସନ ଦୀର୍ଘ ଶତାବ୍ଦୀ ଧରି ଚାଲିଆସିଥିଲା। ଯେଉଁ ଅଞ୍ଚଳକୁ ଭାରତବର୍ଷ ବୋଲି କୁହାଯାଉଥିଲା ଏହି ଉପମହାଦେଶର ଉତ୍ତର ଭାଗରେ ଏକ ସୀମିତ ଅଞ୍ଚଳ ମାତ୍ର, ଯେଉଁଥିରେ ଓଡ଼ିଶା ଓ ତାମିଲନାଡୁ ଭଳି ରାଜ୍ୟ ମଧ୍ୟ ସାମିଲ ନ ଥିଲେ। ୧୯୪୭ ମସିହାରେ ବ୍ରିଟିଶ ଶାସନରୁ ସ୍ୱାଧୀନତା ପାଇବା ପରେ ତତ୍‌କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଏକ ମୁଖ୍ୟ ମୁଣ୍ଡବ୍ୟଥା ଥିଲା କେଉଁଭଳି ଉପାୟରେ ସେତେବେଳର ୫୬୨ ରାଜା ମହାରାଜାଙ୍କୁ ଧନଲୋ ବାପଲୋ କହି କିମ୍ବା ଧମକାଇ ଏକତ୍ରିତ କରି ଗୋଟିଏ ଦେଶ ସୃଷ୍ଟି କରିବେ। ଯଦି କେହି ଭାବୁଥାଏ ଯେ, ହିନ୍ଦୁଧର୍ମ ଏହି ଉପମହାଦେଶର ସମସ୍ତଙ୍କୁ ଯୋଡୁଥିଲା, ତେବେ ତାହା ମଧ୍ୟ ଏକ ତ୍ରୁଟିପୂର୍ଣ୍ଣ ଧାରଣା। ସେହି ହିନ୍ଦୁ ଧର୍ମରେ ବିଭିନ୍ନ ଅଞ୍ଚଳର ବିଭିନ୍ନ ଠାକୁରାଣୀ ଠାକୁରଙ୍କୁ ପୂଜା କରାଯାଉଥିଲା। ଓଡ଼ିଶାର କୌଣସି ଗ୍ରାମାଞ୍ଚଳରେ ପୁରାତନ ରାମ ମନ୍ଦିର ଦେଖିବାକୁ ମିଳେନାହିଁ। ସେହିଭଳି ଉତ୍ତରପ୍ରଦେଶ କିମ୍ବା ରାଜସ୍ଥାନରେ ପୁରୁଣା ଜଗନ୍ନାଥ ମନ୍ଦିର ମଧ୍ୟ ଖୋଜିଲେ ମିଳିବ ନାହିଁ। ଯଦି ଧର୍ମକୁ ନେଇ ଦେଶ ସୃଷ୍ଟି ହେଉଥାଆନ୍ତା, ତେବେ ୟୁରୋପ ଗୋଟିଏ ଦେଶ ହୋଇଥାଆନ୍ତା ଏବଂ ସେହିଭଳି ଦକ୍ଷିଣ ଆମେରିକା ମଧ୍ୟ ଗୋଟିଏ ଭାଷା ଓ ଗୋଟିଏ ଧର୍ମ ଯୋଗୁ (ବ୍ରାଜିଲ ବ୍ୟତୀତ) ଗୋଟିଏ ଦେଶ ହୋଇଥାଆନ୍ତା। ଭାରତରେ ଭାଷା ସମ୍ପୂର୍ଣ୍ଣ ଭିନ୍ନ ଏବଂ ଧର୍ମର ବିବିଧ ରୂପ ରହିଛି। ତେଣୁ ବିଦେଶୀ ଆକ୍ରମଣକାରୀମାନେ ଡୋଭାଲଙ୍କ ପୂର୍ବପୁରୁଷଙ୍କ ଉପରେ କେଉଁଭଳି ଅତ୍ୟାଚାର କରିଥିଲେ, ତାହା ସମ୍ଭବତଃ କେହି ଓଡ଼ିଆ ଜାଣି ନ ଥିବେ। କିନ୍ତୁ ଓଡ଼ିଶାର ଇତିହାସ ସମ୍ପର୍କରେ କ୍ଷୁଦ୍ର ଜ୍ଞାନ ଥିବା ବ୍ୟକ୍ତି ଜାଣିଥିବେ ଯେ, ଓଡ଼ିଶା ମାଟି ଉପରେ ବର୍ଗୀ ବା ମରାଠା ହିନ୍ଦୁମାନେ ଆମର ପୂର୍ବପୁରୁଷଙ୍କୁ ବହୁମାତ୍ରାରେ ନିର୍ଯାତନା ଦେଇଥିଲେ।

ଏବର ସମୟରେ ଭାରତୀୟମାନେ ଦେଶର ନେତୃତ୍ୱଙ୍କଠାରୁ ଅତ୍ୟଧିକ ବକ୍ତବ୍ୟ ଓ ଅନାବଶ୍ୟକ ବୋଲି ଶୁଣୁଛନ୍ତି। ପ୍ରକୃତରେ ଦେଖିଲା ବେଳକୁ ଦେଶବାସୀଙ୍କ ଜୀବନ ଅତ୍ୟନ୍ତ ଆର୍ଥିକ କଷ୍ଟ ଦେଇ ଗତି କରୁଛି। ବୈଦେଶିକ ନୀତିର ବିଫଳତା ଭାରତକୁ ପ୍ରାୟ ଏକଘରିଆ କରିଦେଲାଣି। ଏଭଳି କଠିନ ସମୟରେ ଆମ ନେତା ଓ ନୀତି ନିର୍ଦ୍ଧାରକମାନେ ଭବିଷ୍ୟତକୁ ଅନିଶା କରିବା ଦରକାର। ବିଶ୍ୱସ୍ତରରେ ଦେଖାଦେଉଥିବା ପରିବର୍ତ୍ତନ ସହ ତାଳ ମିଳାଇ ଅଗକୁ ବଢ଼ିବାକୁ ପଡ଼ିବ। ଆମେରିକା, ଚାଇନା ଓ ରୁଷିଆ ଭବିଷ୍ୟତ ପାଇଁ ନିଜ ନିଜ ପ୍ରଭାବ କ୍ଷେତ୍ର ଗଢ଼ିଛନ୍ତି। ଭାରତ ଏବେ ମଧ୍ୟ ନିଷ୍ପତ୍ତି ନେଇପାରୁ ନାହିଁ କେଉଁ କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରି ଏକ ଅନନ୍ୟ ରାଷ୍ଟ୍ର ଭାବେ ପ୍ରାସଙ୍ଗିକତା ବହନ କରିବ। କ୍ଷୁଦ୍ର ଆଭ୍ୟନ୍ତରୀଣ ରାଜନୈତିକ ଫାଇଦା ପାଇଁ ଇତିହାସକୁ ରୋମନ୍ଥନ କରି ସମୟ ନଷ୍ଟ କରାଯିବାର ସମୟ ଅତିକ୍ରାନ୍ତ ହେଲାଣି ବୋଲି ନୀତି ନିର୍ଦ୍ଧାରଣ କରୁଥିବା ବର୍ଗ ହେଜିବା ଦରକାର।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 9 | | | | | | | 4 |
| | | | | | 1 | | | |
| 2 | | 5 | | | | | | 3 |
| 7 | | | | 4 | 2 | | 3 | |
| | 8 | | | 6 | | | | |
| | | 9 | | | | 5 | 6 | |
| | 4 | | | | 7 | 6 | | 1 |
| | | | | | | | | |
| | | | 3 | | 6 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 4 | 1 | 9 | 8 | 3 | 5 | 2 |
| 5 | 1 | 3 | 4 | 7 | 2 | 9 | 8 | 6 |
| 2 | 8 | 9 | 5 | 6 | 3 | 7 | 1 | 4 |
| 3 | 5 | 7 | 8 | 4 | 1 | 2 | 6 | 9 |
| 8 | 9 | 2 | 6 | 3 | 7 | 1 | 4 | 5 |
| 1 | 4 | 6 | 2 | 5 | 9 | 8 | 7 | 3 |
| 6 | 7 | 8 | 3 | 2 | 5 | 4 | 9 | 1 |
| 9 | 2 | 5 | 7 | 1 | 4 | 6 | 3 | 8 |
| 4 | 3 | 1 | 9 | 8 | 6 | 5 | 2 | 7 |

ଗତକାଲିର ଉତ୍ତର

# 'ୟେସ୍' କହିଲେ ସବୁ ଶେଷ



ଡ. ତପନ କୁମାର ପାଳ

ଆପଣଙ୍କୁ ଶୀର୍ଷକଟି ଆଶ୍ଚର୍ଯ୍ୟଜନକ ଲାଗିପାରେ। ଆମ ଭାରତୀୟ କଥିତ ଭାଷାରେ ୟେସ୍ ଅର୍ଥ ଗ୍ରହଣୀୟତା। ଏହା ଏକ ପ୍ରତିକାତ୍ମକ ଭଲ ପାଇବାର ଭାବନାକୁ ଚିତ୍ରିତ କରିଥାଏ। ଆମ୍ଭେମାନେ ଅନେକ କ୍ଷେତ୍ରରେ ୟେସ୍ ଶବ୍ଦଟି ବ୍ୟବହାର କରିଥାଉ। ତେବେ ଆମେ ଯେଉଁ ୟେସ୍‌ର ଆଲୋଚନା କରୁଛୁ ତାହା ନିଶ୍ଚିନ୍ତ ଭାବେ ଯେତିକି ଚିନ୍ତାଜନକ ସେତିକି ଆଶ୍ଚର୍ଯ୍ୟକର ମଧ୍ୟ। ବର୍ତ୍ତମାନ ଡିଜିଟାଲ ଆରେଷ୍ଟପରି ଏହି ଭୟାନକ ଅଦୃଶ୍ୟ 'ୟେସ୍ ସ୍କାମ୍' ଲୋକଙ୍କୁ କାଙ୍ଗାଳ କରିଦେଉଛି। ଆଖି ପିଛୁଳାକେ ଅନେକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅର୍ଥରାଶି ଉଭାନ ହୋଇଯାଉଛି। ମୋବାଇଲରେ ବିଶେଷକରି ମେସେଜ ବ୍ୟବସ୍ଥାରେ ଏପରି ସ୍କାମ୍‌ରମାନଙ୍କ ଅଦୃଶ୍ୟ ଚେହେରାକୁ କେହି ଦେଖି ପାରୁନାହାନ୍ତି ଆଉ ପୋଲିସର ସାଇବର ବିଭାଗ ଏହାକୁ ଠାବ କରିବା ମଧ୍ୟ ମୁସ୍କିଲ ହୋଇପଡୁଛି।

ଆପଣ ମୋବାଇଲରେ ପ୍ରାୟତଃ ଆର୍ଥିକ କାରବାର କରୁଥିବେ। ଭାରତରେ ଡିଜିଟାଲ ବ୍ୟବସ୍ଥା ଲୋକମାନଙ୍କୁ ସୁଲଭ, ହାତପାହାନ୍ତାରେ ତତ୍କାଳ ସେବା ପ୍ରଦାନ କରୁଥିବାରୁ ଅନେକେ ଏହାକୁ ବିଶେଷ ଭାବେ ଗ୍ରହଣ କରୁଛନ୍ତି। ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆମର ଆଜିର ଆଲୋଚନାଟି ରଖୁଛୁ। ଆପଣ ମୋବାଇଲ ବ୍ୟବହାର କରୁଥିବା ସମୟରେ ଧରନ୍ତୁ କେହି ଜଣେ ପ୍ରଥମେ ଆପଣଙ୍କୁ କଲ୍ କରି ଆପଣଙ୍କ ନାଁ ଧରି ପ୍ରଶ୍ନଟି ପଚାରିବ। ଅପର ପାର୍ଶ୍ୱ ଜଣଙ୍କ ଆପଣଙ୍କ ନାଁ ଧରି ପଚାରୁଛି ଅର୍ଥ ଆପଣ ବିନା ଦ୍ୱିଧାରେ 'ୟେସ୍' ନିଶ୍ଚିନ୍ତ ଭାବେ କହିବେ। କାରଣ ଏହା ଏକ କଥୋପକଥନର ସର୍ବନିମ୍ନ ଶାଳୀନତା। ତେବେ ଆପଣଙ୍କର ଏହି ଗୋଟିଏ 'ୟେସ୍' ଶବ୍ଦ ଆପଣଙ୍କୁ କାଙ୍ଗାଳ କରିଦେବ। ସେହି ୟେସ୍ କହିବାର କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟରେ ଥିବା ତମାମ ଅର୍ଥରାଶିକୁ ଅଦୃଶ୍ୟ ଅନ୍‌ଲାଇନର ସାଇବର ଠକ ପୂରାପୂରି ପୋଛି ଦେଇଥିବେ। ହଁ, କେହି କେହି ଓଟିପି ସମ୍ପର୍କରେ ପ୍ରଶ୍ନ ପଚାରି ପାରନ୍ତି, ତେବେ ଏହି ନୂଆ ୟେସ୍ ମାୟାଜାଲରେ ଆପଣଙ୍କୁ କୌଣସି ଓଟିପି ଦେବାକୁ ପଡ଼ିବ ନାହିଁ। ସାଇବର କ୍ଷେତ୍ରରେ ଭୟାନକ ଠକମାନେ ଏଭଳି ଅନେକ ପ୍ରଶ୍ନ ପଚାରି ପାରନ୍ତି, ଯାହାର ଉତ୍ତର କେବଳ 'ୟେସ୍', ଯାହାକୁ ଓଡ଼ିଆରେ ହଁ କୁହାଯାଏ। ସେମାନଙ୍କର ବ୍ୟବସ୍ଥା ହେଉଛି ଆପଣଙ୍କଠାରୁ କେବଳ ୟେସ୍ ଶବ୍ଦଟି ଗ୍ରହଣ କରିବା। ଏହାପଛର ଯେଉଁ ଅଦୃଶ୍ୟ ଠକାମିର କାରନାମା ରହିଛି ତାହା ଜାଣିଲେ ଦେହ ଶୀତେଇ ଉଠିବ। କାରଣ ୟେସ୍ ଶବ୍ଦଟି କହୁଥିବା ଆପଣଙ୍କ କଣ୍ଠସ୍ୱରର ରେକର୍ଡ଼ ହିଁ ସେମାନଙ୍କ ପାଇଁ ଯଥେଷ୍ଟ। ଆପଣଙ୍କ କଣ୍ଠସ୍ୱରରେ ଥିବା ୟେସ୍ ଶବ୍ଦକୁ ନେଇ ସାଇବର ଅପରାଧୀମାନେ ନୂଆ ଆକାଉଣ୍ଟ ଖୋଲିଥାନ୍ତି। ପରବର୍ତ୍ତୀ ସମୟରେ ଏଥିରେ କେବଳ ଦେଣନେଣ ହୋଇନଥାଏ ବରଂ ମୋଟାଅଙ୍କର ଋଣ ମଧ୍ୟ ଆବେଦନ ହୋଇଥାଏ। ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରମାଣ ସ୍ୱରୂପ ଆପଣଙ୍କ ୟେସ୍ କଣ୍ଠସ୍ୱରକୁ ଭଏସ୍ ବାୟୋମେଟ୍ରିକ ସିଷ୍ଟମ ବ୍ୟବସ୍ଥାରେ ଗ୍ରହଣ କରି



ଭଏସ୍ କଲ୍ ଜରିଆରେ ଋଣ ମଞ୍ଜୁର କରିଥାନ୍ତି। ବର୍ତ୍ତମାନ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଜଣଙ୍କର କଣ୍ଠସ୍ୱର ମଧ୍ୟ ବ୍ୟାଙ୍କ ଆକାଉଣ୍ଟର ପାସ୍‌ୱାର୍ଡ ବି ହୋଇପାରେ।

ୟେସ୍ ଅଦୃଶ୍ୟ, ଭୟାନକ ଠକମାନଙ୍କଠାରୁ ରକ୍ଷା ପାଇବା ପାଇଁ ସର୍ବପ୍ରଥମେ ଗୋଟିଏ କଥାକୁ ଭଲ ଭାବେ ମନେରଖନ୍ତୁ ଯେ, ଆପଣ କୌଣସି ଅଜଣା ବ୍ୟକ୍ତି ବା ସଂସ୍ଥାଠାରୁ ଆପଣଙ୍କ ସମ୍ବନ୍ଧିତ ଫୋନ୍ କଲ୍ ପାଉଥିଲେ ସର୍ବନିମ୍ନ ଭାବେ ୟେସ୍ କିମ୍ବା ହଁ ଆଦୌ କୁହନ୍ତୁ ନାହିଁ। ଅନେକ କ୍ଷେତ୍ରରେ ଦେଖାଯାଏ କେତେକ ଆକାଉଣ୍ଟଧାରୀଙ୍କର ଖାତା ଖୋଲିଲା ବେଳେ ଭଏସ ବାୟୋମେଟ୍ରିକ୍ସ ଅଥେଣ୍ଟିକେଶନ୍ ସିଷ୍ଟମ ରଖିଥାନ୍ତି, ତେଣୁ ଏ କ୍ଷେତ୍ରରେ ତୁରନ୍ତ ନିଜର ଖାତା ଖୋଲିଥିବା ବ୍ୟାଙ୍କକୁ ଯାଇ ଏହି ବ୍ୟବସ୍ଥାକୁ ତୁରନ୍ତ ଡିଜାବଲ୍ କରନ୍ତୁ, ଯାହାଦ୍ୱାରା ଆପଣ ଏହି ୟେସ୍ ସ୍କାମ୍‌ର ଭୟାନକ ଠକାମିରୁ ବର୍ତ୍ତି ପାରିବେ। ସେହିପରି ଆଉ ଏକ ଅଦୃଶ୍ୟ ଅନ୍‌ଲାଇନ ଠକଙ୍କ କାରନାମା ହେଉଛି 'ଜାମ୍ ଡିପୋଜିଟ ସ୍କାମ୍'। ଉଦାହରଣସ୍ୱରୂପ, ବ୍ୟାଙ୍କ ସହିତ ଜଡ଼ିତ ହୋଇଥିବା ଆପଣଙ୍କ ଫୋନ୍‌କୁ ଧରାଯାଉ ଏକ ସୂଚନା ଆସିବ ଯେ ଆପଣଙ୍କ ପାସ୍‌ବୁକରେ କିଛି ଟଙ୍କା କ୍ରେଡିଟ ବା ଜମା ହୋଇଛି। ତେଣୁ ଆପଣ ନିଶ୍ଚିନ୍ତ ନିଜର ୟୁପିଆଇ ଆକାଉଣ୍ଟ ଖୋଲି ସର୍ବପ୍ରଥମେ ଏହି ବିଷୟରେ ଜାଣିବା ପାଇଁ ଆଗ୍ରହ ରଖିବେ। ତେବେ ଏଇଠି ଆପଣ ପୂରାପୂରି ଫସିଯିବା ଥୟ। କାରଣ ଅଦୃଶ୍ୟ ଅନ୍‌ଲାଇନ ଠକମାନେ ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତ ହୋଇ ଏକ ବଡ଼ଧରଣର କ୍ୟାଶ ୱିଥଡ୍ରୟାଲ ରିକୁଏଷ୍ଟ ପଠାଇ ନିଜର ଯୋଜନା ପ୍ରସ୍ତୁତ କରିସାରିଥିବେ। ଆପଣ ନିଜର ଆକାଉଣ୍ଟ ଜାଣିବା ପାଇଁ ୟୁପିଆଇ ଖୋଲିଲା ବେଳକୁ ଯେତେବେଳେ ନିଜେ ପିନ୍ ନମ୍ବରଟି ପ୍ରଦାନ କରିବେ ଏହା ସ୍ୱୟଂକ୍ରିୟ ଭାବେ ଆକସେସ୍ ହୋଇଯିବ, ଯାହାର ପରିଣାମ ସ୍ୱରୂପ କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟରୁ ଟଙ୍କା ଉଭାନ ହୋଇଯିବ।

ଆମ୍ଭମାନଙ୍କ ଭିତରେ ୟୁପିଆଇ ବହୁଳ ବ୍ୟବହାର ହେଉଛି। ତେବେ ଏଯାବତ୍ ଅନେକେ ପେମେଣ୍ଟ ରିକୁଏଷ୍ଟ ସମ୍ପର୍କରେ କିଛି ଜାଣନ୍ତି ନାହିଁ। ତେଣୁ କୌଣସି ପରିସ୍ଥିତିରେ ଅଜଣା ମେସେଜ ପଢ଼ି ତୁରନ୍ତ ମନଇଚ୍ଛା ସେମାନଙ୍କ କଥା ଗ୍ରହଣ କରନ୍ତୁ ନାହିଁ। କାରଣ ଏହା ପଛରେ ଏପରି କିଛି ଠକାମିର ଲିଙ୍କ୍ ରହିଥାଏ, ଯାହାକୁ ଆପଣ ଟଚ୍ କରିବାମାତ୍ରେ ସ୍କାମରମାନେ ଜାଲ୍ ଏସ୍‌ଏମ୍ଏସ୍ ଗେଟୱେ ଦ୍ୱାରା ଆକାଉଣ୍ଟକୁ ଟଙ୍କା ଆସିବା ପରି ଏକ ଧାରଣା ତିଆରି କରନ୍ତି। ସେହି ଏସ୍‌ଏମ୍ଏସ୍‌ରେ ୟୁପିଆଇ ଆକାଉଣ୍ଟ ଖୋଲିବାର ବିକଳ୍ପ ବି ରହିଥାଏ। ତେଣୁ ଏହି କ୍ଷେତ୍ରରେ ଆଦୌ ନିଜର ୟୁପିଆଇ ଆକାଉଣ୍ଟ ଖୋଲନ୍ତୁ ନାହିଁ। ହଁ, ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମେସେଜଗୁଡ଼ିକ କେଉଁ ବିଧିବଦ୍ଧ ସେଣ୍ଟରରୁ ଆସିଛି ତାହା ଯାଞ୍ଚ କରନ୍ତୁ। ବର୍ତ୍ତମାନ ଲୋକଙ୍କ ଭିତରେ ସଚେତନତା ବଢୁଥିବାରୁ ହ୍ୟାକରମାନେ ସେହିପରି ଠକାମିର ନୂଆ ନୂଆ ତରିକା ଆପଣେଇଲେଣି। ତେଣୁ ବର୍ତ୍ତମାନ ଆଇଭିଆର କଲ୍ ଦ୍ୱାରା ଠକିବାର ଏକ ନୂଆ ଫନ୍ଦି ସାଇବର ଠକମାନେ ଆପଣାଉଛନ୍ତି। ଆଇଭିଆର କଲ୍‌ଗୁଡ଼ିକ ଟ୍ରାଇ ଦ୍ୱାରା ନିୟନ୍ତ୍ରିତ ହେବା ସତ୍ତ୍ୱେ ଠକଙ୍କ ରାଜୁତି କିନ୍ତୁ କମୁନାହିଁ। ଏ କ୍ଷେତ୍ରରେ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ଓ ଜରୁରିକାଳୀନ ଭୂମିକା ରହିଛି। ସେହିପରି ବିଭିନ୍ନ ପ୍ରକାର ଥାର୍ଡ଼ ପାର୍ଟି ଦ୍ୱାରା ଆପ୍ ବ୍ୟବସ୍ଥାକୁ ଗ୍ରହଣ କରି ଠକମାନେ ଟଙ୍କା ଗାଏବ କରିଥାନ୍ତି। ତେଣୁ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସତର୍କତା କୁହାଯିବ ଆପଣ ଆପ୍ ଷ୍ଟୋରରୁ ଆପ୍ ଇନ୍‌ଷ୍ଟଲ କରିବା ପୂର୍ବରୁ ସେ ଆପ୍‌ର ଡେସ୍କ୍ରିପଶନ ପଢ଼ିବା ସହ ଭଲ କରି ପରଖିବା ଉଚିତ। କୌଣସି ପରିସ୍ଥିତିରେ କାହାକୁ ମୋବାଇଲକୁ ଆସିଥିବା ଓଟିପି କହିବେ ନାହିଁ। ଏଭଳି କିଛିଟା ସତର୍କତା ଅବଲମ୍ବନ କଲେ, ଆମେ କିଛି ମାତ୍ରାରେ ନିଜକୁ ସୁରକ୍ଷା ଦେଇପାରିବା। ସାଧାରଣତଃ ଅସହଜରେ ଟଙ୍କା ପାଇବା ଲୋଭରେ ଲୋକେ ଠକାମିର ଶିକାର ହୁଅନ୍ତି। ସହଜରେ ଟଙ୍କା ଉପାର୍ଜନ କରିବାର କୌଣସି ଉପାୟ ପୃଥିବୀରେ ନାହିଁ। ଏଇ କଥା ଥରେ ବୁଝିଗଲେ ଆଉ କେହି ଆପଣଙ୍କୁ ଠକିପାରିବେ ନାହିଁ।

ଆପଣଙ୍କ ଆକାଉଣ୍ଟକୁ ଯଦି ଅଚାନକ କୌଣସି ଭାବରେ କିଛି ଟଙ୍କା କ୍ରେଡ଼ିଟ ହୋଇଯାଇଛି ତେବେ ଆପଣ 'ରାତାରାତି ବଡ଼ଲୋକ ହୋଇଗଲେ ବୋଲି' ଏହି ବିଚାର ଆଦୌ କରନ୍ତୁ ନାହିଁ। କାରଣ କ୍ରେଡ଼ିଟ ସମ୍ବନ୍ଧରେ ସୂଚନାକୁ ଆପଣ ତତ୍କ୍ଷଣାତ ନ ଦେଖି ବରଂ କିଛି ସମୟ ପରେ ଏହାକୁ ଦେଖନ୍ତୁ। କାରଣ କିଛି ସମୟ ଅତିକ୍ରମ କରିଗଲେ ହ୍ୟାକରମାନେ ଆପଣଙ୍କୁ ଲୁଟିବା ପାଇଁ ଯେଉଁ କ୍ୟାଶ ୱିଥଡ୍ରୟାଲ ରିକୁଏଷ୍ଟ ଯୋଜନାବଦ୍ଧ ଭାବେ କରିସାରିଥିବେ ତାହା ଇତିମଧ୍ୟରେ ଇନ୍‌ଭାଲିଡ ହୋଇସାରିଥିବ। ସେହିପରି କୌଣସି ପରିସ୍ଥିତିରେ ଆଦୌ ଭୁଲ୍ ପିନ୍ ମାରନ୍ତୁ ନାହିଁ। କାରଣ ପ୍ରଥମ ପିନ୍‌ରେ ହିଁ ହ୍ୟାକରମାନେ ରିକୁଏଷ୍ଟ ଆକସେସ୍ କରିବା ପାଇଁ ସେମାନଙ୍କର ଠକାମିର ଜାଲ ବିଛେଇ ଥାଆନ୍ତି। ଆପଣ ଭୁଲ୍ ପିନ୍ ମାରିବା ଦ୍ୱାରା ସେ ରିକୁଏଷ୍ଟ କ୍ୟାନ୍‌ସେଲ ହୋଇଯାଏ। ଆପଣମାନଙ୍କର ସତର୍କତା କେବଳ ଆପଣଙ୍କୁ ନିଜର ଠକାମିରୁ ବଞ୍ଚାଇବ ନାହିଁ ବରଂ ବ୍ୟାଙ୍କ ପାଇଁ ଏକ ଅଯଥା ଆର୍ଥିକ ଝମେଲାରୁ ବଞ୍ଚାଇପାରିବ। ଆଜିର ସମୟରେ ଡିଜିଟାଲ ବ୍ୟବସ୍ଥା ଗୋଦରା କୋଡ଼େ ଯେତେ ମାଡ଼େ ସେତେ ପରି ଚାଲିଛି। ତେଣୁ ଆପଣ ଉପରୋକ୍ତ ସତର୍କତାଗୁଡ଼ିକ ଗ୍ରହଣ କରି ବ୍ୟାଙ୍କିଙ୍ଗ କାରବାର କରି ନିଜର ଅର୍ଥକୁ ସୁରକ୍ଷିତ ରଖନ୍ତୁ ଏବଂ ଆପଣଙ୍କ ଆକାଉଣ୍ଟ ଖୋଲିଥିବା ବ୍ୟାଙ୍କକୁ ଅଯଥା ଝମେଲାରୁ ବଞ୍ଚାଇବାରେ ସକ୍ଷମ ହୁଅନ୍ତୁ।

**ଏସ୍‌ବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ**
**ମୋ :୯୯୩୭୬୫୮୩୬୨**

# ବୁଦ୍ଧଙ୍କ ଦେଶରେ ମନ୍ଦିର କଳି



ଲଳିତେନ୍ଦୁ ପଲାଉରୀ

ଦକ୍ଷିଣପୂର୍ବ ଏସିଆର ଦୁଇ ପଡ଼ୋଶୀ ଦେଶ ଥାଇଲାଣ୍ଡ–କାମ୍ବୋଡିଆ। ଭଗବାନ୍ ବୁଦ୍ଧଙ୍କୁ ଅନୁସରଣ କରୁଥିବା ଏହି ଦୁଇ ଦେଶର ୮୦ପ୍ରତିଶତ ଅଧିବାସୀ ବୌଦ୍ଧ ଧର୍ମାବଲମ୍ବୀ। ବିଶ୍ୱ ମାନଚିତ୍ରରେ ଥାଇଲାଣ୍ଡର ପର୍ଯ୍ୟଟନ ଅର୍ଥନୀତି ବେଶ୍ ସମୃଦ୍ଧ। ଯଦିଓ କୃଷି ଓ ପର୍ଯ୍ୟଟନ ଉପରେ କାମ୍ବୋଡିଆବାସୀ ନିର୍ଭର କିନ୍ତୁ ଥାଇଲାଣ୍ଡ ଭଳି ବିକଶିତ ନୁହେଁ। ଥାଇଲାଣ୍ଡ ଚାଇନାର ବନ୍ଧୁ ହୋଇଥିବା ବେଳେ କାମ୍ବୋଡିଆ ହେଉଛି ଆମେରିକାର ବନ୍ଧୁ। ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ଚୟନ ଚର୍ଚ୍ଚାରେ ପ୍ରଥମେ କାମ୍ବୋଡିଆ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ହକ୍‌ଦାର ବୋଲି ମତ ରଖିଥିଲା। ବୁଦ୍ଧ ଉପାସକଙ୍କ ଏହି ଦୁଇ ଦେଶ ମଧ୍ୟରେ ଦୁଇଟି ପ୍ରାଚୀନ ମନ୍ଦିରକୁ ନେଇ ବିବାଦ ବେଶ୍ ପୁରୁଣା। ଅନେକ ଥର ଏହି ବିବାଦ ସମାଧାନ ପାଇଁ ଉଦ୍ୟମ ବିଫଳ ହୋଇଛି। ୨୦୨୫ ଅକ୍ଟୋବରରେ ମାଲେସିଆରେ ଆୟୋଜିତ ଆସିଆନ ଶିଖର ବୈଠକରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଥାଇଲାଣ୍ଡ–କାମ୍ବୋଡିଆ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିବାରେ ସଫଳ ହୋଇଥିଲେ ମଧ୍ୟ ଏହା ବେଶି ଦିନ ଟିକ୍‌ପାରିନି। ୨୦୨୫ ଶେଷ ଭାଗରେ ଥାଇଲାଣ୍ଡ–କାମ୍ବୋଡିଆ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ଥାଇଲାଣ୍ଡ କାମ୍ବୋଡିଆ ସୀମାରେ ଏୟାର ଷ୍ଟ୍ରାଇକ କରି ପ୍ରଥମେ ଶାନ୍ତି ରାଜିନାମାକୁ ଉଲ୍ଲଂଘନ କରିଥିବା କାମ୍ବୋଡିଆ ଅଭିଯୋଗ କରିଛି। ଥାଇଲାଣ୍ଡର ଏଫ୍–୧୬ ଲଢୁଆ ବିମାନରେ ମଧ୍ୟ କାମ୍ବୋଡିଆର ଧର୍ମସ୍ଥଳଗୁଡ଼ିକୁ ଟାର୍ଗେଟ କରିଥିଲା ଆଉ ଆକ୍ରମଣକୁ ଯଥାର୍ଥ ବୋଲି ଦର୍ଶାଇଥିଲା ଥାଇଲାଣ୍ଡ। କାମ୍ବୋଡିଆ ସେନା ମନ୍ଦିରରେ ଅସ୍ତ୍ରଶସ୍ତ୍ର ରଖି ଏହାକୁ ସାମରିକ ଘାଟି ଭାବେ ବ୍ୟବହାର କରୁଥିବା ଥାଇଲାଣ୍ଡ ଆପତ୍ତି ଉଠାଇଥିଲା। ତେଣୁ ଉଭୟ ଦେଶ ମଧ୍ୟରେ ଛକାପଞ୍ଝା ସହ ଯୁଦ୍ଧସ୍ଥିତି ଉପୁଜିଛି। କାମ୍ବୋଡିଆ ସୀମାରେ ଥିବା ସ୍କୁଲଗୁଡ଼ିକୁ ସୁରକ୍ଷା ଦୃଷ୍ଟିକୋଣରୁ ବନ୍ଦ କରାଯାଇଛି। ଉଭୟ ଦେଶର ସେନା ଆଲର୍ଟ ମୋଡ୍‌ରେ ରହିଛନ୍ତି। ଗତ ୨ମାସ ମଧ୍ୟରେ ଉତ୍ତେଜନା ଓ ସଂଘର୍ଷରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି।

କହିବାକୁ ଗଲେ ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ବିବାଦ ୧୧୮ ବର୍ଷ ପୁରୁଣା। ଦୁଇ ଦେଶର ସୀମାରେ ଥିବା ଦୁଇଟି ପ୍ରାଚୀନ ଶିବ ମନ୍ଦିରକୁ ନେଇ ବିବାଦ ବାରମ୍ବାର ହିଂସାତ୍ମକ ରୂପ ନେଉଛି। ଏହି ମନ୍ଦିର ଦୁଇଟି ହେଲା ପ୍ରିୟାହ ଭିହେର ଏବଂ ଟା ମୁଏନ ଥାମଁ ମନ୍ଦିର। ଉଭୟ ମନ୍ଦିରକୁ ଥାଇଲାଣ୍ଡ ଓ କାମ୍ବୋଡିଆ ସେମାନଙ୍କର ବୋଲି ଦାବି କରୁଛନ୍ତି। ୨୦୦୮ରେ ୟୁନେସ୍କୋ ଏହି ମନ୍ଦିର ଦୁଇକୁ ବିଶ୍ୱ ଐତିହ୍ୟ ସ୍ଥଳୀ ଅନ୍ତର୍ଭୁକ୍ତ କରିବା ପରେ ବିବାଦ ଅଧିକ ଘନୀଭୂତ ହୋଇଛି। ୨୦୧୩ରେ ଅନ୍ତର୍ଜାତୀୟ ନ୍ୟାୟାଳୟ ନିର୍ଦ୍ଦେଶ ଥିଲା କେବଳ ମନ୍ଦିର ନୁହେଁ, ଆଖପାଖ ଅଞ୍ଚଳ ମଧ୍ୟ କାମ୍ବୋଡିଆର। ଥାଇଲାଣ୍ଡ ଏହି ନିଷ୍ପତ୍ତିକୁ ସ୍ୱୀକାର କରୁନି। ଗତବର୍ଷ ଜୁନ୍ ୧୫ରେ ଦୁଇ ଦେଶ ମଧ୍ୟରେ ବିବାଦ ବଢ଼ିଥିଲା।



ସେହି ସମୟରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଥିବା ପି.ସିନାୱାତ୍ରା କାମ୍ବୋଡିଆର ନେତା ହୁନ ସେନଙ୍କ ସହ ଫୋନରେ କଥା ହୋଇ ଥିବା ଘଟଣା ସୋସିଆଲ ମିଡିଆରେ ଆସିବା ପରେ ଦେଶରେ ବିରୋଧାଭାସ ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି ଜୋରଦାର ହୋଇଥିଲା। ଦେଶବ୍ୟାପୀ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପି. ସିନାୱାତ୍ରାଙ୍କ ବିରୋଧରେ ଅସନ୍ତୋଷ ଦେଖାଇଥିଲା। ଶେଷରେ ପ୍ରଧାନମନ୍ତ୍ରୀ ସିନାୱାତ୍ରାଙ୍କୁ ପଦରୁ ବହିଷ୍କାର କରାଯାଇଥିଲା। ପି. ସିନାୱାତ୍ରା ଦେଶବାସୀଙ୍କୁ କ୍ଷମା ମାଗିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ପଦରୁ ହଟିବାକୁ ବାଧ୍ୟ ହୋଇଥିଲେ। ପୂର୍ବରୁ ଫ୍ରାନ୍ସ ଦ୍ୱାରା ଶାସିତ କାମ୍ବୋଡିଆ ସ୍ୱାଧୀନତା ପରେ ଏହାର ୮ଶହ କିମି ସୀମାବର୍ତ୍ତୀ ଅଞ୍ଚଳର ସାର୍ବଭୌମତ୍ୱକୁ ନେଇ ଥାଇଲାଣ୍ଡ ସହ ବିବାଦ ମଧ୍ୟ ରହିଛି। ଏହାସହ ୧୯୬୨ରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ ଜଷ୍ଟିସ ଏହି ପ୍ରାଚୀନ ଶିବ ମନ୍ଦିରକୁ କାମ୍ବୋଡିଆର ଅଂଶ ଭାବରେ ଘୋଷଣା କରିଥିଲେ। କିନ୍ତୁ ଥାଇଲାଣ୍ଡର କିଛି ଜାତୀୟତାବାଦୀ ଗୋଷ୍ଠୀ ଏହାକୁ ଚ୍ୟାଲେଞ୍ଜ କରି ଆସୁଛନ୍ତି।

ଥାଇଲାଣ୍ଡ ଓ କାମ୍ବୋଡିଆ ସୀମାରେ ନିର୍ମିତ ଉଭୟ ପ୍ରାଚୀନ ଶିବ ମନ୍ଦିରକୁ ନକ୍ସାରେ କାମ୍ବୋଡିଆର ବୋଲି ଉଲ୍ଲେଖ କରିଥିଲା ଫ୍ରାନ୍ସ। ସେତେବେଳେ କିନ୍ତୁ ଥାଇଲାଣ୍ଡ ପକ୍ଷରୁ ଏହାକୁ ବିରୋଧ କରାଯାଇ ନ ଥିଲା। ପରେ ବିବାଦ ଉଗ୍ର ହୋଇଥିଲା। ସେହି ଶିବ ମନ୍ଦିର ଦୁଇଟିକୁ ନେଇ ବିବାଦ ବଢୁଛି। ନିକଟରେ କାମ୍ବୋଡିଆ ସୈନିକମାନେ ମୁଏନ ଥାଁମ ମନ୍ଦିରକୁ ତାରଜାଲିଘେରା କରିଥିବା ବେଳେ ଥାଇଲାଣ୍ଡ ସୈନିକମାନେ ରକେଟ ଓ ଡ୍ରୋନ ମାଡ଼ କରି ଏହାକୁ ଉଡ଼ାଇ ଦେଇଥିଲେ। ଟା ମୁଏନ ଥାଁମ ମନ୍ଦିର ଏଭଳି ସ୍ଥାନରେ ଅବସ୍ଥିତ, ଏହା କେଉଁ ଦେଶରେ ସାମିଲ ରହିବ ତାହା ନିର୍ଦ୍ଦିଷ୍ଟ ନିଷ୍ପତ୍ତି ହୋଇପାରୁନି। ତେବେ କାମ୍ବୋଡିଆ କହିବା କଥା ଖମେର ସାମ୍ରାଜ୍ୟ କାମ୍ବୋଡିଆର ଅଂଶ ହୋଇଥିବାବେଳେ ଏହା କାମ୍ବୋଡିଆବାସୀଙ୍କ ଉପାସନା ପୀଠ ରହି ଆସିଛି। ଖମେର ସାମ୍ରାଜ୍ୟ କାମ୍ବୋଡିଆର ଏକ ଶକ୍ତିଶାଳୀ ସଭ୍ୟତା। ନବମ ଶତାବ୍ଦୀରୁ ୧୫ଶହ ଶତାବ୍ଦୀ ଯାଏ ଏହା ସମୃଦ୍ଧ ଥିଲା। ଖମେରମାନେ ଉଭୟ ଥାଇଲାଣ୍ଡ ଓ ଭିଏଟ୍‌ନାମର କିଛି ଅଞ୍ଚଳକୁ ଶାସନ କରିଥିବା କାମ୍ବୋଡିଆ ପକ୍ଷରୁ କୁହାଯାଇଛି। ସେପଟେ ଥାଇଲାଣ୍ଡ କହୁଛି ଏହି ମନ୍ଦିର ଚାରିପଟ ଥିବା ଜମି ତାହାର। ଥାଇଲାଣ୍ଡ ପ୍ରିୟାହ ଭିହେର ମନ୍ଦିର ଉପରେ ବାରମ୍ବାର ନିୟନ୍ତ୍ରଣ ଦାବି କରୁଛି, ଯାହାକୁ ନେଇ କାମ୍ବୋଡିଆ ୧୯୫୯ରେ ମାମଲାକୁ ଅନ୍ତର୍ଜାତୀୟ କୋର୍ଟରେ ଉପସ୍ଥାପନ କରିଥିଲା। ୧୯୬୨ରେ ଅଦାଲତ କହିଥିଲେ ଏହି ମନ୍ଦିର କାମ୍ବୋଡିଆର ଏବଂ ଥାଇଲାଣ୍ଡ ତା'ର ସୈନିକ ହଟାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଥାଇଲାଣ୍ଡ ଏହାକୁ ସ୍ୱୀକାର କରିଥିଲେ କିନ୍ତୁ ଆଖପାଖ ଅଞ୍ଚଳ ନିଜର ବୋଲି ଦାବି କରୁଛି।

**ବାଲିପଡ଼ାଳ,ନଗର,ଅସ୍ତରଙ୍ଗ,ପୁରୀ**
**ମୋ: ୯୭୭୮୬୯୭୦୩୬**

## ଏଇ ଭାରତରେ

ହିମାଳୟ ଜୈବ ବିବିଧତାର ଗନ୍ତାଘର। ଏହା ହେଉଛି ଦୁର୍ଲଭ ଔଷଧୀୟ ବୃକ୍ଷ ଓ ପୁଷ୍ପର ଭଣ୍ଡାର। ଏପରିକି ସେଠାରେ ଥିବା ଆହୁରି ଅନେକ ବୃକ୍ଷ ସମ୍ପର୍କରେ ଉଦ୍ଭିଦବିଜ୍ଞାନୀମାନେ ତଥ୍ୟ ହାସଲ କରିପାରିନାହାନ୍ତି। ତେବେ ଯେଉଁସବୁ ବିରଳ ବୃକ୍ଷ ସମ୍ପର୍କରେ ଏବେ ଜଣାପଡ଼ିଛି ସେଗୁଡ଼ିକ ମଧ୍ୟରୁ ହିମାଳୟର ଆଶ୍ଚର୍ଯ୍ୟ ଭାବେ ଜଣାଶୁଣା ସିକିମ୍ ସୁନ୍ଦରୀ ଅନ୍ୟତମ। ଏହାର ବିରଳ ଫୁଲ ଅନେକ ଦଶନ୍ଧି ପରେ ଗତ ବର୍ଷ ଡିସେମ୍ବରରେ ଫୁଟିବା ଆରମ୍ଭ ହୋଇଛି, ଯାହା ପ୍ରକୃତିପ୍ରେମୀ ଓ ଉଦ୍ଭିଦବିଜ୍ଞାନୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ପୂର୍ଣ୍ଣ ରୂପେ ଫୁଟିଲା ପରେ ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ସିକିମ୍ ସୁନ୍ଦରୀ ଗଛ ଅନେକ ବର୍ଷ ଅନ୍ତରରେ ୨ ମିଟର ଉଚ୍ଚଯାଏ ବଢ଼େ ଓ ଫୁଲ ଫୁଟେ। ଏହି ସମୟରେ ଏହା ଏକ ଟାୱାର ଭଳି ଦେଖାଯାଏ। ମଞ୍ଜି ଧରିବା ପରେ ଗଛର ଜୀବନଚକ୍ର ସମ୍ପୂର୍ଣ୍ଣ ହୋଇଥାଏ। ସମୁଦ୍ର ପତ୍ତନଠାରୁ ୪,୦୦୦ରୁ ୪,୮୦୦ ମିଟର ଉଚ୍ଚରେ ଫୁଟେ ଏହି ଫୁଲ। ସ୍ଥାନୀୟ ଲୋକେ ଏହାକୁ ବିଶେଷକରି ପାରମ୍ପରିକ ଚିକିତ୍ସାରେ ବ୍ୟବହାର କରିଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୩ ଜାନୁଆରୀ ୧୯୭୭

- ଉପରାଷ୍ଟ୍ରପତି ବି.ଡି. ଜଟ୍ଟି ଶହୀଦନଗରଠାରେ 'ଇଣ୍ଡିଆନ ମେଟାଲ୍ସ କମ୍ପାନୀ ଦାତବ୍ୟ ସଂସ୍ଥା' ପକ୍ଷରୁ ପ୍ରତିଷ୍ଠିତ ହେଉଥିବା ଏକ ଅବସର ବିନୋଦନ କେନ୍ଦ୍ର ଓ ଶିଶୁ ଉଦ୍ୟାନର ଭିତ୍ତି ସ୍ଥାପନ କରିଛନ୍ତି।
- ଚାଷନଳା କୋଇଲା ଖଣି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ମାଗଣା ଜମି, ଚାକିରି ସହ ପରିବାର ପିଛା ୧୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

## ଚିରନ୍ତନୀ

ସଖିରେ ସେହି ମତି ବରଷା କରେ ରତି
ଧରାରେ ଉପୁଜାଇ ପୁଲକ
ତନୁରେ ତନୁ ମିଶି ନ ମାନେ ଦିବା ନିଶି
ନ ପଡ଼େ ତିଳେ କାହା ପଲକ ।
–(ବର୍ଷାରତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମଧୁବାବୁ ପେନ୍‌ସନ ହିତାଧିକାରୀ ହଟହଟା

ମହାଶୟ,

ପୂର୍ବରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନୂତନ ବିନ୍ୟାସରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ହେବାରୁ ଆଇଏଫ୍ଏସ୍‌ସି କୋଡ୍ ପରିବର୍ତ୍ତନ ଯୋଗୁ ସାରଙ୍ଗଯୋଡ଼ି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖାରୁ ମଧୁବାବୁ ପେନ୍‌ସନ ଯୋଜନା ଭତ୍ତା ପାଉଥିବା ହିତାଧିକାରୀମାନେ ନଭେମ୍ବର ଓ ଡିସେମ୍ବର ୨୦୨୫ର ଭତ୍ତା ପାଇ ନାହାନ୍ତି। ଫଳରେ ସେମାନେ ଦୁର୍ଦ୍ଦିନରେ ରହିଛନ୍ତି। ସତ୍ୟବାଦୀ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ କ'ଣ ଏହି ଅସୁବିଧା ସମ୍ବନ୍ଧରେ ଜ୍ଞାତ ନୁହନ୍ତି ? କ'ଣ କଲେ ହିତାଧିକାରୀମାନେ ଭତ୍ତା ପାଇବେ ସେ କଥା କୁହାଯାଉନାହିଁ। କିନ୍ତୁ ସାରଙ୍ଗଯୋଡ଼ି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖାରେ ଅନୁସନ୍ଧାନ କଲେ ସେମାନେ ବ୍ଲକ୍‌ରୁ ଟଙ୍କା ଆସିନାହିଁ ବୋଲି କହୁଛନ୍ତି। ଯଦି ଏହା ସତ ହୁଏ ତେବେ ପ୍ରଶାସନିକ ଉଦାସୀନତା ଯୋଗୁ ହିତାଧିକାରୀମାନେ ଭତ୍ତା ପାଇବାରେ ବିଳମ୍ବ ହେଉଛି ବୋଲି ବୁଝିବାକୁ ପଡ଼ିବ। ଅତି ଶୀଘ୍ର ସମସ୍ୟା ସମାଧାନକରି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉ।

**–ରାମଚନ୍ଦ୍ର ଦାଶ,ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗଡକୁଣ୍ଡ,ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାମୂହିକ ବନ୍ଦେ ମାତରଂ ଗାନ

ବୁଗୁଡ଼ା,୧୨।୧(ଦୀପକ କୁମାର ପରାଶେଠ): ବୁଗୁଡ଼ାବନ୍ଧ ସ୍ଥିତ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ୍ଦେ ମାତରଂ ଗାନ କରାଯାଇଛି। ଏଥିରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଅଣ ଶିକ୍ଷକ କର୍ମଚାରୀ ତଥା ପ୍ରାୟ ୪୦୦ ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏଥିରେ ଅଧ୍ୟକ୍ଷ ଡକ୍ଟର ସୁନୀଲ ପାତ୍ର ଉପସ୍ଥିତ ରହି କହି ବନ୍ଦେ ମାତରଂ ସଂଗୀତର ଲକ୍ଷ୍ୟ ଓ ଉଦେଶ୍ୟକୁ ବୁଝାଇବା ସହ ଜାତୀୟ ସଂଗୀତକୁ ପାଥେୟ କରି ଆଜିର ଯୁବକ ବର୍ଗ ମନେ ନିଜକୁ ଏକ ବିକଶିତ ଓ ଶ୍ରେଷ୍ଠ ଭାରତ କରି ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ମହାବିଦ୍ୟାଳୟର ପୂର୍ବତନ ପ୍ରତିଷ୍ଠାତା ସମ୍ପାଦକ ଲକ୍ଷ୍ମୀଧର ସାହୁ ଯୋଗ ଦେଇଥିଲେ।

**ସଂକ୍ଷେପରେ**

## କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ ମନ୍ତ୍ରୀ

ସୁରୁଡ଼ା,୧୨।୧(କାଳିଚରଣ ଦାଶ)
ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୧୦ ଜଣ ଚାଷୀଙ୍କ ୨୦ ଏକରର ଧାନଗଦା ପୋଡ଼ି ଘଟଣାରେ ସୋମବାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷୁଦ୍ର ଓ ଅତି କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ତଥା ପୋଲସରା ବିଧାୟକ ଗୋକୁଳାନନ୍ଦ ମଲ୍ଲିକ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଛନ୍ତି। ଶନିବାର ଅପରାହ୍ନରେ ଏପରି ଅଗ୍ନିକାଣ୍ଡ ଘଟିଥିଲା। ମନ୍ତ୍ରୀ ଓ ତାଙ୍କ ସହ ଯାଇଥିବା ଯୁବ ନେତା ଜଗନ୍ନାଥ ବାଡେଇ ଚାଷୀଙ୍କ ସହ ଆଲୋଚନାକରିଥିଲେ। ପରେ ସେଠାରୁ କ୍ଷତିଗ୍ରସ୍ତ ଚାଷୀଙ୍କ ଧାନ ଜମିକୁ ଯାଇ କ୍ଷୟକ୍ଷତି ବୁଲି ଦେଖିଥିଲେ। ସରକାରୀ ସହାୟତା ଯୋଗାଇଦେବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ସେ ଆଲୋଚନା କରି ବେ ବୋଲି ମନ୍ତ୍ରୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଥିଲା ତାହାର କାରଣ ଏଯାଏ ଜଣାପଡିନାହିଁ।

# ଗଞ୍ଜାମ ଜିଲାରେ ଦିନକରେ ୫ ଜୀବନ ଗଲା

ବ୍ରହ୍ମପୁର/ଭଞ୍ଜନଗର/କବିସୂର୍ଯ୍ୟନଗର/ଶେରଗଡ଼,୧୨।୧ (ସୁବାସ ଚନ୍ଦ୍ର ପାଢ଼ୀ/ବାବୁଲା ପ୍ରଧାନ/କୃପାସିନ୍ଧୁ ସ୍ୱାଇଁ/ପୂର୍ଣ୍ଣମାନାରାୟଣ ଦାଶ):
ଗଞ୍ଜାମ ଜିଲାରେ ସଡ଼କ ଦୁର୍ଘଟଣା ନିୟନ୍ତ୍ରଣକୁ ଆସୁନାହିଁ। ବେପରୁଆ ଗାଡ଼ି ଚାଳନା ଯୋଗୁ ଦିନକୁ ଦିନ ମୃତାହତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ଗୋଟିଏ ଦିନରେ ଜିଲାର ପୃଥକ୍ ସ୍ଥାନରେ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ସୋମବାର ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଯାଇଛି ଏକାଧିକ ଆହତ ହୋଇଛନ୍ତି।

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ପଞ୍ଚାୟତ ବାଲକୃଷ୍ଣପୁର ଛକରେ ସୋମବାର ବସ୍ ଧକ୍କାରେ ସ୍କୁଟିରେ ଯାଉଥିବା ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ୨ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବୌଦ୍ଧ ଜିଲାର ବିନୟ କୁମାର ବିସି (୫୫) ଓ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ତେଜସ୍ୱିନୀ ରାୟ(୨୫)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଉପରେ ରୁଣ୍ଡହୋଇ ବସ ଚାଳକ ବେପରୁଆ ଭାବେ ଗାଡି ଚଳାଉଥିବା ଯୋଗୁ ଦୁର୍ଘଟଣା ଘଟିଲା ବୋଲି ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଛି। ଏ ନେଇ ନଂ.୧୭/୨୬ରେ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିଛି। ଚାଳକଙ୍କୁ ଅଟକ ରଖାଯାଇଛି। ସେହିପରି ତାରସିଂ ଥାନା ଅନ୍ତର୍ଗତ ଗରୁଡ଼ଗଡ଼ାରେ ଅପରାହ୍ନରେ ଏକ ହାଇୱା ଧକ୍କାରେ ଗରୁଡ଼ଗଡ଼ା ଗ୍ରାମର ଯୁବକ ଏମକେ ନାୟକଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଛି। ସେହିଭଳି କାଉଁଶିଲୁଣ୍ଡିରେ ମଧ ଦୁର୍ଘଟଣାରେ ୨ଜଣ ଆହତ ହୋଇଛନ୍ତି। କବିସୂର୍ଯ୍ୟନଗର ଥାନା ଆଠଗଡ ପାଟଣା ନିକଟରେ ବିଦ୍ୟୁତ୍ ଖୁଣ୍ଟ ବୋଝେଇ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କିଆରପଡ଼ା ଅଞ୍ଚଳର ଶିବ ଦାସ। ଆହତମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଟ୍ରାକ୍ଟରଟି ଟାଟା ପାୱାରର କିଛି ବିଦ୍ୟୁତ୍ ଖୁଣ୍ଟ ଓ ୧୦ ଜଣ ଶ୍ରମିକଙ୍କୁ ଧରି ପୁର୍ଣ୍ଣକୁରେ ଯାଉଥିବା ବେଳେ ଆଠଗଡ ପାଟଣା ନିକଟରେ ହଠାତ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଟ୍ରାକ୍ଟର ନମ୍ବରବିହୀନ ଡାଲାରେ ବସି ଯାଉଥିବା ଶ୍ରମିକମାନଙ୍କ ମଧ୍ୟରୁ ୫ଜଣ ଗୁରୁତର ହୋଇଥିଲେ। ଏହି ଖବର ପାଇ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଓ ଅଗ୍ନିଶମବାହିନୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଶ୍ରମିକ ଶିବଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୪ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଓଭର ଲୋଡ଼ିଂ କିମ୍ବା ଡ୍ରାଇଭରଙ୍କ ଅସାବଧାନତା ଦୁର୍ଘଟଣାର କାରଣ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଏ ନେଇ କବିସୂର୍ଯ୍ୟନଗର ପୋଲିସ ନଂ.୧୮/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଶେରଗଡ଼ ବ୍ଲକ ହାତିରୋ ଗ୍ରାମରେ ଏକ ଅଟୋ ଓଲଟ ପଡିବାରୁ ଜଣେ ମହିଳା ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୧୩ଜଣ ଆହତ ହୋଇଛନ୍ତି। ମୃତ ମହିଳା ଜଣଙ୍କ ହେଲେ ସରସ୍ତୁ ବିଷୋୟୀ। ଆହତମାନଙ୍କୁ ଶେରଗଡ ଡାକ୍ତରଖାନାକୁ ନିଆଯାଇଥିଲା।



**ନିୟନ୍ତ୍ରଣକୁ ଆସୁନି ସଡ଼କ ଦୁର୍ଘଟଣା**

## ସରପଞ୍ଚଙ୍କ ଅନୁଧାନ ପରେ ମଣ୍ଡିରୁ ଉଠିଲା ଧାନ

ଗଞ୍ଜାମ,୧୨।୧(ବିଦ୍ୟାଧର ସାହୁ)
ଗଞ୍ଜାମ ବ୍ଲକ୍‌ମଲାଡ଼ ପଞ୍ଚାୟତରେ ୨ଟିଧାନ ମଣ୍ଡି ଖୋଲିଛି। ସରପଞ୍ଚ ମମତା ବେହେରା ସୋମବାର ମଲାଡ଼ ଏବଂ ପଣ୍ଡିଦ ଠାରେ ଥିବା ୨ ଧାନ ମଣ୍ଡି ଅନୁଧାନ କରିଛନ୍ତି। ମଲାଡ଼ ଠାରେ ଥିବା ମଣ୍ଡିରେ ମଲାଡ଼ ଗ୍ରାମ ସମେତ ଶ୍ରୀବେଣୀ, ବାହାଲପୁର, ରାଉଳିବନ୍ଧ, ବରଗାଡା ଅଞ୍ଚଳର ଚାଷୀମାନେ ଧାନ ବିକ୍ରି କରିବେ। ସେହିପରି ପଣ୍ଡିଦ ଗାଁ ସମେତ କୁମ୍ଭାରି, କାଠଗଡ଼ା, ଚିଟେନାପୁର ଓ କୁଶପଲୀ ଅଞ୍ଚଳ ଚାଷୀଙ୍କ ଠାରୁ ମଣ୍ଡି ଧାନ କିଣିବ। ସରପଞ୍ଚଙ୍କ ଉପସ୍ଥିତିରେ ସୋମବାର ମଣ୍ଡି ଧାନ ଉଠେଇଥିବା ସରପଞ୍ଚ ପ୍ରତିନିଧି ସୁଦାମ ବେହେରା ସୂଚନା ଦେଇଛନ୍ତି। ସରପଞ୍ଚଙ୍କ ମଣ୍ଡି ଅନୁଧାନ ବେଳେ ସମୀର ବିଶ୍ୱାଳ ରାହୁଲ, ବିଜୁ ପାତ୍ର ଓ ତପନ କୁମାରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଦୁଇଟି ମଣ୍ଡିକୁ ସେବା ସମବାୟ ସମିତି ପକ୍ଷରୁ ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀ ପରିଚାଳନା କରୁଛନ୍ତି। ସରପଞ୍ଚଙ୍କ ସହ ଆଲୋଚନା କରି ଧାନ ଉଠିଥିବା ଯୋଗୁ ସ୍ଥାନୀୟ ଅଞ୍ଚଳଚାଷୀ ସରପଞ୍ଚଙ୍କୁ ପ୍ରଶଂସା କରିଛନ୍ତି।

## ରଙ୍ଗଣି ସମାଜର ବାର୍ଷିକ ଉତ୍ସବ

ଆସିକା,୧୨।୧(ସୁରେନ୍ଦ୍ର ନାଥ ସାହୁ):
ଆସିକା ଜୋନ ସାକାହାରୀ ରଙ୍ଗଣି ସମାଜର ବାର୍ଷିକ ଉତ୍ସବ ରବିବାର ଆସିକା ଏନଏସି ସୁନାମ୍ବ ସାହିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରଙ୍ଗଣି ସମାଜର ସଭାପତି ଲଡୁ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ସାହୁ, ସୁଶାନ୍ତ ସାହୁ, ସିମାଞ୍ଚଳ ସାହୁ ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ସମାଜର ସାଙ୍ଗଠନିକ ଅଭିବୃଦ୍ଧି, ପରସ୍ପର ମଧ୍ୟରେ ଭାଇଚାରା ଭାବ ସୃଷ୍ଟି, ଯୌତୁକ ବିହୀନ ବିବାହ, ସମାଜର କନ୍ୟା ସନ୍ତାନଙ୍କ ଶିକ୍ଷାଗତ ଅଭିବୃଦ୍ଧି ଲାଗି ସମସ୍ତେ ଯତ୍ନବାନ ହେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲାନ୍। ଆସିକା, ଲଚ୍ଛମନପଲ୍ଲୀ, ଲାଲାଶାସନ, କର୍ପୁର ନୂଆଗାଁ, ଚଡିଆପଲ୍ଲୀ, ଜଗଦଲପୁର ଆଦି ସ୍ଥାନରୁ ସମାଜର ସଦସ୍ୟ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲେ ଅଞ୍ଚଳବାସୀ

ଫୁଲବାଣୀ,୧୨।୧
(ରାକେଶ କୁମାର ରାଉତ)

ଜବରଦଖଲ ଉଚ୍ଛେଦ କରିବା ଲାଗି ଫୁଲବାଣୀ ତହସିଲ ପକ୍ଷରୁ ଦିଆ ଯାଇଥିବା ନୋଟିସ୍ ବିରୋଧରେ ସୋମବାର ଜୋରଦାର ପ୍ରତିବାଦ କରାଯାଇଛି। ସହରର ଜିରିଙ୍ଗିପଡ଼ା, ପିଅନପଡ଼ା, ପେଞ୍ଜିସାହି ଆଦି ବିଭିନ୍ନ ଅଞ୍ଚଳରେ ସରକାରୀ ଜମିରେ ବହୁ ବର୍ଷ ଧରି ଘର କରି ରହି ଆସୁଥିବା ବହୁ ମହିଳା ପୁରୁଷ ଫୁଲବାଣୀ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଦୀର୍ଘ ବର୍ଷ ଧରି ରହି ଆସୁଥିବା ଲୋକଙ୍କୁ ପଟ୍ଟା ଦେବା ବଦଳରେ ପ୍ରବଳ ଶୀତ ସମୟରେ ଉଚ୍ଛେଦ କରିବାକୁ ଦିଆ ଯାଇଥିବା ନୋଟିସ କେତେଦୂର ଯୁକ୍ତିଯୁକ୍ତ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଖାଲି ଏତିକି ନୁହେଁ, ସହରର ମୁଖ୍ୟ ବଜାର, ହାଟ ଆଦିକୁ ଯେଉଁ ବଡ଼ ବଡ଼ିଆ ମାନେ ଜବର ଦଖଲ କରି ନିଜ ବ୍ୟବସାୟ ପ୍ରତିଷ୍ଠାନ ଚଳାଇଛନ୍ତି, ସେମାନଙ୍କ ଉପରେ କାହିଁ କି କାର୍ଯ୍ୟାନୁଷ୍ଠାନ ହେବ ନାହିଁ ବୋଲି ପ୍ରଶାସନକୁ ଜବାବ ମାଗିଛନ୍ତି । ଆଦିବାସୀ ନେତା ଲମ୍ବୋଦର କହଁରଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ଆସି ଏହି ପ୍ରତିବାଦ କରିଛନ୍ତି। ଫୁଲବାଣୀ ପୌର ପରିଷଦରେ ପଟ୍ଟା ଜାଗା କମ୍ ଥିବାରୁ ଲୋକେ ବାଧ ହୋଇ ସରକାରୀ ଜମିରେ ବହୁ ବର୍ଷ ହେବ ଘର କରି ରହି ଆସୁଛନ୍ତି। କିନ୍ତୁ ସରକାର ଏମାନଙ୍କୁ ପଟ୍ଟା ଦେବା ବବଦଳରେ ଉଚ୍ଛେଦ କରିବାକୁ ନୋଟିସ ଦେଇଛନ୍ତି। ତହସିଲ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୧ ହଜାର ଲୋକଙ୍କୁ ନୋଟିସ ଦିଆଯାଇଛି । ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଆଦିବାସୀ ନେତା ଲମ୍ବୋଦର କହିଛନ୍ତି। ସେହିପରି ଆଦିବାସୀ ନେତା ସମୀର ଘଟାଲ ତୁରନ୍ତ ତହସିଲଦାର ଦେଇଥିବା ନୋଟିସ ପ୍ରତ୍ୟାହର କରି ସ୍ଥାୟୀ ଜମି ପଟ୍ଟା ଯୋଗାଇ ଦେବାକୁ ଦାବି କରିଛନ୍ତି। ଯଦି ଏହା ନ ହେବ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି।


ମହିଳାମାନେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିଛନ୍ତି।

**ଜବରଦଖଲ ଉଚ୍ଛେଦ ପ୍ରତିବାଦ ଜୋର୍ ଧରିଲା**

## ସୋରଡାରେ ଯୁଗ୍ମ ଅଭିଯୋଗ ଶୁଣାଣି

ସୋରଡା,୧୨।୧(ରଜନୀ ମହାପାତ୍ର)
ସୋରଡାରେ ସୋମବାର ଗଞ୍ଜାମ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ତେବେ ଜିଲାପାଳ ଓ ଏସ୍‌ପି ଅନୁପସ୍ଥିତ ରହିବାରୁ ଅତିରିକ୍ତ ଜିଲାପାଳ ଦୀପକ ଜେନା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆସିଥିବା ୩୪୨ ଅଭିଯୋଗ ଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ଦୀପକ ଜେନା, ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା, ଗଞ୍ଜାମ ଏସ୍‌ପିଙ୍କ ଅନୁପସ୍ଥିତିରେ ଉପ ଆରକ୍ଷୀ ଅଧୀକ୍ଷକ ରଞ୍ଜନ ଦେ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ବିଜୟ ବେହେରା ଓ ଏଡ଼ିଏମ ପ୍ରମୋଦ ପୃଷ୍ଟି, ଭଞ୍ଜନଗର ଡେପୁଟି କଲେକ୍ଟର, ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଆସିଥିବା ଅଭିଯୋଗଗୁଡିକ ମଧ୍ୟରୁ ୩୨ଟି ସମସ୍ୟା ସମ୍ବଳିତ ଥିଲା। ଶିବିରରେ ଦୁଇ ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ଜରୁରୀକାଳୀନ ଚିକିତ୍ସା ପାଇଁ ୩୫ ହଜାର ଓ ୫୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଜନଶୁଣାଣିରେ ଅଧିକାଂଶ ଅଭିଯୋଗ ଆବାସ, ଭତ୍ତା, ରାଶନ ପାଇଁ ଉଦ୍ଦିଷ୍ଟ ରହିଥିଲା।

# ଶୀତ ମହୋତ୍ସବରେ ମାରପିଟ ଅଭିଯୋଗ

ଦାରିଙ୍ଗବାଡ଼ି,୧୨।୧
(ଅରୁଣ ସାହୁ)

**ଉଭୟ ଗୋଷ୍ଠୀପକ୍ଷରୁ ଥାନାରେ ଏତଲା**

ମହୋତ୍ସବ ଦେଖିବାକୁ ଆସିଥିବା ଜଣେ ଯୁବକଙ୍କୁ ଅନ୍ୟ ୨ ଜଣ ଯୁବକ ମାଡ଼ ମରିବା ସହ ହତ୍ୟା ଧମକ ଦେଉଥିବା ଦାରିଙ୍ଗବାଡ଼ି ଥାନାରେ ଅଭିଯୋଗ ହୋଇଛି। ହେଲେ ମାଡ଼ ମାରିଥିବା ୨ ଯୁବକଙ୍କୁ ଆକ୍ରମଣ ହୋଇଥିବା ଦାରିଙ୍ଗବାଡ଼ି ଥାନାରେ ପାଲଟା ଅଭିଯୋଗ ହୋଇଛିାନ୍ ରବିବାର ଶୀତ ମହୋତ୍ସବ ଉଦ୍‌ଯାପନୀ ଉତ୍ସବ ଥିଲା। କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଗୀତ ଶୁଣିବାକୁ ପ୍ରବଳ ଭିଡ଼ ଜମିଥିଲା। ସେହି ସମୟରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ପ୍ରଥମେ କଥା କଟାକଟି ଓ ପରେ ହାତାହାତି ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ଏକାଧିକ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନେ ୨ ରାଜନୈତିକ ଦଳର ହୋଇଥିବା ବେଳେ ଏହା ରାଜନୈତିକ ବିବାଦ ନା ବ୍ୟକ୍ତିଗତ ତାହା ପୋଲିସ ତଦନ୍ତ ଚଳାଇଛି। ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ବାବୁନି ପଣ୍ଡାଙ୍କୁ ୨ ଜଣ ମାଡ଼ମାରି ଲହୁ ଲୁହାଣ କରିଥିବା ଅଭିଯୋଗ ଆଣିଥିବା ବେଳେ ଅନ୍ୟ ଗୋଷ୍ଠୀର ଯୁବକ କହିଥିଲେ ଯେ, ବାବୁନି ଜୋର ଜବରଦସ୍ତ ଅସୀମାଙ୍କ ଗ୍ରୀନ ରୁମ ଭିତରକୁ ଯାଇ ଫଟୋ ଉଠାଇବାକୁ ଉଦ୍ୟମ କରୁଥିଲେ। ଗ୍ରୀନ ରୁମ ବାହାରେ ଦାୟିତ୍ୱରେ ଥିବା ରୁଦ୍ର ମାଧବ ବେହେରା ଏବଂ ମହେନ୍ଦ୍ର ଦାସ ତାଙ୍କୁ ପ୍ରଥମେ ବାରଣ କରିଥିଲେ। ଏଥିରେ ବାବୁନି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଦୁହିଁଙ୍କ ମଧ୍ୟରେ ହାତାହାତି ହୋଇ ଉଭୟ ଆହତ ହୋଇ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ଆଇଆଇସି ସଂଗ୍ରାମ କେଶରୀ ଜେନା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

ରମ୍ଭା,୧୨।୧(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ୍ ରାମଗଡ଼ ପଞ୍ଚାୟତ ସ୍ଥିତ ପାଲୁରଗଡ଼ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିବେକାନନ୍ଦ ଜୟନ୍ତୀ ଅବସରରେ ୧୫ ତମ ବାର୍ଷିକ ଉତ୍ସବ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ସରପଞ୍ଚ ସନ୍ତୋଷିନୀ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ନାୟକ, ସମିତିସଭ୍ୟା ଗୀତାଞ୍ଜଳି ବେହେରା, ଶିକ୍ଷାବିତ ବାଳକୃଷ୍ଣ ମହାରଣା, ମୁଖ୍ୟବକ୍ତା ଡ.ଦ୍ୱାରିକାନାଥ ମହାରଣା, ହିନ୍ଦୀ ଶିକ୍ଷକ ଅଶୋକ ପଢିଆଳି, କବି କେଶବ ଯୁବକ ସଂଘର ସଭାପତି କୈଳାଶ ଚନ୍ଦ୍ର ପ୍ରଧାନ, ସମାଜିକ କର୍ମୀ ରଞ୍ଜନ ତରେଇ, ଦୀପକ ମୁଦୁଲି ପ୍ରମୁଖ ମଞ୍ଚାସିନ ରହିଥିଲେ। ସମ୍ପାଦକ ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ବେହେରା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଜି. କ୍ରିଷ୍ଣା ଉପସ୍ଥାପନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜଗନ୍ନାଥ ମୋ ଜଗନ୍ନାଥ ଗୀତରେ ଝୁମିଥିଲେ ଦର୍ଶକ। ଏଥିରେ ପାଲୁରଗଡ଼ ଓ ଏହାର ଆଖ ପାଖ ଗ୍ରାମର ଦର୍ଶକ, ଅଭିଭାବକ ଅଭିଭାବିକା ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ଗୁରୁମା ବନିତା ରାଉତ, ଅନୀତା ଦାଶ, ସମିତା ଭୋଳ, ମାଉସୀ ରିଙ୍କି ମହାରଣା, ଅର୍ଜୁନ ଜେନା, କୈଳାଶ, ବାଉରୀ ତରେଇ, ଦିଲୀପ ପଲେଇ ସହଯୋଗ କରିଥିଲେ।

# ଅଭିଯୋଗ ଗ୍ରହଣ କଲେ ଅତିରିକ୍ତ ଜିଲାପାଳ

ଖଜୁରିପଡ଼ା,୧୨।୧(ବିଦୁର ବେହେରା): ଖଜୁରିପଡ଼ା ବ୍ଲକ୍‌ର ସଭାଗୃହରେ ସୋମାବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ସିଧା ସଳଖ ଭାବେ ଜନସାଧାରଣଙ୍କ ୪୫ଟି ଅଭିଯୋଗ ଗ୍ରହଣ କରାଯାଇଛି। ଏଥିମଧ୍ୟରୁ ବ୍ୟକ୍ତି ଗତ ସମସ୍ୟା ୩୮ଟି ରହିଥିବା ବେଳେ ସାମୂହିକ ସମସ୍ୟା ୭ ଟି ରହିଛି। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ, ଉପ ଜିଲାପାଳ ଭିକାରୀ ସାହୁ, ବିଡିଓ ଶୁଭ ଦତ୍ତାତ୍ରେୟ ବାହିନୀପତି, ତହସିଲଦାର ଶୁଭଶ୍ରୀ ରଥ, ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ, ଥାନା ଅଧିକାରୀ ଚାପଧାରୀ ପ୍ରଧାନ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ରାଣୀ ଲକ୍ଷ୍ମୀବାଈ ଆତ୍ମ ସୁରକ୍ଷା ଶିବିର ଉଦ୍‌ଘାଟିତ

ଗୋଷାଣି,୯।୧(ଗଣେଶ ପାତ୍ର)
ଗୋଷାଣି ବ୍ଲକ ଅନ୍ତର୍ଗତ ଗାରାବନ୍ଧ ଗ୍ରାମସ୍ଥିତ ଶ୍ରୀଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ରାଣୀ ଲକ୍ଷ୍ମୀବାଈ ଆତ୍ମ ସୁରକ୍ଷା ଶିବିର ସହ ବ୍ଲକ କ୍ରୀଡା ସଙ୍ଗଠନର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ଗୋଷାଣି ବିଇଓ ଶିବରାମ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବି. ଗଙ୍ଗାଧର ସଭାପତିତ୍ୱ କରିଥିଲେ। ଗୋଷାଣି, ଆଡାଗାଁ, ଲାବାଣ୍ୟଗଡ ଓ ରମ୍ଭା କ୍ଲଷ୍ଟରର ୫୦ ଜଣଙ୍କୁ ରେଖାରାଣୀ ଦେଓ, ତପସ୍ୱିନୀ ପଣ୍ଡା, ବି. ପଦ୍ମଜା ଓ ରଶ୍ମିରାଣୀ ସାମଲ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ଦେଇଥିଲେ। ପୂର୍ବାହ୍ନ ୧୧ଟାରେ ବନ୍ଦେମାତରମ୍ ଗାନ କରାଯାଇଥିଲା। ପରେ ପୁନଃ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଏ। ଆତ୍ମ ରକ୍ଷା ଶିବିର କାର୍ଯ୍ୟକ୍ରମ ପରେ ବ୍ଲକର ୨୦ କ୍ରୀଡା ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ନେଇ ବ୍ଲକ କ୍ରୀଡା ବିଭାଗର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ବସିଥିଲା। ଏଥିରେ ଚଳିତବର୍ଷର ସଫଳତା ଓ ବିଫଳତା ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# ବିଦ୍ୟୁତ ବିଚ୍ଛିନ୍ନ ପ୍ରତିବାଦରେ ଉପଭୋକ୍ତାଙ୍କ ଧାରଣା



ଆସିକା,୧୨।୧(ସୁରେନ୍ଦ୍ର ନାଥ ସାହୁ):
ଆସିକା ବ୍ଲକର ଜୟପୁର ଗ୍ରାମରେ ଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବିପିଏଲ ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ ଟିପିଏସଓଡିଏଲ ପକ୍ଷରୁ ଶୁକ୍ରବାର ଅପରାହ୍ନରୁ ବିଚ୍ଛିନ୍ନ କରାଯାଇଛି। ଏହାର ପ୍ରତିବାଦରେ ସୋମବାର ବିଦ୍ୟୁତ ଉପଭୋକ୍ତା ମହାସଂଘର ସଂଯୋଜକ ଶଙ୍କର ସାହୁଙ୍କ ନେତୃତ୍ୱରେ ସଂପୃକ୍ତ ପରିବାର ଶୋଭାଯାତ୍ରାରେ ଯାଇ ଟିପିଏସଓଡିଏଲର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ବହୁ ବର୍ଷ ଧରି ବିଦ୍ୟୁତ ଉପଭୋଗ କରି ଆସୁଥିବା ଏହି ହିତାଧିକାରୀଙ୍କୁ ଆଗୁଆ କୌଣସି ସୂଚନା ନ ଦେଇ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ଯୋଗୁଁ ଅଞ୍ଚଳ ଅନ୍ଧାରରେ ରହିବା ସହ ପିଲାମାନଙ୍କ ପାଠପଢା ଓ ଅନ୍ୟାନ୍ୟ କାର୍ଯ୍ୟରେ ନାହିଁ ନଥିବା ଅସୁବିଧା ଭୋଗୁଥିବା ଜଣାଇଥିଲେ । ତୁରନ୍ତ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅନୁସୂଚିତ ପରିବାରଙ୍କ ବିଦ୍ୟୁତ ପୁନଃ ସଂଯୋଗ କରିବା ଲାଗି ସେମାନେ ଦାବି କରିଥିଲେ । ଏ ସମ୍ପର୍କରେ ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ଜଗଦଜିତ ଦାସ ମହାପାତ୍ରଙ୍କୁ ପଚାରିବାରେ ଦାବି କରୁଥିବା ଜନସାଧାରଣଙ୍କ ଘରକୁ କୌଣସି ସମୟରେ ବିଭାଗ ପକ୍ଷରୁ ବିଦ୍ୟୁତ ସଂଯୋଗ କରାଯାଇନଥିଲା। ଏହି ବ୍ୟକ୍ତିମାନେ ବେଆଇନ ଭାବେ ଜୋରଜବରଦସ୍ତ ବିଦ୍ୟୁତ ସଂଯୋଗ କରି ଉପଭୋଗ କରୁଥିଲା ବେଳେ କିଛି ବ୍ୟକ୍ତିଙ୍କ ନାମରେ ହଜାର ହଜାର ଟଙ୍କା ବକେୟା ରହିଥିବା ପ୍ରକାଶ କରିଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ 31,04,600/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱର, ଓଡ଼ିଶାରେ ବ୍ଲକ ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ର ବାହ୍ୟ ମରାମତି ଏବଂ ପୁନଃ ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 75 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ 28 ଜାନୁଆରୀ, 2026 ଅପରାହ୍ନ 02:00 ଟା ଅଟେ।
ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।
କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. ST-OT-HIRING-VEHICLE-532, ତା.06.01.2026ରିଖ
କାର୍ଯ୍ୟର ନାମ : 30 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସମ୍ପତ୍ତି(Asset)ଗୁଡ଼ିକର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବାଲୁଗାଁ, ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବ୍ରହ୍ମପୁର ଅଧିନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ତଥା ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନରାତି ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଦୁଇ ଗୋଟି ବହୁ ଉପଯୋଗିତା ବିଶିଷ୍ଟ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା।
ଟେଣ୍ଡର ମୂଲ୍ୟ : ₹ 35,40,000.00, EMD : ₹ 70,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-
ବିଡ୍ ଆରମ୍ଭ ହେବା ତାରିଖ : ତା.14.01.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.01.2026ରିଖ 1100 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-993/Q/25-26

MUNICIPAL OFFICE: KENDRAPARA
ପୌରପାଳିକା କାର୍ଯ୍ୟାଳୟ: କେନ୍ଦ୍ରାପଡ଼ା
E-mail:kendraparamunicipality@gmail.com
Notice No.118/KM, Date:09.01.26
"e" Procurement Notice
No.C-2037: Bid documents consisting of work, Estimate Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.
1. Tender Reference No.EO_KM_03_2025-26.
2. Total No. of Work: 01 to 85 Nos.
3. Estimated Cost: Rs.2,05,380/- to Rs.1,26,94,989/-.
4. Period of Completion: 60 days to 120 days.
5. Date & Time of Bidding: Dt.19.01.26 at 11.00 AM to Dt.03.02.26 at 5.00 P.M.
6. Last Date & Time for receipt of bids in the portal: Dt.03.02.26 at 5.00 P.M.
7. Bids received Online shall be opened on: Dt.04.02.26 at 11.00 AM.
8. Name & Address of the Officer Inviting Bid: Executive Officer, Kendrapara Municipality.
Further details can be seen from the procurement portal i.e. www.tendersorissa.gov.in.
OIPR-
Sd./- Executive Officer, Kendrapara Municipality

ଭାରତୀୟ ରିଜର୍ଭ ବ୍ୟାଙ୍କ
ସୂଚନା ପ୍ରଯୁକ୍ତି ବିଭାଗ
୧୪ତମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ
ଶହୀଦ ଭଗତ ସିଂ ମାର୍ଗ, ଫୋର୍ଟ, ମୁମ୍ବାଇ - ୪୦୦୦୦୧
ପରିବେଶୀୟ ମଞ୍ଜୁରୀ
ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ପରିବେଶୀୟ ମଞ୍ଜୁରୀ ଫାଇଲ୍ ସଂ. ୫୨୦୧୬/୭୭-ଇନ୍‌ଫ୍ରା୨/୦୧-୨୦୨୫, ତାରିଖ: ଜାନୁଆରୀ ୦୭, ୨୦୨୬ ଜରିଆରେ "ଇଡ୍‌କୋ ପ୍ଲଟ୍ ନଂ. ଏସ୍୫-ଏଚ୍-୦୫, ଇଏମସି ପାର୍କ, ଇନଫୋଭ୍ୟାଲି II, ଯାଆଁଳା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ରେ ୧୮.୫୫ ଏକର କ୍ଷେତ୍ରରେ ଆରବିଆଇ ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଏବଂ ଉଦ୍ୟୋଗସ୍ତରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ" ପରିବେଶୀୟ ମଞ୍ଜୁରୀ ପ୍ରଦାନ କରିଛନ୍ତି।
ଉପରୋକ୍ତ ପରିବେଶୀୟ ମଞ୍ଜୁରୀ ପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାରେ ଉପଲବ୍ଧ ଏବଂ ତାହାକୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC)ର ପରିବେଶ ପୋର୍ଟାଲ୍ ୱେବସାଇଟ୍ (www.parivesh.nic.in) ରେ ମଧ ଦେଖାଯାଇପାରିବ।
ସ୍ଥାନ: ମୁମ୍ବାଇ
ପ୍ରଭାରୀ ମୁଖ୍ୟ ମହାପ୍ରବନ୍ଧକ

GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA
E_mail:eerwkesinga@yahoo.com
e-Procurement Notice
BID IDENTIFICATION NO.RWKSNG-online-08/25-26
No.O-2027:1. Name of Works: Building works & Road Works (As per annexure). 2. Total No. of Work: 18 Nos. 3. Estimated Cost: Rs.1.46 Lakhs to Rs.34.11 lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D' 'C' & 'B' Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-09/ 25-26 | 13.01.2026 at 11.00 A.M. | 21.01.2026 upto 17.00 P.M. | 19.01.2026 upto 11.00 A.M. | 22.01.2026 at 11.00 A.M. |

Further details can be seen from the Website i.e. www.tenderodisha.gov.in
OIPR-
Sd./- Superintending Engineer, Rural Works Division, Kesinga

GOVERNMENT OF ODISHA
PANCHAYATIRAJ & D.W. DEPARTMENT
OFFICE OF THE PANCHAYAT SAMITI, RAGHUNATHPUR
'e' mail ID: ori-raghunathpur@nic.in
No.i-470
'e' Procurement Notice No. BDO-RPS-02 of 2025-26

| | | |
|---|---|---|
| 1 | Number of the Work | 02 (Two) Nos. |
| 2 | Tender Amount (Approx.) | Rs.23.43 Lakh (Each) |
| 3 | EMD (Online) | Rs.23,500.00 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| | | From | To | | | |
| Block Development Officer, Raghunathpur | BDO-RPS-02/2025-26 | 13.01.2026 at 10.00 Hours | 28.01.2026 at 17.30 Hours | 22.01.2026 upto 1.00 P.M. during office hours on working days | 29.01.2026 upto 11.00 AM during office hours | O/o the Panchayat Samiti, Raghunathpur |

Further details can be seen from the Govt. website "https://tendersodisha.gov.in"
All corrigendum/ cancellation of tender if any, will only be uploaded in the above website.
OIPR-
Sd./- BLOCK DEVELOPMENT OFFICER, RAGHUNATHPUR

DISTRICT PROJECT OFFICE, RTE-SS, JAGATSINGHPUR
Notice No. 54/2026 Date : 09.01.2026
NOTICE INVITING TENDER (NIT)
Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026
Sealed tenders are invited from the reputed & credible printers/ firms / agencies having up to date DIC, TAN/PAN, GST registration certificate for Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026 in respect of all Govt. & Govt. Aided (Primary and Upper Primary schools) of Jagatsinghpur District.
The details are also available in NIC website i.e www.jagatsinghpur.nic.in/http://jagatsinghpur.odisha.gov.in & www.opepa.in.
By Order of Collector-cum-Chairperson, SS, Jagatsinghpur
Sd./- DEO-cum-DPC
SS, Jagatsinghpur

## ୮୬ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ

ବାଲିଗୁଡ଼ା, (ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ ବିରୋଧରେ ପୋଲିସ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଟିକାବାଲି ଥାନା ଅଧିକାରୀ ପ୍ରଜ୍ଞା ରିତମ୍ଭରା କରଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ, ଅବକାରୀ ଏବଂ ରାଜସ୍ୱ ବିଭାଗର ମିଳିତ ସହଯୋଗରେ ଟିକାବାଲି ଥାନା ଅନ୍ତର୍ଗତ କଟିମାହା ପଞ୍ଚାୟତର ଅଡ଼ାଖୋଲ, ଡୁଙ୍ଗିସାହି, ଉପରଖୋଲ, ଲଦାସାହି, ବିଲାବାଡ଼ା, ଦାସାଗୁଡ଼ା ଏବଂ କଳିଙ୍ଗର ପଞ୍ଚାୟତରେ ଗଣ୍ଡାଗାଁ ସମେତ ପ୍ରାୟ ୮୬ ଏକର ଜଙ୍ଗଲ ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରାଯାଇଛି। ଏହାକୁ ନେଇ ଟିକାବାଲି ଥାନା



**ସଂକ୍ଷେପରେ**

## ନିଶା ନିବାରଣ ସଚେତନତା ଶୋଭାଯାତ୍ରା

ଦିଗପହଣ୍ଡି, ୧୨।୧ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ସୋମବାର ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଆଇନ ସହାୟତା କମିଟିର ଅଧ୍ୟକ୍ଷ ମହାଶ୍ୱେତା ପରିଜା ମୁଖ୍ୟଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ନିଶାମୁକ୍ତ ସମାଜ ଗଠନ ଦିଗରେ ସମାଜର ସବୁ ବର୍ଗର ଲୋକମାନଙ୍କ ସମ୍ମିଳିତ ଉଦ୍ୟମ ରହିବା ଆବଶ୍ୟକ ବୋଲି କହିଥିଲେ। ସେହିପରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟର ମାଜିଷ୍ଟ୍ରେଟ ନିଳିମା ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପରିବାରର ଜଣେ ବ୍ୟକ୍ତିଙ୍କ ଖରାପ ଅଭ୍ୟାସ ଗୋଟିଏ ସମାଜକୁ ନଷ୍ଟ କରିବା ପାଇଁ ଯଥେଷ୍ଟ। ତେଣୁ ନିଶାମୁକ୍ତ ପରିବାର ଗଠନ ଦିଗରେ ସମସ୍ତେ ବଜ୍ର ଶପଥ ନେବା ଆବଶ୍ୟକ ବୋଲି କହିଥିଲେ। ଆଇନ ସହାୟତା କମିଟି ସମ୍ପାଦକ ତଥା କୋର୍ଟ କର୍ମଚାରୀ ପ୍ରଦୀପ କୁମାର ପୁରୋହିତଙ୍କ ନେତୃତ୍ୱରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ଗଜପତି ଜିଲ୍ଲାର ୮ ମୁଖ୍ୟ ରାସ୍ତା ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ପାରଳାଖେମୁଣ୍ଡି, ୧୨।୧ (ଗିରିଧାରୀ ପରିଚ୍ଛା)

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସୋମବାର ଗଜପତି ଜିଲ୍ଲାର ୮ଟି ମୁଖ୍ୟରାସ୍ତା ନିର୍ମାଣ ଲାଗି ୮ଟି ପ୍ରକଳ୍ପକୁ ଭର୍ଚୁଆଲ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ରାଜ୍ୟସ୍ତରୀୟ ଏହି ଉତ୍ସବରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ପାରଳାଖେମୁଣ୍ଡିରୁ ଜିଲାପାଳଙ୍କ ଓସ୍ୱାନ କକ୍ଷରେ ଶିଳାନ୍ୟାସ, ଉଦଘାଟନର ସିଧାପ୍ରସାରଣ ହୋଇଥିଲା। ଏଥିରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ ଭିତ୍ତିପ୍ରସ୍ତର ଫଳକଗୁଡ଼ିକର ଉନ୍ମୋଚନ କରିଥିଲେ। ଭାରପ୍ରାପ୍ତ ଜିଲାପାଳ ମୁନୀନ୍ଦ୍ର ହୋତା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମିତାଭ ପଣ୍ଡା, ଅଧୀକ୍ଷଣ ଯନ୍ତ୍ରୀ ଇଂ.ଅଭିଷେକ ସେଠୀ, ପରିବହନ ବିଭାଗ ଅଧିକାରୀ ପ୍ରସନ୍ନ ଦାସଙ୍କ ସହ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଜିଲାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମୋହନା ଓ ପାରଳାଖେମୁଣ୍ଡିରେ ୮ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ପାରଳାଖେମୁଣ୍ଡିର ୩ଟି ଓ ମୋହନା ଲାଗି ୫ଟି ପ୍ରକଳ୍ପ ରହିଛି। ପାରଳାଖେମୁଣ୍ଡି ବାଇପାସ ଲାଗି ୪.୨୬୭ କିମି ରାସ୍ତା ନିର୍ମାଣ ପାଇଁ ୪୭ କୋଟି ୪୮ ଲକ୍ଷ ଟଙ୍କା, ଗୋଲିଲି ରାଜ୍ୟ ରାଜପଥ -୪ରୁ ଝିଙ୍କିଙ୍ଗ ମୋଟ ୭.୪୮୧ କିଲୋମିଟର ରାସ୍ତାର ଉନ୍ନତୀକରଣ ପାଇଁ ୧୫ କୋଟି ୫୪ ଲକ୍ଷ ଟଙ୍କା ଏବଂ ବାଘଶାଳା-ଅଗରଖଣ୍ଡି ପୂର୍ତ୍ତ ବିଭାଗ ରାସ୍ତାଠାରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ୬.୦୪୫ କିମି ରାସ୍ତାର ଉନ୍ନତୀକରଣ ପାଇଁ ୧୨ କୋଟି ୨୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିପରି ମୋହନା ନିର୍ବାଚନମଣ୍ଡଳୀର ନୂଆଗଡ଼ଠାରୁ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ସେରଙ୍ଗ ପର୍ଯ୍ୟନ୍ତ ୧୬.୬୦୦ କିମି ରାସ୍ତାର ଉନ୍ନତୀକରଣ ପାଇଁ ୪୦ କୋଟି ୩୦ ଲକ୍ଷ ଟଙ୍କା, ରାମଗିରି-ଜିରାଙ୍ଗ-ନାରାୟଣପୁର ୧୫ କିମି ରାସ୍ତାର ଉନ୍ନତୀ ପାଇଁ ୧୨ କୋଟି ୭ ହଜାର ଟଙ୍କା, ଜିରାଙ୍ଗ-କଇଁପୁର ୧୨.୩୧୩ କିମି ରାସ୍ତାର ପ୍ରଶସ୍ତୀକରଣ ଏବଂ ଉନ୍ନତି ପାଇଁ ୧୭ କୋଟି ୬୭ ଲକ୍ଷ ଟଙ୍କା, ଚାନ୍ଦିପୁଟ-ଲୁହାଗୁଡ଼ି ୧୩.୩୧୬ କିମି ରାସ୍ତାର ପ୍ରଶସ୍ତୀକରଣ ଏବଂ ଉନ୍ନତୀକରଣ ପାଇଁ ୨୮ କୋଟି ୯ ଲକ୍ଷ ଟଙ୍କା ଓ ଆର୍‌ଉଦୟଗିରି-ଅମ୍ବାଗୁଡ଼ା ୧୯.୧୩୩ କିମି ରାସ୍ତା ପ୍ରଶସ୍ତୀକରଣ ଓ ଉନ୍ନତି ପାଇଁ ୫୩ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇଛି। ଜିଲାରେ ମୋଟ ୯୪.୧୧ କିମି ରାସ୍ତା ନିର୍ମାଣ, ପ୍ରଶସ୍ତୀକରଣ ଏବଂ ଉନ୍ନତୀକରଣ ପାଇଁ ମୋଟ ୨୨୬ କୋଟି ୫୮ ଲକ୍ଷ ବ୍ୟୟ ମଞ୍ଜୁର ହୋଇଛି। ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ୭୬.୩୭୬ କିମି ରାସ୍ତା ପାଇଁ ୧୫୧ କୋଟି ୩୨ ଲକ୍ଷ ୭୧ ହଜାର ଟଙ୍କା ଏବଂ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରେ ୧୭.୭୪୩ କିମି ରାସ୍ତା ପାଇଁ ୭୫ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି।


ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଭିତ୍ତିପ୍ରସ୍ତର ଫଳକଗୁଡ଼ିକର ଉନ୍ମୋଚନ କରୁଛନ୍ତି।

**ପ୍ରକଳ୍ପ ପାଇଁ ୨୨୬ କୋଟି ୫୮ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର**

## ଜାତୀୟ ଯୁବଦିବସ, ସଚେତନତା କାର୍ଯ୍ୟକ୍ରମ

ପୁରୁଷୋତ୍ତମପୁର, ୧୨।୧ (ସବିତା ମିଶ୍ର)

ପୁରୁଷୋତ୍ତମପୁର ବିଚାର ବିଭାଗୀୟ ଅଦାଲତର ତାଲୁକା ଆଇନସେବା ପ୍ରାଧିକରଣ କମିଟି ପକ୍ଷରୁ ତାରାତାରିଣୀ କଲେଜରେ ସୋମବାର ଜାତୀୟ ଯୁବଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଆଇନସେବା କମିଟି ଅଧ୍ୟକ୍ଷ ସିନିୟର ସିଭିଲଜଜ୍ ଶରତ ସାହୁ ସଭାପତିତ୍ୱ କରି ଦେଶର ବିକାଶରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ପଥଭ୍ରଷ୍ଟ ନ ହୋଇ ନିଜର ଭବିଷ୍ୟତ ଗଠନ ଦିଗରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହାସହ ନିଶା ନିବାରଣ ସମ୍ପର୍କରେ ସଚେତନ କରିଥିଲେ। ଓକିଲସଂଘ ସଭାପତି କୃଷ୍ଣଚନ୍ଦ୍ର ଗୌଡ଼, ଓକିଲ ପ୍ରଭାତ ପଟ୍ଟନାୟକ, ଅଶୋକ ମହାକୁଡ଼, ରବନ୍ଦ୍ର ବେହେରା, ପ୍ରମୋଦ ବେହେରା, କଲେଜ ଅଧ୍ୟକ୍ଷ ଡ.ପ୍ରଦୀପ ସାହୁ, ଅଧ୍ୟାପିକା ଶ୍ରାବଣୀ ଖଟେଇ, ନମ୍ରତା ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ହିଲଟପ କଲେଜରେ ଜାତୀୟ ଯୁବ ଦିବସ

ମୋହନା, ୧୨।୧ (ମନ୍ମଥ ମିଶ୍ର)

ମୋହନାସ୍ଥିତ ହିଲଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ସୋମବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ପାଳନ ହୋଇଛି। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଭଗବାନ ବିଷୋୟୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତି, ଅଧ୍ୟାପକ ଏସ.ରମେଶ, ସୀମାଞ୍ଚଳ ସାହୁ, ଅନିଲ ତ୍ରିପାଠୀ, ମନୋରଞ୍ଜନ ପାଣିଗ୍ରାହୀ, ସନ୍ତୋଷ ନନ୍ଦ, ଶୁଖବିନ୍ଦର ସିଂ, ସ୍ୱୟଂପ୍ରଭା ସାହୁ, ଅସ୍ମିତା ସ୍ୱାଇଁ, କାଳୁ ଜେନାଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ବନ୍ଦେ ମାତରମ୍ ଦେଶାତ୍ମବୋଧକ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସମସ୍ତେ ଗୀତ ଗାନ କରିଥିଲେ। ଅଧ୍ୟାପିକା ରୀତା କୁମାରୀ ଶତପଥୀଙ୍କ ନେତୃତ୍ୱରେ ଶିକ୍ଷାର୍ଥୀମାନେ ମୋହନା ସହର ପରିକ୍ରମା କରି ସ୍ୱାମୀ ବିବେକାନନ୍ଦଙ୍କ ଦାର୍ଶନିକ ଚିନ୍ତାଧାରା, ସଂସ୍କାର ଓ ଯୁବ ଦିବସର ଉଦ୍ଦେଶ୍ୟ ସମ୍ପର୍କିତ ସ୍ଲୋଗାନ ଦେଇଥିଲେ।

## ଧାନମଣ୍ଡିରେ ଅଚଳାବସ୍ଥା, ପ୍ରଶାସନ ଦ୍ୱାରସ୍ଥ ଚାଷୀ

ଛତ୍ରପୁର, ୧୨।୧ (ଦିଲୀପ ସାମଲ):

ଧାନମଣ୍ଡିରେ ଅଚଳବସ୍ଥା ଲାଗି ରହିଛି। ମିଲର ଧାନ ନେଉନାହାନ୍ତି। ପୂର୍ବ ସରକାର ଅପେକ୍ଷା ଅଧିକ କଟନୀ ଛଟନୀ ହେଉଛି। ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଚାନ୍ଦୁଲି ପଞ୍ଚାୟତ ଖଣ୍ଡରା ଗ୍ରାମର ଶତାଧିକ ଚାଷୀ ଏଭଳି ଅଭିଯୋଗ ଆଣି ସୋମବାର ଛତ୍ରପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମିଲରମାନେ ଚାଷୀଙ୍କ ଉପରେ ଦାଉ ସାଧୁଛନ୍ତି। ବିନା କଟନୀ ଛଟନୀରେ ଧାନକ୍ରୟ ନିର୍ଦ୍ଦେଶ ରହିଥିବା ବେଳେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଖୋଟ ଅଖାରେ ଆଣିଲେ ୭ କେଜି ଏବଂ ଜରି ଅଖାରେ ଆଣିଲେ ୧୦ କେଜି ଧାନ ଅଧିକ ଦେବାକୁ କୁହାଯାଉଛି। ଏନେଇ ଚାଷୀମାନେ ହିଞ୍ଜିଳି ଏମଆଇଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲାନି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ସମସ୍ତ ମଣ୍ଡିରେ ଯେଭଳି ସୁରୁଖୁରୁରେ ଧାନକିଣା ଯିବ, ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ଚାଷୀମାନେ ଦାବି କରିଛନ୍ତି।

## ରାବାନାଯୁ ପ୍ରାଥମିକ ବିଦ୍ୟାଳୟ ଜାତୀୟ ସ୍ୱଚ୍ଛ, ହରିତ୍ ପୁରସ୍କାର ପାଇଁ ମନୋନୀତ


ରାବାନାଯୁ ପ୍ରାଥମିକ ବିଦ୍ୟାଳୟ

ଜି.ଉଦୟଗିରି, ୧୨।୧ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ପରିଷଦ ଅନ୍ତର୍ଗତ ରାବାନାଯୁ ପ୍ରାଥମିକ ବିଦ୍ୟାଳୟ ଜାତୀୟସ୍ତରରେ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ପୁରସ୍କାର ପାଇଁ ମନୋନୀତ ହୋଇଥିବା ସୂଚନା ମିଳିଛି। ସୂଚନାନୁସାରେ, ଗତ ଡିସେମ୍ବର ୩୦ରେ ରାଜ୍ୟର ୨୩୦ ଟି ବିଦ୍ୟାଳୟକୁ ଏକ ନିର୍ଦ୍ଦିଷ୍ଟ ଚୟନ କମିଟି ଦ୍ୱାରା ସ୍ୱଚ୍ଛତା, ପରିବେଶ ସୁରକ୍ଷା, ହରିତ୍ ପ୍ରକଳ୍ପ, ପାନୀୟଜଳ ବ୍ୟବସ୍ଥା, ଶୌଚାଳୟ ରକ୍ଷା ଓ ପରିଚାଳନା ସହିତ ସମଗ୍ର ବିଦ୍ୟାଳୟ ପରିବେଶ ଆଧାରରେ ସବିଶେଷ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ପରେ ୨୦ଟି ବିଦ୍ୟାଳୟକୁ ଚୟନ କରାଯାଇଥିଲା। ଯାହା ୧୦ ଟି ସହରାଞ୍ଚଳ ଓ ୧୦ଟି ଗ୍ରାମୀଣ ଅଞ୍ଚଳର ବିଦ୍ୟାଳୟ ଅନ୍ତର୍ଭୁକ୍ତ ଥିଲେ। ସେହି ଚୟନ ହୋଇଥିବା ବିଦ୍ୟାଳୟ ମାନଙ୍କ ମଧ୍ୟରୁ ରାବାନାଯୁ ପ୍ରାଥମିକ ବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରି ୯୬.୬୭ ପର୍ସେଣ୍ଟ ସହ ୫ ଷ୍ଟାର୍ ରେଟିଂ ପାଇ ଜାତୀୟ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ପୁରସ୍କାର ପାଇଁ ମନୋନୀତ ହୋଇଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପି.ମଧୁମିତା ପ୍ରଧାନ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟସ୍ତରରେ ମନୋନୀତ ହୋଇଥିବା ବିଦ୍ୟାଳୟମାନଙ୍କ ମଧ୍ୟରେ ରାବାନାଯୁ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ସ୍ଥାନ ପାଇଥିବାରୁ ସେମାନେ ଗର୍ବିତ। ଏହି ସଫଳତା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ସମୁଦାୟର ସହଯୋଗର ଫଳ ବୋଲି ପ୍ରକାଶ କରିଛନ୍ତି। ଏହି ଗୌରବ ଜନକ ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ଓ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପିଏମ୍‌ଶ୍ରୀ ଶିକ୍ଷାଦାନ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆସିବ: ବାଚସ୍ପତି

କ.ନୂଆଗାଁ, ୧୨।୧ (କାଳୀ ପ୍ରସାଦ ତ୍ରିପାଠୀ)

କ.ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପିଏମ୍‌ଶ୍ରୀ ଯୋଜନା ମାଧ୍ୟମରେ ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ ଅଧ୍ୟକ୍ଷତା କରି ବାର୍ଷିକ ବିବରଣୀ ପଠନ କରି ଥିବା ବେଳେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହିପରି ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସରକାରଙ୍କ ଆଭିମୁଖ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୁମିନ ସଂଘ ସଭାପତି ତଥା ଏମ୍‌ପି ପ୍ରତିନିଧି ପଣ୍ଡିତ କୁମାର ବିଶିମାଝୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିବା ସହ ବିଭିନ୍ନ ସଚେତନତା ମୂଳକ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରେବିଙ୍ଗିଆ ହାଇସ୍କୁଲ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସିଂ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ ଚୈତନ୍ୟ କହଁର, ବ୍ଲକ୍ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ବ୍ଲକ୍ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ଜିଲା ପରିଷଦ ସଭ୍ୟା ଅନିତା ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜନକ ମଲ୍ଲିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଙ୍ଗଳ କାମନା କରିବା ସହିତ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କୃଷ୍ଣ ଚନ୍ଦ୍ର ଦାସ, ବରିଷ୍ଠ ଶିକ୍ଷକ ବାଳକୃଷ୍ଣ ପାତ୍ର, ଓମ୍ ପ୍ରକାଶ ସାହୁ, ଅଭିମନ୍ୟୁ ଘୋଷ, ନିଗମାନନ୍ଦ ବେହେରା, ସମୀର କୁମାର ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗଣ ସହଯୋଗ କରିଥିବା ବେଳେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ପକ୍ଷୀ ଗଣନାରେ ସାମିଲ ହେବେ ଛାତ୍ରୀଛାତ୍ର

ଭଞ୍ଜନଗର, ୧୨।୧ (ବାବୁଲା ପ୍ରଧାନ):

ପ୍ରତିବର୍ଷ ରାଜ୍ୟରେ ପକ୍ଷୀ ଗଣନା ହେଉଛି। ଚଳିତବର୍ଷ ଆସନ୍ତା ୧୮ରୁ ରାଜ୍ୟର ବିଭିନ୍ନ ବନଖଣ୍ଡରେ ପକ୍ଷୀ ଗଣନା ହେବ। ବିଦେଶୀ ଏବଂ ଦେଶୀୟ ପକ୍ଷୀ ଚିହ୍ନଟ ସହ ସଂପୃକ୍ତ ଅଞ୍ଚଳର ଜଳବାୟୁ ,ମାଟି ଓ ପାଣି ଜାଣିବା ପରେ ପକ୍ଷୀମାନଙ୍କ ସୁରକ୍ଷା ଓ ସେଠାକାର ବିକାଶ ପାଇଁ ପଦକ୍ଷେପ ନିଆଯାଇପାରିବ। ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡରେ ମଧ୍ୟ ପକ୍ଷୀ ଗଣନା ହେବ। ସୋମବାର ଭଞ୍ଜନଗର ଲାଲସିଂ ନର୍ସରୀ ପରିସରରେ ଏଥିପାଇଁ ତାଲିମ ଶିବିର ହୋଇଥିଲା। ୧୮ ତାରିଖ ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ ପକ୍ଷୀ ଗଣନା ହେବ। ବନଖଣ୍ଡର ୩୪ଟି ସ୍ଥାନରେ ଗଣନା ହେବ। କଲେଜ ଛାତ୍ରୀଛାତ୍ର ପକ୍ଷୀ ଗଣନାରେ ସାମିଲ ହେବେ। ଡିଏଫଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଲିମ ଶିବିର ଉଦଘାଟନ କରିଥିଲେ। ଏସିଏଫ ବିମଳ ପ୍ରଧାନ, ବିବେକ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## 'ଦେଶର ବିକାଶରେ ଯୁବ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'




### ଏନ୍‌ଏସ୍‌ଏସ୍ ସତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

ଭଞ୍ଜନଗର, ୧୨।୧ (ବାବୁଲା ପ୍ରଧାନ)-

ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଶାଖା ୧ ଓ ୨ ପକ୍ଷରୁ ସୋମବାର ସ୍ୱତନ୍ତ୍ର ଶୀତକାଳୀନ ସେବା ଶିବିର ଉଦ୍‌ଘାଟିତ ହୋଇଛି। ଏହାକୁ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଡିଏଫ୍‌ଓ ମହାନ୍ତି ଦେଶର ବିକାଶରେ ଯୁବ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହ ଏସ୍‌ଏସ୍‌ଏସ୍ ପକ୍ଷରୁ କଲେଜରେ ଆୟୋଜିତ ପ୍ଲାଷ୍ଟିକମୁକ୍ତ ଅଭିଯାନରେ ସାମିଲ ହୋଇ ସେ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ଶରୀରରେ ଅନେକ ରୋଗ ସୃଷ୍ଟି ହେଉଛି। ଏଥିପ୍ରତି ସଚେତନ ରହିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ଯୁବ ଦିବସ ପାଳନ ସହ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ସାମୁହିକ ଗାନ ହୋଇଥିଲା। ଏନ୍‌ଏସ୍‌ଏସ ଏବଂ ଏନସିସି ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ହର ପ୍ରସାଦ ଶତପଥୀ, ପ୍ରାଧ୍ୟାପକ ପ୍ରଶାନ୍ତ ରଥ, ଅଧ୍ୟାପକ ଡ. ରବିନ୍ଦ୍ର ମିଶ୍ର ଅନ୍ୟତମ ଅତିଥି ରୂପେ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ଶାଖା-୧ ଅଧିକାରୀ ବି.ପ୍ରଧାନ, ଶାଖା-୨ ଅଧିକାରୀ ସସ୍ମିତା କୁମାରୀ ଦାସ, ଅଧ୍ୟାପକ ବୁଧିନାଥ ବରିହା ସହଯୋଗ କରିଥିଲେ।


**यूनियन बैंक ऑफ़ इंडिया Union Bank of India**

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଢେଙ୍କାନାଳ ମୁଖ୍ୟ ଶାଖା**
ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ./ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଇମେଲ୍ : ubin0554057@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରା, ୨) ଶ୍ରୀମତୀ କଳ୍ପନା ବେହେରା, ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ପିନ୍ - ୭୫୯୦୨୫ | ୩୦.୦୯.୨୦୨୫ ସୁଦ୍ଧା ଟ.୪,୭୪,୬୫୧.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୩ / ୦୭.୦୧.୨୦୨୬ | ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା |

ସ୍ଥାନ: ଢେଙ୍କାନାଳ, ତାରିଖ: ୧୨.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**यूनियन बैंक ऑफ़ इंडिया Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା୨୮.୦୧.୨୦୨୬ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ବାମିନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୯୦୬୪୯୧୦, ଇମେଲ: ubin0807541@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀମତୀ କଳ୍ପନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତ, ସା: ମଝିପାଳ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ / ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରାଜେନ୍ଦ୍ର କୁମାର ପଲେଇ, ପିତା: ଜଟେଶ୍ୱର ପଲେଇ, ସା/ଗ୍ରାମ: କଳବଗପାଟିଆ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ | ୧୨.୦୧.୨୦୨୬ ସୁଦ୍ଧା ଟ.୭,୪୮,୮୮୪.୧୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୧: ଶ୍ରୀମତୀ କଳ୍ପନା ସାହୁ,** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୧/୪, ପ୍ଲଟ୍ ନଂ.: ୨୬୪, କ୍ଷେତ୍ର: ଏକର୦.୩୯ଡିସିମିଲି, କିସମ: ଘରବାରି, ମୌଜା: ମଝିପାଳ, ତହସିଲ: ଦାନଗଦି, ଥାନା: ଟମକା, ଯାଜପୁର, ଏହାର ଚଉପାର୍ଶ୍ୱରେ- ପୂର୍ବ: କୁଳମଣି ରାଉତ, ପଶ୍ଚିମ: ନଦୀ ବନ୍ଧ, ଉତ୍ତର: ରଙ୍ଗନାଥ ସାହୁ, ଦକ୍ଷିଣ: ଅନାବାଦୀ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୭,୧୧,୨୨୦.୫୦ / ଅମାନତ ଜମା ରାଶି: ଟ.୭୧,୧୨୨.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦**

**ଭଦ୍ରକ ମୁଖ୍ୟ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୬୮୪୯୧୪୪୫୩, ଇମେଲ: ubin0538591@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ମେସର୍ସ ମେଟାଲ ମ୍ୟାନେଜମେଣ୍ଟ ସଲ୍ୟୁସନ୍ ପ୍ରା. ଲିଃ., ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.-ଏ, କ୍ରିଷ୍ଣା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର, ପିନ୍-୭୫୧୦୧୨ / ଜାମିନ୍‌ଦାରମାନେ: ୧) ଶ୍ରୀ ନିର୍ମଳ କୁମାର ଝା, ଫ୍ଲାଟ୍ ନଂ.: ଏ୯, ୩ୟ ମହଲା, ଲର୍ଡ ଗୁଞ୍ଜନ ପ୍ୟାଲେସ୍, ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୧, ୨) ଶ୍ରୀମତୀ ଉର୍ମିଳା ପରିଡା, ସ୍ୱାମୀ: ବଟକୃଷ୍ଣ ପରିଡା, ୱାର୍ଡ ନଂ.: ୨୨, କଟକ ମ୍ୟୁନିସିପାଲିଟି କର୍ପୋରେସନ୍, ସାମନ୍ତ ସାହି, ମଙ୍ଗଳାବାଗ, ପୋ: ବକ୍ସିବଜାର, ଜିଲ୍ଲା: କଟକ-୭୫୩୦୦୧, ୩) ଶ୍ରୀ ବିଜୟ କୁମାର ଶତପଥି, ପିତା: ମହେଶ୍ୱର ଶତପଥି, ୪) ଶ୍ରୀ ଜୟକୃଷ୍ଣ ଶତପଥି, ପିତା: ମହେଶ୍ୱର ଶତପଥି, ଉଭୟଙ୍କ ଠିକଣା- ସା: ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.: ଏ, କ୍ରିଷ୍ଣା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ | ୧୨.୦୧.୨୦୨୬ ସୁଦ୍ଧା ଟ.୮,୦୩,୪୨୮.୯୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୨: ଉର୍ମିଳା ପରିଡାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୩, କ୍ଷେତ୍ର: ଏକର୦.୦୨୭ଡିସିମିଲି ଏବଂ ପ୍ଲଟ୍ ନଂ.: ୧୨୪, କ୍ଷେତ୍ର: ଏକର୦.୨୨୧ଡିସିମିଲି ରୁ ଏକର୦.୦୯୭ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୪୮ଡିସିମିଲିରୁ ଏକର୦.୧୨୪ଡିସିମିଲି,** ଖାତା ନଂ.: ୪୫, ଅନୁରୂପ ସାବକ ପ୍ଲଟ୍ ନଂ.: ୨୭୨ ଏବଂ ଖାତା ନଂ.: ୮୪, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୩୧, ଲକ୍ଷ୍ମୀସାଗର, ଥାନା: ନିୟୁ କ୍ୟାପିଟାଲ, ଥାନା ନଂ.: ୪୮, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରି, ଏହାର ଚଉପାର୍ଶ୍ୱରେ- ଉତ୍ତର: ଅର୍ଜୁନ ଗରାବଡୁ, ଦକ୍ଷିଣ: ଗୋପାଳ ଚନ୍ଦ୍ର ପଟ୍ଟନାୟକ, ପୂର୍ବ: ଦଇ ସାହୁ, ପଶ୍ଚିମ: ମୁଖ୍ୟ ରାସ୍ତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧,୬୫,୨୮,୫୯୦/- / ଅମାନତ ଜମା: ଟ.୧୬,୫୨,୮୫୯/- / ବିଡ୍ ବୃଦ୍ଧି ରାଶି: ଟ.୧,୬୫,୨୮୬/-**

**ଯାଜପୁର ରୋଡ୍ ମୁଖ୍ୟ ଶାଖା, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୮୧୨୫୬୬୪୪୪୫, ଇମେଲ: ubin0802751@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀ ଅଭୟ କୁମାର ପରିଡା, ପିତା: ୰ ନୃସିଂହ ଚରଣ ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫/ ସହ-ଆବେଦନକାରୀ ଏବଂ ଜାମିନ୍‌ଦାରମାନେ: ୧) ଶ୍ରୀମତୀ ବିକାସିନୀ ପରିଡା, ସ୍ୱାମୀ: ଅଭୟ କୁମାର ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫, ୨) ଶ୍ରୀ କେଶବ ଚନ୍ଦ୍ର ସାହୁ, ପିତା: ଭଗବାନ ସାହୁ, ସା: ତାରାକୋଟ, ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫ | ୧୨.୦୧.୨୦୨୬ ସୁଦ୍ଧା ଟ.୧୧,୧୭,୯୮୧.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ନଂ.-୩: ଶ୍ରୀ ଅଭୟ କୁମାର ପରିଡା,** ପିତା: ୰ ନୃସିଂହ ଚରଣ ପରିଡାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୧, ପ୍ଲଟ୍ ନଂ.: ୫୮୦/୧୧୬୪, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା (୧) ଖାତା ନଂ.: ୫୯, ପ୍ଲଟ୍ ନଂ.: ୧୦୬(ଅଂଶ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, (୨) ଖାତା ନଂ.: ୬, ପ୍ଲଟ୍ ନଂ.: ୧୦୫(ଅଂଶ), କ୍ଷେତ୍ର: ଏକର୦.୦୦୬ ଡିସିମିଲି, (୩) ଖାତା ନଂ.: ୫୯, ପ୍ଲଟ୍ ନଂ.: ୧୦୬(ଅଂଶ), କ୍ଷେତ୍ର: ଏକର୦.୦୨୮ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୭୦ ଡିସିମିଲି, ମୌଜା: ତୋଲିପୁର, ତହସିଲ: ବ୍ୟାସନଗର, ଥାନା: କୋରେଇ, ଥାନା ନଂ. ୪୩୬, ଜିଲ୍ଲା: ଯାଜପୁର, ଏହାର ଚଉପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ପ୍ରହଲ୍ଲାଦ ପରିଡା, ଉତ୍ତର: ପ୍ରହଲ୍ଲାଦ ପରିଡା, ଦକ୍ଷିଣ: ନୃସିଂହ ଚରଣ ପରିଡା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୬୩,୧୫,୮୪୦/- / ଅମାନତ ଜମା: ଟ.୬,୩୧,୫୮୪/- / ବିଡ୍ ବୃଦ୍ଧି ରାଶି: ଟ.୬୩,୧୫୮/-**

**କଲେଜ ରୋଡ୍ ଶାଖା, ଭଦ୍ରକ, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୩୮୧୭୮୨୯୬୯, ଇମେଲ: ubin0818127@unionbankofindia.bank**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀ ସୁରେନ୍ଦ୍ର ସାହୁ, ପିତା: ୰ ଅର୍ଜୁନ ଚରଣ ସାହୁ / ସହ-ଋଣଗ୍ରହୀତା: ଶ୍ରୀମତୀ ସାବିତ୍ରୀ ସାହୁ, ସ୍ୱାମୀ: ଶ୍ରୀ ସୁରେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ସାତସୋଲା, ପୋ: ମଞ୍ଜୁରୀ ରୋଡ, ଭାୟା: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୨୧ | ୧୨.୦୧.୨୦୨୬ ସୁଦ୍ଧା ଟ.୪,୨୧,୪୭୭.୦୪ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ନଂ.-୪: ଶ୍ରୀ ସୁରେନ୍ଦ୍ର ସାହୁ,** ପିତା: ୰ ଅର୍ଜୁନ ଚରଣ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୬୮/୫୧୫, ପ୍ଲଟ୍ ନଂ.: ୨୩୫୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ସାତସୋଲା, ଥାନା: ଭଣ୍ଡାରୀପୋଖରୀ, ଏସ୍‌ଆରଓ: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅଦ୍ୱୈତ ସାହୁ, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପୂର୍ବ: ମେଲଣ ପଡ଼ିଆ, ପଶ୍ଚିମ: ସର୍ବସାଧାରଣ ରାସ୍ତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୪,୬୪,୨୧୦/- / ଅମାନତ ଜମା: ଟ.୧,୪୬,୪୨୧/- / ବିଡ୍ ବୃଦ୍ଧି ରାଶି: ଟ.୧୪,୬୪୨/-**

**ଡୁବୁରୀ-୨ ଶାଖା, ସା: ଡୁବୁରୀ ଜଙ୍କସନ୍, ଜିଲ୍ଲା: ଯାଜପୁର, ମୋ.: ୮୭୨୦୯୮୮୪୧୦, ଇମେଲ: ubin0814113@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତାମାନେ: ୧) ମେସର୍ସ ବଣ୍ଟି ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି, ୨) ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି / ଜାମିନ୍‌ଦାରମାନେ: ୧) ଶ୍ରୀ ହେମନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ୨) ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ସମସ୍ତଙ୍କ ଠିକଣା- ସା: ନିମାପଲ୍ଲି, ପୋ: ପିଙ୍ଗଳ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୬ | ୧୨.୦୧.୨୦୨୬ ସୁଦ୍ଧା ଟ.୧୦,୫୨,୭୦୬.୫୪ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୫: ଶ୍ରୀ ହେମନ୍ତ କୁମାର ମୁଦୁଲି ଏବଂ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲିଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୫୩, ପ୍ଲଟ୍ ନଂ.: ୯୭, କ୍ଷେତ୍ର: ଏକର୧.୨୯ ଡିସିମିଲି, କିସମ: ଘରବାରି, ମୌଜା: ଗୋଲାଗାଁ, ଏସ୍‌ଆରଓ: ସୁକିନ୍ଦା, ଥାନା: କଳିଙ୍ଗନଗର (ଥାନା ନଂ. ୧୭୪), ଏହାର ଚାରିପାର୍ଶ୍ୱରେ- ଉତ୍ତର: ହେମନ୍ତ ମୁଦୁଲି, ଦକ୍ଷିଣ: ରାସ୍ତା, ପୂର୍ବ: ଅଇଁଠୁ ମୁଦୁଲି, ପଶ୍ଚିମ: ଶରତ ଚନ୍ଦ୍ର ମୁଦୁଲି
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୯,୭୩,୭୦୦.୦୦ / ଅମାନତ ଜମା: ଟ.୧,୯୭,୩୭୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୯,୭୩୭.୦୦**

ଇ-ନିଲାମ ତାରିଖ ଏବଂ ସମୟ: ୨୮.୦୧.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com

ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ

ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.co.in ଦେଖନ୍ତୁ।

ସ୍ଥାନ: ବାଲେଶ୍ୱର
ତାରିଖ: ୧୨.୦୧.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଇଣ୍ଡିଆନ ଅଏଲ୍, ମାରୁତି ସୁଜୁକି ମଧ୍ୟରେ ଏମ୍ଓୟୁ

## ଇନ୍ଧନ ଷ୍ଟେଶନରେ ମିଳିବ ଯାନବାହନ ସେବା

ଭୁବନେଶ୍ୱର,୧୨।୧



ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ ଏବଂ ଯାତ୍ରୀବାହୀ ଯାନ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍ଏସ୍ଆଇଏଲ୍) ଗ୍ରାହକଙ୍କ ସୁବିଧା ବୃଦ୍ଧି କରିବା ପାଇଁ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିନାମା ଅନୁଯାୟୀ, ଦେଶର ବିଭିନ୍ନ ମନୋନୀତ ଇଣ୍ଡିଆନ ଅଏଲ ଇନ୍ଧନ ଷ୍ଟେଶନରେ ମାରୁତି ସୁଜୁକି ସେବା ସୁବିଧାକେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହି ସମନ୍ୱୟ ଦ୍ୱାରା ଗ୍ରାହକମାନେ ଇନ୍ଧନ ଭରୁଥିବା ଷ୍ଟେଶନରେ ହିଁ ମାରୁତି ସୁଜୁକି କାର୍ ପାଇଁ ନିର୍ଦ୍ଧାରିତ ସମୟସୀମା ରକ୍ଷଣାବେକ୍ଷଣ ଏବଂ ଛୋଟ ମରାମତି ଭଳି ସୁବିଧା ପାଇପାରିବେ। ଇଣ୍ଡିଆନ ଅଏଲ ଏହାର ବ୍ୟାପକ ରିଟେଲ ଉପସ୍ଥିତି ସହିତ ମାରୁତି ସୁଜୁକିର ୫,୭୮୦ରୁ ଅଧିକ ସର୍ଭିସ୍ ଟଚ୍ ପଏଣ୍ଟକୁ ଆହୁରି ସୁଦୃଢ଼ କରିବ। ଇଣ୍ଡିଆନ ଅଏଲର ନିର୍ଦ୍ଦେଶକ (ମାର୍କେଟିଂ) ସୌମିତ୍ର ପି ଶ୍ରୀବାସ୍ତବ କହିଛନ୍ତି, ଇଣ୍ଡିଆନ ଅଏଲର ଭାରତରେ ୪୧,୦୦୦ ରୁ ଅଧିକ ଇନ୍ଧନ ଷ୍ଟେଶନ ରହିଛି। ମାରୁତି ସୁଜୁକିର ସହଭାଗିତାରେ ଶକ୍ତି ପ୍ରଦାନ ସହିତ ବିଶ୍ୱସ୍ତରୀୟ ଅଟୋମୋଟିଭ ରକ୍ଷଣାବେକ୍ଷଣକୁ ଏକୀକୃତ କରୁଥିବା ସେ କହିଛନ୍ତି। ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧିକାରୀ (ସେବା) ରାମ ସୁରେଶ ଆକେଲା କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଆମ ଗ୍ରାହକମାନଙ୍କ ପାଇଁ କାର୍ ସେବାକୁ ଯଥା ସମ୍ଭବ ସହଜ ଏବଂ ସୁବିଧାଜନକ କରିବା। ଭାରତର ସବୁଠାରୁ ବିଶ୍ୱସ୍ତ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ ସହିତ ସହଭାଗିତା କରି ଗ୍ରାହକଙ୍କ ସେବାକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି ସେ ଆଶା ରଖିଛନ୍ତି।

# ବଢ଼ିଲା ସୁନାରୁପା ଦର

ଭୁବନେଶ୍ୱର,୧୨।୧
(ଅନୁରାଧା ମହାରଣା)

ଉଭୟ ସୁନା ଓ ରୁପା ଦର ସୋମବାର ମହଙ୍ଗା ହୋଇଛି । ବର୍ଷ ଆରମ୍ଭରେ ସୁନା ଓ ରୁପା ଦର ସାମାନ୍ୟ ଖସିଥିଲା। ମାତ୍ର ସୋମବାର ୨୪ କ୍ୟାରେଟ ସୁନା ୧୦ଗ୍ରାମ୍ ପ୍ରତି ୧.୪୦ଲକ୍ଷ ଟଙ୍କା ଅତିକ୍ରମ କରିଛି । ସେହିପରି ରୁପା ଦର କିଲୋଗ୍ରାମ ପ୍ରତି ୧୨ହଜାର ଟଙ୍କାରୁ ଅଧିକ ବୃଦ୍ଧି ପାଇଛି । ୨୪ କ୍ୟାରେଟ ସୁନାର ଦାମ୍ ୧୦ଗ୍ରାମ୍ ପ୍ରତି ୧,୪୨, ୩୦୦ ରହିଛି । ଗତ ସପ୍ତାହ ଅପେକ୍ଷା ୨୪୩୭ ଟଙ୍କା ବୃଦ୍ଧି ହୋଇଛି। ୨୨ କ୍ୟାରେଟ ସୁନା ଦର ୧,୩୦,୪୫୦ ଟଙ୍କା ରହିଛି । ସେହିପରି ରୁପା ଦର କିଲୋଗ୍ରାମ୍ ପ୍ରତି ୨,୬୫,୧୩୩ ଟଙ୍କାରେ ପହଞ୍ଚିଛି। ବିବାହ ଋତୁ ଚାଲିଥିବାବେଳେ ସୁନା ଓ ରୁପା ଦରରେ ଅହେତୁକ ବୃଦ୍ଧି ଗ୍ରାହକଙ୍କୁ ଚିନ୍ତାରେ ପକାଇଛି।

# ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ୧୧% ଅଭିବୃଦ୍ଧି

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ରେକର୍ଡ କରିଛି। ଡିସେମ୍ବର ପର୍ଯ୍ୟନ୍ତ ଅବଧି ମଧ୍ୟରେ ପୂର୍ବତଟ ରେଳପଥ ୨୦୯.୯୭ ନିୟୁତ ଟନ୍ ମୋଟ ମାଲ୍ ପରିବହନ ହାସଲ କରିଛି, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ୧୧% ଅଭିବୃଦ୍ଧିକୁ ଦର୍ଶାଉଛି। ଏହି ପ୍ରଦର୍ଶନ ନିର୍ଦ୍ଧାରିତ ଲକ୍ଷ୍ୟ ତୁଳନାରେ ୪% ଅଧିକ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଫର୍ଟିଲାଇଜର ପରିବହନରେ ୪୦% ବୃଦ୍ଧି ଘଟିଥିବା ବେଳେ ଉତ୍ପାଦ ଇସ୍ପାତରେ ୩୧% ବୃଦ୍ଧି ଘଟିଛି। ସେହିଭଳି ଲୁହାପଥର ପରିବହନରେ ୨୦% ଓ ଖାଦ୍ୟ ଶସ୍ୟ ପରିବହନରେ ୧୬% ବୃଦ୍ଧି ରେକର୍ଡ କରାଯାଇଛି। ନୂତନ ରେଳ ଲାଇନର ନିର୍ମାଣ ଏବଂ କାର୍ଯ୍ୟକ୍ଷମ ସହ ଦୋହରୀକରଣ ଏବଂ ତୃତୀୟ ଓ ଚତୁର୍ଥ ରେଳ ଲାଇନ ପ୍ରକଳ୍ପର କାର୍ଯ୍ୟକାରିତା, ଯାହା ସମଗ୍ର ଅଞ୍ଚଳରେ ସଂଯୋଗକୁ ବୃଦ୍ଧି କରିଥିବାରୁ ପଣ୍ୟବହନ ସରଳ ହୋଇଛି। ଏହାସହ ବିସ୍ତାରିତ ରେଳ ଭିତ୍ତିଭୂମି ମାଧ୍ୟମରେ ଖଣିଜ ବେଲ୍ଟ ଏବଂ ବନ୍ଦର ସହିତ ଶିଳ୍ପଗୁଡ଼ିକୁ ସଂଯୋଗ କରିବା ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ମାଲ ପରିବହନ ହବ୍ ଭାବରେ ରେଳପଥର ସ୍ଥିତିକୁ ସୁଦୃଢ଼ କରାଯାଇଛି। ବିଭିନ୍ନ ସରକାରୀ ଏଜେନ୍ସି ଏବଂ ଶିଳ୍ପଗୁଡ଼ିକ ସହିତ ସାମଗ୍ରୀ ପରିବହନର ସମୟାନୁବର୍ତ୍ତୀ ଏବଂ ଦକ୍ଷତାର ସହିତ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ନିରନ୍ତର ସହଯୋଗ ଏବଂ ଯୋଜନା ଏଥିରେ ସହାୟକ ହୋଇଛି।

# ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ ବିବେକାନନ୍ଦ ଜୟନ୍ତୀ



ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ସୋମବାର ପବିତ୍ର ବିବେକାନନ୍ଦ ଜୟନ୍ତୀ ତଥା 'ଜାତୀୟ ଯୁବ ଦିବସ' ପାଳିତ ହୋଇଯାଇଛି । ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମୁଖ୍ୟ ଅତିଥି ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନ ପ୍ରାରମ୍ଭିକ ଭାଷଣରେ ସମଗ୍ର ଭାରତ ଓ ବିଶ୍ୱମଙ୍ଗଳ ପାଇଁ ସ୍ୱାମୀ ବିବେକାନନ୍ଦଙ୍କର ଅମୂଲ୍ୟ ଅବଦାନ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ତାଙ୍କ ମହାର୍ଘ ଜୀବନକୁ ଆଦର୍ଶ କରି ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଜୀବନଶୈଳୀ, ଦୃଢ ଆତ୍ମବିଶ୍ୱାସ, ମାନବୀୟ ମୂଲ୍ୟବୋଧ, କଠୋର ପରିଶ୍ରମ ଓ ମହତ୍ ଲକ୍ଷ୍ୟ ସହିତ ନିଜର ଜୀବନକୁ ସଫଳ ଓ ସାର୍ଥକ କରନ୍ତୁ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ତାଙ୍କ ଅଭିଭାଷଣରେ ବିବେକାନନ୍ଦଙ୍କ ଦର୍ଶନ, ଆଧ୍ୟାତ୍ମିକତା, ରାଷ୍ଟ୍ରବାଦ୍ ଏବଂ ଶିକ୍ଷାର ଗୁଣବା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଆଜିର ଯୁବପିଢି ନିଜ ଚରିତ୍ର ଗଠନ ସହ ସତ୍ୟତା, ପବିତ୍ରତା ଏବଂ ନିଃସ୍ୱାର୍ଥପରତାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରିବା ଉଚିତ୍ । ବୈଷୟିକ ଜ୍ଞାନକୌଶଳ ସହ ଆଧ୍ୟାତ୍ମିକ ଚେତନାର ସମନ୍ୱୟ ରକ୍ଷା କରି ଏକବିଂଶ ଶତାବ୍ଦୀର ଆହ୍ୱାନକୁ ସାମ୍ନା କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଶେଷରେ ସମସ୍ତେ 'ବନ୍ଦେ ମାତରମ୍' ଗାନ କରିବା ସହିତ 'ସ୍ୱଦେଶୀ ସଂକଳ୍ପ' ପାଠ କରି ଆତ୍ମନିର୍ଭର ଭାରତ ଗଠନ ପାଇଁ ଶପଥ ନେଇଥିଲେ ।

# 'ଓଡ଼ିଶା ସ୍କିଲ୍‌ସ'ରେ ୬୩ ପଦକ ହାସଲ କଲା ସିଜିୟୁ



ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ରାଜ୍ୟସ୍ତରୀୟ ଦକ୍ଷତା ପ୍ରତିଯୋଗିତା 'ଓଡ଼ିଶା ସ୍କିଲ୍‌ସ ୨୦୨୫-୨୬'ରେ ସିଭି ରମଣ ଗ୍ଲୋବାଲ୍ ୟୁନିଭରସିଟି(ସିଜିୟୁ)ର ଛାତ୍ରୀଛାତ୍ରମାନେ ୨୭ଟି ଦକ୍ଷତା ବିଭାଗରେ ଅଂଶଗ୍ରହଣ କରି ୬୩ଟି ପଦକ ହାସଲ କରି ଶୀର୍ଷସ୍ଥାନରେ ରହିଛନ୍ତି। ୨୩ଟି ସ୍ୱର୍ଣ୍ଣ, ୧୯ଟି ରୌପ୍ୟ ଏବଂ ୨୧ଟି କାଂସ୍ୟ ପଦକ ଜିତିବାରେ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ସିଜିୟୁର ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ କହିଛନ୍ତି, ଭାରତ ସରକାରଙ୍କ ନ୍ୟାଶନାଲ ଏଜୁକେଶନ ପଲିସି ଅନୁସାରେ ବିଶ୍ୱବିଦ୍ୟାଳୟ ତା'ର ସମସ୍ତ କରିକୁଲମରେ ସ୍କିଲ୍‌କୁ ଅନ୍ତର୍ଭୁକ୍ତ କରିଛି ଏବଂ ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କର ଦକ୍ଷତା ବୃଦ୍ଧି ହେବା ସହ ଦେଶ ବିଦେଶରେ ନିଯୁକ୍ତି ପାଇବାରେ ସଫଳ ହେଉଛନ୍ତି। ସୂଚନା ଥାଉକି, ୱାର୍ଲ୍ଡ ସ୍କିଲ୍ ୨୦୧୯ରେ ସିଜିୟୁ ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ୱାର୍ଲ୍ଡ ସ୍କିଲ୍ ୨୦୨୨ରେ ରୌପ୍ୟ ପଦକ ଓ ମେଡାଲିୟନ୍ ଅଫ୍ ଏକ୍ସିଲେନ୍ସ ପଦକ ଜିତିଥିଲା। ୱାର୍ଲ୍ଡସ୍କିଲ୍ ୨୦୨୪ରେ ମଧ୍ୟ ମେଡାଲିୟନ୍ ଏକ୍ସିଲେନ୍ସ ହାସଲ କରିଥିଲା। ୱାର୍ଲ୍ଡସ୍କିଲ୍ ୨୦୨୨ରେ ୯ଜଣ ଏବଂ ୨୦୨୪ରେ ୧୦ ଜଣ ଭାରତକୁ ପ୍ରତିନିଧିତ୍ୱ କରିଥିଲେ।

# ୪୦ କୋଟିରୁ ଅଧିକ ଭାରତୀୟ ବୀମା କରିନାହାନ୍ତି: ସିଙ୍ଘେଲ

ଭୁବନେଶ୍ୱର,୧୨।୧

ସରକାରୀ ଯୋଜନା ସତ୍ତ୍ୱେ ୪୦ କୋଟିରୁ ଅଧିକ ଭାରତୀୟ ବୀମାବିହୀନ ରହିଛନ୍ତି ଏବଂ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିଜ ପକେଟରୁ ଚିକିତ୍ସା ଖର୍ଚ୍ଚ କରି ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଉଛନ୍ତି । ଆମେ ୟୁନିଅନ ବଜେଟ ଆଡ଼କୁ ଅଗ୍ରସର ହେଉଥିବାବେଳେ, ଅଭିବୃଦ୍ଧି, ପୁଞ୍ଜି ଏବଂ ନିବେଶ ଉପରେ ଆଲୋଚନା ହେବା ସ୍ୱାଭାବିକ । ତେବେ ଏକ ସୁରକ୍ଷିତ ଏବଂ ଅଧିକ ଆତ୍ମବିଶ୍ୱାସୀ ଭାରତର ମୂଳଦୁଆ ଭାବରେ ବଜେଟ ପ୍ରାଥମିକତାରେ ଇନ୍ସ୍ୟୁରାନ୍ସ ରହିଛି। ଇନ୍ସ୍ୟୁରାନ୍ସକୁ ସାମାଜିକ ଭିତ୍ତିଭୂମି ଭାବରେ ସ୍ୱୀକାର କରିବା ଦ୍ୱାରା ଆମେ ଏକ ଅଧିକ ସୁଦୃଢ଼ ରାଷ୍ଟ୍ର ଗଠନ କରିପାରିବା ବୋଲି ବଜାଜ ଜେନେରାଲ ଇନ୍ସ୍ୟୁରାନ୍ସ ଲିମିଟେଡ୍‌ର ଏମ୍‌ଡି ଓ ସିଇଓ ଏବଂ ଜେନେରାଲ ଇନ୍ସ୍ୟୁରାନ୍ସ କାଉନସିଲ୍‌ର ଚେୟାରମ୍ୟାନ ଡ. ତପନ ସିଙ୍ଘେଲ କହିଛନ୍ତି। ସେ କହିଛନ୍ତି, ପୂର୍ଣ୍ଣକାଳୀନ, ଚୁକ୍ତିଭିତ୍ତିକ ଏବଂ ଗିଗ୍ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରୁଥିବା ଏକ ପର୍ଯ୍ୟାୟକ୍ରମେ, ବାଧ୍ୟତାମୂଳକ ଏମ୍ପ୍ଲୟର-ଏମ୍ପ୍ଲୟୀ ହେଲ୍‌ଥ ଇନ୍ସ୍ୟୁରାନ୍ସ ଫ୍ରେମୱାର୍କ ଏହି ବ୍ୟବଧାନକୁ ପୂରଣ କରିବା ହେଲ୍‌ଥ କଭର ପାଇଁ ଟ୍ୟାକ୍ସ ଇନସେନଟିଭ ଏବଂ ସିଏସଆର୍ ସ୍ୱୀକୃତି ଏହାର ବ୍ୟାପକ ଗ୍ରହଣକୁ ଉତ୍ସାହିତ କରିପାରିବ ।

# କେୟାର ହସ୍ପିଟାଲ୍ସରେ ବିରଳ ହୃଦ୍‌ରୋଗ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

କେୟାର ହସ୍ପିଟାଲ୍ସ ଭୁବନେଶ୍ୱର ଏକ ବିରଳ ଏବଂ ଜଟିଳ ହୃଦରୋଗ ଅସ୍ତ୍ରୋପଚାର ସଫଳ ହୋଇଛି। ଡା. ଶୁଭକାନ୍ତ ବିଶ୍ୱାଳ, ବରିଷ୍ଠ ପରାମର୍ଶଦାତା - କାର୍ଡିଓଥୋରାସିକ ଏବଂ ଭାସ୍କୁଲାର୍ ସର୍ଜରୀଙ୍କ ନେତୃତ୍ୱରେ ଏକ ଅଭିଜ୍ଞ କାର୍ଡିଓଥୋରାସିକ ସର୍ଜରୀ ଦଳ ଦ୍ୱାରା ଏହି ଅସ୍ତ୍ରୋପଚାର କରାଯାଇଥିଲା, ଯେଉଁଥିରେ ଡାକ୍ତର ସୋମେନ, ପରାମର୍ଶଦାତା - ସିଟିଭିଏସ୍ ଏବଂ ଦକ୍ଷ ସିଟିଭିଏସ୍ ନର୍ସିଂ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଦଳ ସହାୟତା କରିଥିଲେ। ଏହି ପ୍ରକ୍ରିୟା ପାଇଁ ବହୁବିଧ କ୍ଲିନିକାଲ ଦଳ ମଧ୍ୟରେ ସୂକ୍ଷ୍ମ ଯୋଜନା ଏବଂ ସମନ୍ୱୟ ଆବଶ୍ୟକ ଥିଲା। ସମଗ୍ର ଅସ୍ତ୍ରୋପଚାରକୁ ଡା. ମନୋରଞ୍ଜନ ପାଢୀ ଏବଂ ଡାକ୍ତର ଧର୍ମଜୀବନଙ୍କ ନେତୃତ୍ୱରେ କାର୍ଡିଆକ ଆନାସ୍ଥେସିଆ ଦଳ ଦ୍ୱାରା ଦକ୍ଷତାର ସହିତ ପରିଚାଳିତ କରାଯାଇଥିଲା, ଯାହାଙ୍କ ବିଶେଷଜ୍ଞତା ପ୍ରକ୍ରିୟା ସାରା ରୋଗୀଙ୍କ ସ୍ଥିରତା ଏବଂ ସୁରକ୍ଷା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଅସ୍ତ୍ରୋପଚାର ପରେ, ରୋଗୀ ସ୍ଥିର ସୁସ୍ଥତା ଦେଖାଇଲେ ଏବଂ ଷଷ୍ଠ ଅସ୍ତ୍ରୋପଚାର ପରେ ସ୍ଥିର ଅବସ୍ଥାରେ ତାଙ୍କୁ ଡିସଚାର୍ଜ କରାଯାଇଥିଲା। ଏହି ଅବସରରେ ଡାକ୍ତରୀ ଦଳ ଆଲୋକପାତ କରିଥିଲେ ଯେ ଏପରି ଜଟିଳ ପ୍ରକ୍ରିୟାଗୁଡ଼ିକ ପାଇଁ କେବଳ ଉନ୍ନତ ଭିତ୍ତିଭୂମି ନୁହେଁ ବରଂ ଦୃଢ଼ ଦଳଗତ କାର୍ଯ୍ୟ ଏବଂ କ୍ଲିନିକାଲ ବିଶେଷଜ୍ଞତା ମଧ୍ୟ ଆବଶ୍ୟକ।

## ଅପରାଧ

# ଗ୍ୟାଙ୍ଗର ଆଉ ୩ ଗିରଫ

## ଭୁବନେଶ୍ୱରରେ ସାଇବର ଠକଙ୍କ କଲ୍ ସେଣ୍ଟର ଠାବ ଘଟଣା

- କେରଳ, ବିହାରକୁ ଯିବ କମିଶନରେଟ୍ ପୋଲିସ
- ଜବତ ସାମଗ୍ରୀକୁ ଫୋରେନ୍‌ସିକ୍ ଲାବ୍‌କୁ ପଠାଗଲା

ଭୁବନେଶ୍ୱର,୧୨।୧(ସତ୍ୟଜିତ ରାଉତ)



ଗିରଫ ୩ ଅଭିଯୁକ୍ତ।

ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କାପାଣି ରୋଡ୍‌ର ପ୍ଲଟ ନଂ.୨୧୭୧/୧୬ସ୍ଥିତ ଘରେ ଆନ୍ତଃରାଜ୍ୟ ସାଇବର ଠକଙ୍କ କଲ୍ ସେଣ୍ଟର ଠାବ ହେବା ଘଟଣାରେ କମିଶନରେଟ୍ ପୋଲିସ ଅଧିକ ଛାନ୍‌ଭିନ୍ ଚଳାଇଛି। ସାଇବର ଠକ ଗ୍ୟାଙ୍ଗ୍‌ର ୧୨ଜଣ ରବିବାର ଗିରଫ ହୋଇ ଜେଲ ଯାଇଥିବାବେଳେ ଆଉ ୩ ଜଣ ସୋମବାର ବଡ଼ଗଡ଼ ଅଞ୍ଚଳରୁ ଧରାପଡ଼ିଛନ୍ତି। ସେମାନେ ହେଲେ ବିହାର ନାଳନ୍ଦା ଜିଲା କଟ୍‌ରିସରାଇ ଅଞ୍ଚଳର ଚନ୍ଦନ କୁମାର(୪୦), ପଙ୍କଜ କୁମାର(୩୮) ଓ ରିଶି କୁମାର(୨୭)। ୩ଟି ମୋବାଇଲ ଓ ଗୋଟିଏ କାର୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ବଡ଼ଗଡ଼ ଥାନା ପକ୍ଷରୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ସାଇବର ଠକଙ୍କ ପାଖରୁ ଜବତ ହୋଇଥିବା ୩୦ଟି କି'ପ୍ୟାଡ୍ ମୋବାଇଲ, ୩୦ଟି ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍, ୨ଟି ଲାପ୍‌ଟପ୍, ୬ଟି ସିମ୍‌କାର୍ଡ ଆଦିକୁ ଯାଞ୍ଚ ପାଇଁ ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି (ଏସ୍‌ଏଫ୍‌ଏସ୍‌ଏଲ)କୁ ମଧ୍ୟ ପଠାଯାଇଛି।

ଗିରଫ ୩ ଅଭିଯୁକ୍ତ ବିଶେଷ କରି ଫେକ୍ ସିମ୍‌କାର୍ଡ ଓ ମ୍ୟୁଲ୍ ଆକାଉଣ୍ଟ ସଂଗ୍ରହ କରିବା, ସ୍ପିଡ୍ ପୋଷ୍ଟ ଜରିଆରେ ଲୋକମାନଙ୍କୁ ଲେଟର ପଠାଇବା ଏବଂ ମ୍ୟୁଲ୍ ଆକାଉଣ୍ଟରୁ ଟଙ୍କା ଉଠାଣ କରିବା କାମ କରୁଥିଲେ। ତେବେ ଏହି ଠକେଇ ଗ୍ୟାଙ୍ଗ୍‌ର ଅନ୍ୟ ସହଯୋଗୀ ଓ ଏଜେଣ୍ଟମାନେ ବିହାର ଓ କେରଳରେ ଥିବାବେଳେ ସେମାନଙ୍କୁ ଧରିବାକୁ କମିଶନରେଟ୍ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଅଭିଯୁକ୍ତମାନଙ୍କ ପ୍ରକୃତ ପରିଚୟ, ଶିକ୍ଷାଗତ ଯୋଗ୍ୟତା ସମେତ ଅପରାଧ ପୃଷ୍ଠଭୂମି ବିଷୟରେ ଜାଣିବା ଏବଂ ଗ୍ୟାଙ୍ଗ୍‌ର ଲିଙ୍କ୍‌ରେ ଥିବା ସହଯୋଗୀଙ୍କୁ ଧରିବାକୁ କମିଶନରେଟ୍ ପୋଲିସ ଯୋଜନା କରିଛି। ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, ଏହି ଗ୍ୟାଙ୍ଗ୍‌ର ବିହାର କଟରିସରାଇରୁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟକୁ ଯୋଗାଡ଼ କରିଥିଲେ। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ। ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ଅଧିକ ହାସଲ ପାଇଁ ସେମାନଙ୍କ ବିହାର ଓ କେରଳସ୍ଥିତ ଜିଲାର ଏସ୍‌ପିଙ୍କୁ ଚିଠି ଲେଖାଯିବ। କମିଶନରେଟ ପୋଲିସ ଟିମ୍ ଉକ୍ତ ଜିଲାଗୁଡ଼ିକୁ ଯାଇ ଏହି ଗ୍ୟାଙ୍ଗ୍‌ର ଚେନ୍‌ରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଧରିବ ବୋଲି ଡିସିପି କହିଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତ ଦେବାଶିଷ ତ୍ରିପାଠୀଙ୍କ ଘରେ ଏହି କଲ୍ ସେଣ୍ଟର ଚାଲିଥିଲା। ଦେବାଶିଷଙ୍କ ସହ ଅର୍ଜୁନ ଓ ପଙ୍କଜ ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ଥିଲେ। ସାଇବର ଠକମାନେ ଗିଫ୍ଟ ଭାଉଚର, କେରଳ ଲଟେରି, ଲୋନ୍ ଦେବାକୁ କହି ଠକୁଥିଲେ। ଦେବାଶିଷ ଜଣେ ଗ୍ରାଫିକ୍ସ ଡିଜାଇନର ହୋଇଥିବବେଳେ ସେ ସ୍କ୍ରାଚ୍ କାର୍ଡ, ଗିଫ୍ଟ ଭାଉଚର, ଲକି କୁପନ, ଅଫର ଲେଟର ଓ ଫେସ୍‌ବୁକ୍‌ରେ ବିଜ୍ଞାପନ ଦେବା ପାଇଁ ଇମେଜ୍ ବନାଇ ହେଲ୍ପଲାଇନ୍ ନମ୍ବର ରଖି ଜାଲ ବିଛାଉଥିଲେ। ଏଜେଣ୍ଟଙ୍କ ଦ୍ୱାରା ସ୍ପିଡ୍ ପୋଷ୍ଟ ଜରିଆରେ କୁପନ, ସ୍କ୍ରାଚ୍ କାର୍ଡ, ଲକି ଡ୍ର' କୁପନ ଆଦି ପଠାଇ ଲକ୍ଷାଧିକ ଟଙ୍କା ଓ ଗାଡ଼ି ଜିତିବାର ପ୍ରଲୋଭନ ଦେଖାଉଥିଲେ। ଗ୍ରାହକମାନେ ପୁରସ୍କାର ପାଇବା ପାଇଁ ହେଲ୍ପଲାଇନ୍ ନମ୍ବରକୁ କଲ୍ କଲେ ଠକମାନେ ବିଭିନ୍ନ ଫିସ୍ ଦେବାକୁ କହି ଟଙ୍କା ନେଇ ଆସୁଥିଲେ। ସେହିପରି ବିଭିନ୍ନ ଲୋନ୍ ଦେବାକୁ ଫେସ୍‌ବୁକ୍‌ରେ ବିଜ୍ଞାପନ ଦେଉଥିଲେ। ଅଭିଯୁକ୍ତମାନେ କେରଳ ଲଟେରି ନାଁରେ ଫେସବୁକ୍‌ରେ ବିଜ୍ଞାପନ ଦେଇ ମଧ୍ୟ ଠକୁଥିଲେ।

# ବ୍ୟବସାୟୀଙ୍କଠାରୁ ଲୁଟିନେଲେ ୨୫ ଲକ୍ଷ ଟଙ୍କାର ରୁପା ଅଳଙ୍କାର

କବିସୂର୍ଯ୍ୟନଗର,୧୨।୧
(କୃପାସିନ୍ଧୁ ସ୍ୱାଇଁ)

## ମାଉଜର ଦେଖାଇ ଲୁଟ୍



ଲୁଟ୍ ର ଶିକାର ହୋଇଥିବା ବ୍ୟବସାୟୀ।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କଠାରୁ ସୋମବାର ବଡ଼ ଧରଣର ଲୁଟ୍ ହୋଇଛି। ତାଙ୍କଠାରୁ ୨୫ ଲକ୍ଷଟଙ୍କାର ରୁପା ଅଳଙ୍କାର ଦୁର୍ବୃତ୍ତମାନେ ମାଉଜର ଦେଖାଇ ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି। ଖବରରୁ ଜଣାପଡିଛି, ପୁରୁଷୋତ୍ତମପୁରର ବ୍ୟବସାୟୀ ବେଲା ସେନାପତି ସବୁଦିନ ପରି ସୋମବାର ବାଇକ୍‌ରେ ଏକ ଟିଣ ବାକ୍ସରେ ୧୫ କେଜିର ବିଭିନ୍ନ ପ୍ରକାର ରୁପା ଅଳଙ୍କାର ଧରି ମୋହନାପଲ୍ଲୀ ଗ୍ରାମକୁ ବ୍ୟବସାୟ ପାଇଁ ଯାଉଥିଲେ। ତାଙ୍କୁ ପିଛା କରୁଥିବା ତିନିଜଣ ଯୁବକ ଗୁଡିଆଳି ରାସ୍ତାର ପୋଖରୀ ନିକଟରେ ତାଙ୍କ ବାଇକ୍ ଅଟକାଇ ଥିଲେ। ପରେ ସେମାନେ ମାଉଜର ଦେଖାଇ ବେଲାଙ୍କୁ ଆକ୍ରମଣ କରି ରୁପା ଅଳଙ୍କାର, ସେ ପିନ୍ଧିଥିବା ୨ଟି ସୁନାମୁଦି ଲୁଟି ନେଇ ଫେରାର ହୋଇଯାଇଥିଲେ। ଏହାର ବଜାର ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ବେଲା ଏନେଇ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିବା ପରେ ନଂ. ୧୭/୨୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବାଯାଏ ସେମାନଙ୍କ କୌଣସି ପତ୍ତା ମିଳିନାହିଁ।

# ଅଣଛାତ୍ରଙ୍କ ଆକ୍ରମଣରେ ୨ ଛାତ୍ର ଗୁରୁତର

## ନାରାୟଣୀ ଉଚ୍ଚ ବିଦ୍ୟାଳୟ

ଗୋପାଳପୁର,୧୨।୧(ନବୀନରାଜ୍ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ୍ ଅଧୀନସ୍ଥ ଫୁଲଟା ଗ୍ରାମସ୍ଥିତ ମା'ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଅଣଛାତ୍ରମାନେ ପଶି ୨ ଜଣ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତମାନେ ହେଲେ ଦଶମ ଶ୍ରେଣୀର ଓମ୍ ମଣ୍ଡଳ ଓ ଅଷ୍ଟମ ଶ୍ରେଣୀର ରାମକୃଷ୍ଣ ପ୍ରଧାନ। ମା' ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସମୟ ୧ଟା ୩୦ରେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପଡ଼ିଥିଲା। ଏହି ସମୟରେ ୪ଜଣ ଅଣଛାତ୍ର ଲୁହାରଡ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ସ୍କୁଲ ପାଚେରି ଡେଇଁ ଭିତରକୁ ପଶିଥିଲେ। ସେମାନେ ଛାତ୍ର ଓମ୍‌ଙ୍କୁ ଲୁହାରଡରେ ଆକ୍ରମଣ କରିବା ସହ ସେଠାରେ ଖେଳୁଥିବା ଛାତ୍ର ରାମକୃଷ୍ଣଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହାଦେଖି ଶିକ୍ଷକ ଓ ଅନ୍ୟମାନେ ଉଭୟଙ୍କୁ ରକ୍ଷା କରିଥିଲେ ମଧ୍ୟ ସେମାନେ ସାମାନ୍ୟ ଆହତ ହୋଇଥିଲେ। ଓମ୍ ଅଚେତ ହୋଇପଡ଼ିଥିଲେ ଏବଂ ରାମକୃଷ୍ଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ୨ ଶିକ୍ଷକ ଛାତ୍ରଦ୍ୱୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଇଥିଲେ। ଖବର ପାଇ ସନ୍ଧ୍ୟାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଏସ୍. ଧନଞ୍ଜୟ ଓ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ବ୍ରହ୍ମପୁର ବଡ଼ ମେଡିକାଲରେ ପହଞ୍ଚି ଛାତ୍ରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ମେଡିକାଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଖବରଲେଖା ହେବା ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି। ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏନେଇ ଥାନାରେ ଅଭିଯୋଗ ହେବ ବୋଲି କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ଅଣଛାତ୍ରମାନଙ୍କ ଏଭଳି ଆତଙ୍କରାଜ ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। କିଭଳି ଓ କେଉଁ ପରିସ୍ଥିତିରେ ବିଦ୍ୟାଳୟରେ ପଶି ଛାତ୍ରଙ୍କୁ ଆକ୍ରମଣ କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କୋର୍ଟରେ ହାଜର ହେଲେ ପ୍ରଦୀପ ପାଣିଗ୍ରାହୀ

## ଟାଟା କମ୍ପାନୀରେ ଚାକିରି ଠକେଇ ମାମଲା

ଭୁବନେଶ୍ୱର,୧୨।୧(ସତ୍ୟଜିତ ରାଉତ)

ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ଏକାଧିକ ଯୁବକଙ୍କୁ ଠକେଇ କରିବା ମାମଲାରେ ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ସୋମବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୧ କୋର୍ଟରେ ହାଜର ହୋଇଛନ୍ତି। ସେହିପରି ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକ ମଧ୍ୟ ହାଜର ହୋଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ଏବେ ଶୁଣାଣି ପ୍ରକ୍ରିୟା ଜାରି ରହିଛି। ପୂର୍ବରୁ ଏହି ମାମଲାରେ ଥିବା ସାକ୍ଷୀମାନଙ୍କ ବୟାନ ରେକର୍ଡ ହୋଇସାରିଥିବା ବେଳେ ଏବେ ଅଭିଯୋଗକାରୀଙ୍କୁ ଜେରା ପ୍ରକ୍ରିୟା ଚାଲୁ ରହିଛି। ଏହି ମାମଲାରେ ଆକାଶ ମୁଖ୍ୟ ଅଭିଯୁକ୍ତ ଥିବା ବେଳେ ପ୍ରଦୀପ ସହ ଅଭିଯୁକ୍ତ ରହିଛନ୍ତି।

# ବେଆଇନ ସିମ୍‌କାର୍ଡ କାରବାର, ୪ ଗିରଫ

ଭଣ୍ଡାରିପୋଖରୀ,୧୨।୧(ରାଜେନ୍ଦ୍ର ଶତପଥୀ)



ଗିରଫ ୪ ଅଭିଯୁକ୍ତ।

ବେଆଇନ ସିମ୍‌କାର୍ଡ ବ୍ୟବସାୟ ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ କୁଲଣାର ଦିଲୀପ ସାହୁ(୩୦), ବିଶୋଳ ଶାସନର ରମେଶ ଚନ୍ଦ୍ର ପରିଡ଼ା ଓରଫ କାଳିଆ(୩୭), ଆଶିଷ କୁମାର ସ୍ୱାଇଁ(୪୦) ଓ ଚାନ୍ଦବାଲି ଥାନା ନଳଗୁଣ୍ଡା ଅଞ୍ଚଳର ଗଣେଶ କୁମାର ରାଉତ(୨୫)।

ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ସୂଚନା ଅନୁଯାୟୀ, ବେଆଇନ ସିମ୍‌କାର୍ଡ ବ୍ୟବସାୟ କରି ସାଇବର ଅପରାଧୀଙ୍କୁ ଯୋଗାଇବା ଅଭିଯୋଗରେ ଦିଲ୍ଲୀ ସାହିନବାଗ ପୋଲିସ ଗତ ଡିସେମ୍ବର ୧୦ରେ ମଞ୍ଜୁରୀରୋଡ୍ ଅଞ୍ଚଳରୁ ଅଭିଯୁକ୍ତ ସନ୍ତୋଷ ଖଣ୍ଡେଇଙ୍କୁ ଗିରଫ କରିବା ପରେ ସ୍ଥାନୀୟ ପୋଲିସ ଏହି କାରବାର ଉପରେ ଦୃଷ୍ଟି ରଖିଥିଲା। ସନ୍ତୋଷଙ୍କୁ ଦିଲ୍ଲୀ ପୋଲିସ ସ୍ଥାନୀୟ ଥାନାରେ ପଚରାଉଚରା କରିବା ସମୟରେ ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ କୁଲଣା ଗ୍ରାମର ଦିଲୀପ, ବିଶୋଳ ଶାସନର ରମେଶ ଓ ଅନ୍ୟମାନଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। ଏହି କାରବାରରେ ସମ୍ପୃକ୍ତ ଥିବା ସମସ୍ତଙ୍କୁ ଧରିବା ପାଇଁ ଏସ୍‌ପି ମନୋଜ ରାଉତ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ଏହି ବେଆଇନ କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ଦିଲୀପ 'ଏୟାରଟେଲ ମିତ୍ରା'ର ଅଧିକୃତ ସିମ୍‌କାର୍ଡ ବିକ୍ରେତା ଥିଲେ। 'ଇଲେକ୍ଟ୍ରୋନିକ୍ କଷ୍ଟମର ଆପ୍ଲିକେଶନ ଫର୍ମ', କେୱାଇସି, ବାୟୋମେଟ୍ରିକ ଯାଞ୍ଚ ଆଦି ସମସ୍ତ ନୀତିନିୟମକୁ ଏଡ଼ାଇ ଏବଂ ନିରୀହ ଲୋକଙ୍କ ଅଜାଣତରେ ସେମାନଙ୍କ ଆଧାରକାର୍ଡକୁ ଉପଯୋଗ କରି ଗୋଟିଏ ଆଧାର କାର୍ଡରେ ଏକାଧିକ ସିମ୍‌କାର୍ଡ ଆକ୍ଟିଭ କରିବା ସହ ଏହାକୁ ବହୁ ଦାମ୍‌ରେ ବିକ୍ରୟ କରିଆସୁଥିଲେ। ବେଆଇନ ସିମ୍‌କାର୍ଡ ସାଇବର ଅପରାଧରେ ଉପଯୋଗ ହେଉଥିଲା। ପଞ୍ଜାବ ଏସ୍‌ଏଏସ୍(ସାହିବଜାଦା ଅଜିତ ସିଂ) ନଗର ଥାନାରେ ଗତ ସେପ୍ଟେମ୍ବର ୨୫ରେ ସାଇବର ମାମଲା (ନଂ.୧୯/୨୫)ରେ ଅଭିଯୁକ୍ତ ଭାବେ ସ୍ଥାନୀୟ ଅଞ୍ଚଳର ୩ଜଣ ଥିବା ଜଣାପଡ଼ିବା ପରେ ପୋଲିସର ମୁଣ୍ଡବିନ୍ଧା ଆରମ୍ଭ ହୋଇଥିଲା। ପଞ୍ଜାବ ପୋଲିସ ଗତ ୬ ତାରିଖରେ ଆସି କୁଲଣା ଓ ଚନ୍ଦ୍ରଭାନୁପୁର ଗ୍ରାମରେ ଚଢ଼ାଉ କରିବା ସହ ଫେରାର ଅଭିଯୁକ୍ତଙ୍କ ନାମରେ ନୋଟିସ ଜାରି କରିଥିଲା। ଜାଲ୍ ସିମ୍‌କାର୍ଡ ବେପାରୀଙ୍କୁ ଧରିବା ପାଇଁ ପୋଲିସ କୁଲଣା, ବିଶୋଳ ଆଦି ଅଞ୍ଚଳରୁ ପର୍ଯ୍ୟାୟକ୍ରମେ ସନ୍ଦିଗ୍ଧଙ୍କୁ ଉଠାଇନେଇ ପଚରାଉଚରା କରିଥିଲା। ଏହି ସମୟରେ କେତେଜଣ ନେତା ଅଟକ ଥିବା ସନ୍ଦିଗ୍ଧଙ୍କ ସପକ୍ଷରେ ଥାନାକୁ ଯାଇ ପୋଲିସ ଉପରେ ଚାପ ପ୍ରୟୋଗ କରିଥିଲେ। ଗତ ୧୦ ତାରିଖରେ ସବ୍‌ଇନ୍ସପେକ୍ଟର ଗଣନାଥ ସେଠୀଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୧୪/୨୬) ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଏହି ର୍‍ୟାକେଟରେ ବହୁ ବ୍ୟକ୍ତି ସମ୍ପୃକ୍ତ ଥିବା ଥାନାଧିକାରିଣୀ ନାୟକ କହିଛନ୍ତି।

## ୬.୧୧ ଲକ୍ଷ ସାଇବର ଠକେଇ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ଧର୍ମନଗରରେ ରହୁଥିବା ଜଣେ ୮୦ ବର୍ଷୀୟ ବରିଷ୍ଠ ନାଗରିକ ସାଇବର ଠକେଇର ଶିକାର ହୋଇଛନ୍ତି । ସାଇବର ଠକମାନେ ତାଙ୍କ ମୋବାଇଲକୁ ଏପିକେ ଫାଇଲ ପଠାଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୩ ଲକ୍ଷ ୪୪ ହଜାର ୫୦୦ ଟଙ୍କା ଠକି ନେଇଛନ୍ତି । ସେହିପରି ବ୍ରହ୍ମପୁର ନିମଖଣ୍ଡି ସତ୍ୟନଗରର ଜଣେ ୩୪ ବର୍ଷୀୟ ଯୁବକଙ୍କ ଅଜାଣତରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ ଲକ୍ଷ ୬୭ ହଜାର ଟଙ୍କା ଠକେଇ ହୋଇଛି । ଏ ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି ।


### ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଝୁମୁରି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗଞ୍ଜାମ ଜିଲାରେ ଗଡ଼ିଲା ଇ-ବସ

ଗୋପାଳପୁର/ଛତ୍ରପୁର,୧୨।୧
(ନବୀନରାଜ୍ ଆଚାରୀ/ଦିଲୀପ ସାମଲ)

ସଡ଼କ ସୁରକ୍ଷାକୁ ଆହୁରୀ ସୁଦୃଢ଼ କରିବା ସହିତ ସାଧାରଣ ଯାତ୍ରୀମାନଙ୍କ ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲାକୁ ନୂତନ ୫୦ଟି ଇ – ବସ ଯୋଗାଇଛନ୍ତି। ଏହାଦ୍ୱାରା ପରିବେଶ ସୁରକ୍ଷା ସହିତ ଜନସାଧାରଣଙ୍କ ସୁରକ୍ଷିତ ଓ ସୁବିଧାଜନକ ଯାତାୟତ ହେବ। ବ୍ରହ୍ମପୁର ମହାନଗର ନିକଟସ୍ଥ ହଳଦିଆପଦର ବସଷ୍ଟାଣ୍ଡ ଠାରେ ସୋମବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଇ-ବସ ସେବା ଶୁଭାରମ୍ଭ କରିଥିଲେ। ଏଥିସହ ବୈଦ୍ୟୁତିକ ଯାନ ଚାର୍ଜ ସେଣ୍ଟରକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱରଠାରେ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ହଳଦିଆପଦର ବସଷ୍ଟାଣ୍ଡରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଭି. କିର୍ତ୍ତି ଭାସନ ସଭାପତିତ୍ୱ କରିଥିବା ବେଳେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ଡ଼.ସର୍ବଣୀ ବିବେକ୍ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ୍ ଅରବିନ୍ଦ ରାଜସିର୍କେ, ବ୍ରହ୍ମପୁର ଉପଜିଲାପାଳ ଅଭିନାଶ କୁମାର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବ୍ରହ୍ମପୁରରୁ ବିଧାୟକ. ଜିଲାପାଳ ଓ ଅନ୍ୟଅଧିକାରୀ ମାନେ ଇ-ବସ୍‌ରେ ଆସି ଛତ୍ରପୁର ନୂତନ ବସଷ୍ଟାଣ୍ଡ ଠାରେ ଓହ୍ଲାଇଥିଲେ। ସେଠାରେ ଇ – ବସ ସହ ବିଧାୟକ ଓ ଅଧିକାରୀମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଜିଲାପାଳ କହିଥିଲେ ଯେ, ୫୦ଟି ଇ-ବସ ଆସିଛି। ବ୍ରହ୍ମପୁରରେ ୨୫ଟି ଓ ଛତ୍ରପୁର ଅଞ୍ଚଳରେ ୨୫ଟି ବସ ବିଭିନ୍ନ ରୁଟରେ ଚଳାଚଳ କରିବ। ଛତ୍ରପୁର, ବ୍ରହ୍ମପୁର, ଗୋପାଳପୁର, ହିଞ୍ଜିଳିକାଟୁ ଏବଂ ଦରକାର ପଡିଲେ ଆସିକାକୁ ମଧ୍ୟ ଇ-ବସ ସେବାର ବ୍ୟବସ୍ଥା ହେବ । ବିଭିନ୍ନ ସ୍ଥାନରେ ଚାର୍ଜିଙ୍ଗ ର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଥିଲେ । କାର୍ଯ୍ୟକ୍ରମରେ ଡୁଡା ପିଡି ସୁନୀଲ କୁମାର କେର୍କ ଟା, ଛତ୍ରପୁର ଇଓ ପ୍ରସନ୍ନ କୁମାର ଦାଶଙ୍କ ସମେତ ବହୁ ମହିଳା ଏବଂ ଜନସାଧାରଣ ମାନେ ଉପସ୍ଥିତ ଥିଲେ। ଏହି ଇ-ବସଗୁଡ଼ିକ କ୍ରୁଟ ଦ୍ୱାରା ପରିଚାଳିତ ହେଉଛି।



ଛତ୍ରପୁରଠାରେ ଇ-ବସ୍ ନିକଟରେ ବିଧାୟକ, ଜିଲାପାଳ ଓ ଅଧିକାରୀମାନେ ।

### ଆଭାସୀରେ ସେବା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଧାର ଟଙ୍କା ନ ଦେବାରୁ ହତ୍ୟା ମାମଲା
# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୧୨।୧(ସୁବାସ ଚନ୍ଦ୍ର ପାଢ଼ୀ):

ଗଞ୍ଜାମ ଜିଲା ଦୌରାଜଜ୍ ଅଶାନ୍ତ କୁମାର ଦାସ ଏକ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କରାଦଣ୍ଡାଦେଶ ଶୁଣାଇଛନ୍ତି। ସେ ହେଲେ ପାଟପୁର ଥାନା ଅନ୍ତର୍ଗତ ପାଟପୁର ବଳିପେଣ୍ଠ ସାହିର ପ୍ରଶାନ୍ତ କୁମାର ସ୍ୱାଇଁ ଓରଫ ଡୁଙ୍ଗେଇ (୨୫)। ଜେଲ ସହିତ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ ଜେଲ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ମାମଲାର ବିବରଣୀରୁ ପ୍ରକାଶ, ୨୦୨୩ ଡିସେମ୍ବର ୨୮ ରାତିରେ ପାଟପୁରର ସୂର୍ଯ୍ୟ କୁମାର ସାହୁ (୩୩)ଙ୍କୁ ହତ୍ୟା କରାଯାଇଥିଲା। ସୂର୍ଯ୍ୟ ଦିଗପହଣ୍ଡିର ଏକ ହୋଟେଲରେ ରୋଷେୟା ଭାବେ କାମ କରୁଥିଲେ। ପ୍ରଶାନ୍ତଙ୍କ ସହ ତାଙ୍କର ବନ୍ଧୁତା ଥିଲା। କୌଣସି କାମ ପାଇଁ ସୂର୍ଯ୍ୟ ତାଙ୍କଠାରୁ ୧୦ ହଜାର ଟଙ୍କା ଧାର ନେଇଥିଲେ। ନିର୍ଦ୍ଧାରିତ ସମୟରେ ଟଙ୍କା ନ ଫେରାଇବାରୁ ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ପ୍ରଶାନ୍ତ ପ୍ରତିଶୋଧ ପରାୟଣ ହୋଇ ଘଟଣାଦିନ ରାତିରେ ମଦ ପିଇବା ପାଇଁ ସୂର୍ଯ୍ୟ ଓ ଅନ୍ୟଜଣେ ସାଙ୍ଗ ଶିବ ନାୟକଙ୍କୁ ଡାକିଥିଲେ। ଶିବଙ୍କୁ ସେ ମଦ ଆଣିବାକୁ କହିଥିଲେ। ପରେ ତାଙ୍କୁ ଚାଲିଯିବାକୁ କହିଥିଲେ। ସୂର୍ଯ୍ୟ ଓ ପ୍ରଶାନ୍ତ ସେଠାରେ ମଦ୍ୟପାନ କରିଥିଲେ। ରାତିରେ ସୂର୍ଯ୍ୟ ଘରକୁ ଫେରି ନ ଥିଲେ। ୨୯ ତାରିଖ ସକାଳେ ବସଷ୍ଟାଣ୍ଡ ନିକଟରେ ତାଙ୍କ ମୃତଦେହ ପଡିଥିବା ଦେଖାଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ସୂର୍ଯ୍ୟଙ୍କ ଭାଇ ନିତ୍ୟାନନ୍ଦ ସାହୁଙ୍କ ଅଭିଯୋଗ ପ୍ରକାରେ ନଂ. ୮୩୨/୨୩ ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ କରି ଅଭିଯୁକ୍ତ ପ୍ରଶାନ୍ତଙ୍କୁ ପୋଲିସ ଗିରଫ କରିଥିଲା। ଜେରା ବେଳେ ପ୍ରଶାନ୍ତ ତାଙ୍କ ସାଙ୍ଗ ସୂର୍ଯ୍ୟଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ହତ୍ୟା ପରେ ସେ ତାଙ୍କ ଘର ପଛପଟେ ଲୁଚାଇ ରଖିଥିବା ରକ୍ତଲଗା ଛଡ଼ ପୋଲିସ ଜବତ କରି ପରୀକ୍ଷା ପାଇଁ ପଠାଇଥିଲା। ମାମଲାର ବିଚାର ବେଳେ ୧୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥଲା। ରାୟ ପ୍ରକାଶ ବେଳେ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଭାବେ ଥିବା ପ୍ରଶାନ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ, ଘଟଣାସ୍ଥଳରୁ ଜବତ ସାମଗ୍ରୀ ଓ ଅନ୍ୟାନ୍ୟ ରିପୋର୍ଟ ଆଧାରରେ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରିଥିଲେ।

# ଉର୍ଜା ଏକାଡେମୀର ବାର୍ଷିକ ଉତ୍ସବ ଅଭିଳାଷା-୨୦୨୬

ବ୍ରହ୍ମପୁର,୧୨।୧(ଅଶୋକ କୁମାର ସାହୁ)

ଉର୍ଜା ଏକାଡେମୀର ବାର୍ଷିକ ଉତ୍ସବ ଅଭିଳାଷା-୨୦୨୬ ଗଞ୍ଜାମ କଳା ପରିଷଦଠାରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଅନୁଷ୍ଠାନର ନିର୍ଦ୍ଦେଶକ ଏନ. ସନ୍ତୋଷ କୁମାର ରେଡ୍ଡୀ ସମସ୍ତଙ୍କୁ ସ୍ୱାଗତ କରି କହିଲେ ଯେ, ଏହି ସମାରୋହ କେବଳ ଏକ ଉତ୍ସବ ନୁହେଁ, ବରଂ ଶୈକ୍ଷିକ ଉତ୍କର୍ଷତା ଏବଂ ନୂତନତା ପ୍ରତି ଆମର ସାମୂହିକ ପ୍ରତିବଦ୍ଧତା। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇ, ମୁଖ୍ୟ ବକ୍ତା ଦେବେନ୍ଦ୍ର ବେହେରା, ସମ୍ମାନନୀୟ ଅତିଥି କିଶୋର କୁମାର ବେହେରା (ଅବସରପ୍ରାପ୍ତ ଅଧ୍ୟକ୍ଷ, ଛତ୍ରପୁର ବିଜ୍ଞାନ କଲେଜ). ବିଶିଷ୍ଟ ଅତିଥି ଭାବେ ଡଃ ରଶ୍ମିତା ପଣ୍ଡା, ପି.ଭି. ଦେବୀ କଲେଜ ଅଧ୍ୟକ୍ଷ ବିଭୂଷଣ ସ୍ୱାମୀ, ଗୌତମ କଲେଜ ଅଧ୍ୟକ୍ଷ ପି. ନାରାୟଣ ରେଡ୍ଡୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୀମାଞ୍ଚଳ ପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ସଂଗ୍ରାମ ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଅବସରରେ ଏଟିଆର, ଜେଟି, ଏବଂ ଆରଏଚଟି ଭଳି ରାଜ୍ୟ ଶିକ୍ଷକ ନିଯୁକ୍ତିରେ ସଫଳତା ପାଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଷ୍ଠାନର ସାରଥୀ ରଞ୍ଜନ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସହନିର୍ଦ୍ଦେଶିକା ଗଙ୍ଗା ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

# ମାର୍ଚ୍ଚ ୨୮ରେ ଗଞ୍ଜାମ ଓକିଲ ସଂଘର ନିର୍ବାଚନ

ବ୍ରହ୍ମପୁର, ୧୨।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଓକିଲ ସଂଘର ଏକ ବୈଠକ ସୋମବାର ଅସ୍ଥାୟୀ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ମନୋଜ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଓକିଲ ସଂଘର ନିର୍ବାଚନ ଆସନ୍ତା ମାର୍ଚ୍ଚ ୨୮ରେ ହେବ ବୋଲି ଘୋଷଣା କରାଯାଇଛି । ଏଥିପାଇଁ ଆଇନଜୀବୀ ନୟନ ମହାପାତ୍ରଙ୍କୁ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇଛି । ସେହିପରି ୨୦୨୬ – ୨୦୨୭ ଆର୍ଥିକ ବର୍ଷର ଆୟବ୍ୟୟ ବଜେଟ ହିସାବ ପାଇଁ ଆଇନଜୀବୀ ସଞ୍ଜୟ କୁମାର ମିଶ୍ରଙ୍କୁ ମନୋନୀତ କରାଯାଇଛି। ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶ କ୍ରମେ ରାଜ୍ୟର ୧୭୦ ଓକିଲ ସଂଘର ଏକକାଳୀନ ନିର୍ବାଚନ ହେବ ବୋଲି ସଂଘ ସଭାପତି ମନୋଜ ପଟ୍ଟନାୟକ କହିଛନ୍ତି ।


# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ଯୁବ ଦିବସ

ବ୍ରହ୍ମପୁର,୧୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରାରୁ ପ୍ରେରଣା ନେଇ ଦୈନନ୍ଦିନ ଜୀବନରେ ସ୍ୱଦେଶୀକୁ ଅନୁସରଣ କରିବାକୁ କରିଥିଲେ। ଏଥି ସହ ବନ୍ଦେମାତରମର ୧୫୦ତମ ବାର୍ଷିକୀ ପାଳିତ ହୋଇଥିଲା। ପରେ ସାମୂହିକ ବନ୍ଦେ ମାତରମ ଗାନ କରାଯାଇଥିଲା। ସ୍ୱଦେଶୀ ସଂକଳ୍ପ ଅଭିଯାନ ପାଇଁ ଏକ ସାମୂହିକ ଶପଥ ହୋଇଥିଲା। କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠି ,ଶିକ୍ଷକ,ଅଣ ଶିକ୍ଷକ,ଛାତ୍ର,ଛାତ୍ରୀ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଇତିହାସ ବିଭାଗ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପିଜି ୟୁନିଟ ମିଳିତରେ ଯୁବ, ସଶକ୍ତିକରଣ ଏବଂ ଜାତୀୟତାବାଦ ଉପରେ ଏକ ଆଲୋଚନା ଚକ୍ର ହୋଇଥିଲା।

# ପ୍ରଥମଥର ବାହୁଦା ଅବବାହିକାରେ ଇଣ୍ଡିଆନ ସ୍କିମର ଠାବ

ବ୍ରହ୍ମପୁର,୧୨।୧(ସୁବାସ ଚନ୍ଦ୍ର ପାଢ଼ୀ)



ଗଞ୍ଜାମ ଜିଲା ସୁନାପୁର ବାହୁଦା ନଦୀ ଅବବାହିକାରେ ବିଦେଶୀ ପକ୍ଷୀଙ୍କ ମଧ୍ୟରେ ଇଣ୍ଡିଆନ ସ୍କିମର ଦେଖିବାକୁ ମିଳିଛି। ୩ ଘଣ୍ଟା ପର୍ଯ୍ୟବେକ୍ଷଣ ମଧ୍ୟରେ ପକ୍ଷୀଟି ସମ୍ପୂର୍ଣ୍ଣ ବିଶ୍ରାମ ଅବସ୍ଥାରେ ରହିଥିଲା। ଇଣ୍ଡିଆନ ସ୍କିମରମାନେ ସାଧାରଣତଃ ସକାଳ ଏବଂ ସନ୍ଧ୍ୟାରେ ସକ୍ରିୟ ଥାଆନ୍ତି, ଖାଦ୍ୟ ପାଇଁ ଜଳପୃଷ୍ଠକୁ ଅବତରଣ କରନ୍ତି। ଉକ୍ତ ପକ୍ଷୀର ଉପସ୍ଥିତି ଏହି ଅଞ୍ଚଳରେ ବିଭିନ୍ନ ପକ୍ଷୀ ପ୍ରଜାତିର ବିରଳତାକୁ ଉଲ୍ଲେଖ କରେ। ଏହାର ସ୍ଥିତି, ବାସସ୍ଥାନ ବ୍ୟବହାର,ସଂରକ୍ଷଣ ଆବଶ୍ୟକତା ଗୁରୁତ୍ୱ ସହ ଅଧିକ ବ୍ୟବସ୍ଥିତ ଅନୁସନ୍ଧାନ ଆବଶ୍ୟକ ରହିଛି। ୱାଇଲ୍ଡ ଲାଇଫ ଇଣ୍ଟରନ୍ୟାଶନାଲ ସର୍ଭେ ଅନୁସାରେ ସାରା ବିଶ୍ୱରେ ପ୍ରାୟ ୨୯୦୦ ବିଲୁପ୍ତ ଭାରତୀୟ ସ୍କିମର ରହିଛନ୍ତି । ପୂର୍ବରୁ ଚିଲିକାର ନଳବଣ, ମହାନଦୀ ଅବବାହିକା, ଭିତରକନିକାରେ ଏହି ପକ୍ଷୀ ଦେଖିବାକୁ ମିଳିଛି । ଏହି ପକ୍ଷୀ ସର୍ବେକ୍ଷଣରେ ବନ୍ୟ ପ୍ରାଣୀ ବିଶେଷଜ୍ଞ ତଥା ପୁରୀ ବନଖଣ୍ଡ ପ୍ରାକ୍ତନ ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଆକାଶ ରଞ୍ଜନ ରଥ, ପରିବେଶବିତ ସାଗର କୁମାର ପାତ୍ର, ସୌମ୍ୟ ରଞ୍ଜନ ବିଶ୍ୱାଳ, ବିଜେନ୍ଦ୍ର ମାଝୀ, ଗଣପତି ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବାହୁଦା ମୁହାଣରେ ବୃହତ ଜୈବ ବିବିଧତା ଥିବା ଦ୍ୱାରା ପ୍ରତି ବର୍ଷ ବିଭିନ୍ନ ବିଦେଶୀ ପକ୍ଷୀଙ୍କ ଆଗମନ ହେଉଛି ଏହାର ସୁରକ୍ଷା ପ୍ରତି ସ୍ଥାନୀୟ ବାସିନ୍ଦାଙ୍କ ସଚେତନତା ଓ ବନ ବିଭାଗ ଅଧିକ ଦୃଷ୍ଟି ଦେବା ଆବଶ୍ୟକ ରହିଛି ।

## ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ ଘଟଣା
# ୩ ମାସ ପରେ ହତ୍ୟା ମାମଲା ରୁଜୁ, ମ୍ୟାନେଜର ଗିରଫ

ବ୍ରହ୍ମପୁର,୧୨।୧(ସୁବାସ ଚନ୍ଦ୍ର ପାଢ଼ୀ):

ସଦର ଥାନା ଅନ୍ତର୍ଗତ ଲାଠୀ ମୁଖ୍ୟ ରାସ୍ତାରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ନିମଖଣ୍ଡି ଥାନା ଅନ୍ତର୍ଗତ ଖାରବେଳ ନଗର ୧ମ ଲାଇନର ଅଶୋକ କୁମାର ପାଣିଗ୍ରାହୀ (୩୦)ଙ୍କ ଗତ ଅକ୍ଟୋବର ୫ ତାରିଖରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ନଂ.୨୯/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତକଙ୍କ ସ୍ତ୍ରୀ ସ୍ମୃତିରେଖା ପାଣିଗ୍ରାହୀଙ୍କ ଅଭିଯୋଗ ଓ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ପୋଲିସ ୩ ମାସ ପରେ ନଂ.୧୬/୨୬ ରେ ହତ୍ୟା ମାମଲା ରୁଜୁ କରିଛି। ଏଥିସହ ଉକ୍ତ ନିଶା ନିବାରଣ କେନ୍ଦ୍ରର ମ୍ୟାନେଜର କାହ୍ନୁ ଚରଣ ବାଡ଼ତ୍ୟା(୨୬)ଙ୍କୁ ଗିରଫ କରିଛି। ପୋଲିସ ଏବେ ଘଟଣାର ତଦନ୍ତ ଜାରି ରଖିଛି । ସୂଚନାଯୋଗ୍ୟ, ଅଶୋକଙ୍କ ନିଶାପାନ ଅଭ୍ୟାସ ଦୂର କରିବା ପାଇଁ ତାଙ୍କୁ ଲାଠୀ ରାସ୍ତାରେ ଥିବା ନିଶା ନିବାରଣ କେନ୍ଦ୍ରକୁ ଗତ ଜୁଲାଇ ମାସରେ ରଖାଯାଇଥିଲା। ଉକ୍ତ କେନ୍ଦ୍ରର ମୁଖିଆଙ୍କ କହିବା ପ୍ରକାରେ ଅଶୋକଙ୍କ ପରିବାର ଲୋକେ ମାସକୁ ମାସ ଟଙ୍କା ଦେଉଥିଲେ। ଅକ୍ଟୋବର ୫ ସକାଳେ ଅଶୋକ ଛାତରୁ ଡେଇଁ ପଡିଥିବା ଉକ୍ତ କେନ୍ଦ୍ରରୁ ଫୋନ ଆସିଥିଲା। ଏମକେସିଜି ମେଡିକାଲରେ ପହଞ୍ଚି ଦେଖିବା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା । ଏଥିରେ ପରିବାର ଲୋକ ସନ୍ଦେହ କରି ସଦର ଥାନାରେ ଅଭିଯୋଗ କରିଥିଲେ।


# Classified Everyday


0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452. D-232



FOR RENT

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777



Healthcare

Wellness relax body massage & jointpain treatment by traind therapist. 7008773793. D-3034

All types of physiotherapy and massage. Contact: 9556924059/ 7656969134. D-3075

AFFIDAVIT

By virtue of an affidavit sworn before Executive Magistrate, Nayagarh, dated- 10.11.2025, I, TULU SAHOO, S/o.- SATRUGHANA SAHOO, At/P.O.- Saradhapur, P.S.- Itamati, Dist.- Nayagarh, PIN- 752068 declare that I have changed my name from SULU SAHOO to TULU SAHOO. Henceforth, I shall be known as TULU SAHOO for all purposes.
TULU SAHOO
D-3089

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before the Executive Magistrate, Bhubaneswar, dated- 12.01.2026, I, Farzana Rahman, At- 15A, Bapuji Nagar, P.O.- Ashok Nagar, P.S.- Capital, Bhubaneswar- 751009, Dist.- Khurda, Odisha declare that I have changed my name from Farzana Tabassum to Farzana Rahman. Henceforth, I shall be known as Farzana Rahman for all purpose.
Farzana Rahman
D-234

By virtue of an affidavit sworn before Notary Public, Bhubaneswar, Khordha, dated- 12.01.26, I, Snehamayee Swain, Address: At- Margarajpur, P.O.- Sankhameri, P.S.- Badamba, Dist.- Cuttack, Odisha, PIN- 754031 declare that I have changed my name from Snehamayee Baral to Snehamayee Swain. Henceforth, I shall be known as Snehamayee Swain for all purposes.
(Snehamayee Swain)
D- 3090

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit No. 131 sworn before Executive Magistrate, Dhenkanal, dated- 06.01.2026, I, Kalpana Panda, At- Balyamba, P.O.- Sarakpatana, Dist.- Dhenkanal, Odisha, PIN- 759015 declare that I have changed my name from "Kalpana Deep" to "Kalpana Panda". Henceforth, I shall be known as "Kalpana Panda" for all purposes.
Kalpana Panda
D- 3091

By virtue of an Affidavit sworn before Notary Public, Bhubaneswar, dtd.- 09.01.2026, I, "DEBARATI SINHA" (New name), Address: At- Plot No. 231/B, Samarpana Lane- 2, Aerodrum Area near Nabin Niwas, P.S.- Aerodrum, Bhubaneswar- 751020, Dist.- Khordha, Odisha declare that I have changed my name from "DEBARATI BANERJEE" (Old name) to "DEBARATI SINHA (New name). Henceforth, I shall be known as "DEBARATI SINHA" (New name) for all purposes.
Debarati Sinha
(New name)
D- 3092

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ମନେ ପଡ଼ନ୍ତି

### ସ୍ମୃତି ତର୍ପଣ



ସ୍ୱ ଦୈତ୍ୟାରୀ ବେହେରା
ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଳ୍ପନା ଏରିଆ, ଭୁବନେଶ୍ୱର
ଆଜି ଆପଣଙ୍କ ପବିତ୍ର ୩୧ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
D-3093

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱରବୀନ୍ଦ୍ର କୁମାର ମହାନ୍ତି
ଆବିର୍ଭାବ- ୦୨।୦୪।୧୯୫୯
ତିରୋଧାନ- ୨୪।୦୧।୨୦୨୫
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
D- 3086

### ଏକାଦଶାହ ଉପଲକ୍ଷେ



ସ୍ୱ ସ୍ୱର୍ଣ୍ଣପ୍ରଭା ମହାନ୍ତି
ସର୍ଣ୍ଣବଂଶୀ ଭବନ, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୯.୦୬.୧୯୫୩
ତିରୋଧାନ : ୦୩.୦୧.୨୦୨୬
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ
ହତଭାଗ୍ୟ ସ୍ୱାମୀ-ବଂଶୀଧର, ପୁତ୍ର-ସୁଜିତ, ବିଶ୍ୱଜିତ, ରଣଜିତ, ପୁତ୍ରବଧୂ-ଇପିତା, ସୁଲକ୍ଷଣା, ଶୁଚିସ୍ମିତା, ଝିଅ-ସ୍ନେହାଞ୍ଜଳି, ଜ୍ୱାଇଁ-ସୁବ୍ରତ, ନାତି-ଓମ୍, ସୁଲିନ, ଅଙ୍କିତ, ନାତୁଣୀ-ସାଇନା ଓ ସୁହାନା
D-3087

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ତଅପୋଇ ସାହୁ
ସ୍ଥାନ: ବାଲକାଟି (ଦିପୋଟି ସାହି)
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: କ୍ଷେତ୍ରବାସୀ ସାହୁ,
ପୁତ୍ର: ବସନ୍ତ କୁମାର ସାହୁ (ବାବୁଲି), ଶରତ କୁମାର ସାହୁ,
ଦୁଃଖିତ ବନ୍ଧୁ ଓ ପରିବାରବର୍ଗ।
D- 3087

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ରୋଜାଲିନ୍ ସାହୁ
ସ୍ଥାନ: ବାଲକାଟି (ଦିପୋଟି ସାହି)
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ଶରତ କୁମାର ସାହୁ,
ପୁତ୍ର: କାର୍ତ୍ତିକ ସାହୁ, ରାକେଶ ସାହୁ,
ଝିଅ: ପ୍ରୀତିକା ସାହୁ, ପ୍ରିୟାଂଶୀ ସାହୁ
ଏବଂ ଦୁଃଖିତ ବନ୍ଧୁ ଓ ପରିବାରବର୍ଗ।
D- 3088

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଅଫିସ୍ ଷ୍ଟ୍ରେସ୍



"ଅଫିସ୍ କାମକୁ ନେଇ ଅନେକେ ଟେନ୍‌ସନରେ ରହନ୍ତି। ହେଲେ ଏହାଦ୍ୱାରା ସେମାନେ ନିଜ କାମକୁ ଠିକ୍ ଭାବରେ ତୁଲାଇପାରନ୍ତି ନାହିଁ । ତେଣୁ କାମ ବୋଝ ବଢ଼ିଯାଇଥାଏ। ତେବେ ନିଜକୁ ଅଫିସ ଷ୍ଟ୍ରେସ୍‌ଠାରୁ କିପରି ଦୂରେଇ ରଖିବେ ଏବଂ ସେଠାରେ ନିଜ କାମକୁ କିପରି ଠିକ୍ ଭାବରେ ତୁଲାଇବେ ଜାଣନ୍ତୁ ଏ ସମ୍ପର୍କରେ..."

ଆଜିକାଲି ଅନେକ ମହିଳା ସ୍ୱାବଲମ୍ବୀ ହେଲେଣି। ଘରେ ବସି କୌଣସି କର୍ମସଂସ୍ଥାନଟିଏ ଖୋଲି ଅବା ବାହାରେ ଚାକିରିଟିଏ କରି ସେମାନେ ରୋଜଗାର କରୁଛନ୍ତି। ବିଶେଷଭାବରେ ଜଣେ ଗୃହିଣୀ ଯେତେବେଳେ ଚାକିରି କରନ୍ତି ସେତେବେଳେ ତାଙ୍କୁ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଏଣେ ଘର କାମ, ତା'ସହ ସେପଟେ ଅଫିସ୍‌ର କାମ-ଏ ଦୁଇଟିକୁ ବେଶ୍ ସମାନ୍ତରାଳ ଭାବରେ ଆଗକୁ ଆଗେଇ ନେବାକୁ ପଡ଼ିଥାଏ। ଅଫିସ୍‌ରେ କାମର ଚାପକୁ ନେଇ କେତେଜଣ କର୍ମଜୀବୀ ଟେନ୍‌ସନରେ ଥାଆନ୍ତି। ହେଲେ ଏଥିପାଇଁ ଯଦି ସୁଚିନ୍ତିତ ଯୋଜନା ମୁତାବକ ଆଗକୁ ଆଗାନ୍ତି ତେବେ ଏପରି ଚାପ ବା ଷ୍ଟ୍ରେସ୍‌ଠାରୁ ସେମାନେ ଅନେକାଂଶରେ ନିଜକୁ ଦୂରେଇ ରଖିପାରିବେ। ଏପରି କିଛି ସରଳ ଉପାୟ ରହିଛି ଯାହାକୁ କର୍ମଜୀବୀମାନେ ଆପଣେଇ ପାରିଲେ ନିଜର ଅଫିସ ଷ୍ଟ୍ରେସ୍ ସମସ୍ୟାକୁ ସହଜରେ ସମାଧାନ କରିପାରିବେ। ସେଭଳି କେତୋଟି ଟିପ୍ସ ନିମ୍ନରେ ଦିଆଯାଉଛି।


**ଦୈନନ୍ଦିନ ରୁଟିନ୍ ପ୍ରସ୍ତୁତ କରନ୍ତୁ**
ଦିନ ଆରମ୍ଭରୁ ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ। ନିୟମିତ ସମୟରେ ଉଠିବା, ଖାଇବା, ଶୋଇବା ଶରୀରକୁ ମନକୁ ସ୍ଥିରତା ଦେଇଥାଏ।

**ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ**
ଡିହାଇଡ୍ରେସନ୍ ଶରୀରରେ ଥକ୍କାପଣ, ଚିଡ଼ାଚିଡ଼ା ଭାବ ଏବଂ ଧ୍ୟାନର କମ୍ ଦେଖିବାକୁ ମିଳିଥାଏ। ଅଫିସ୍‌ରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପାଣି ପିଅନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ଜରୁରୀ। ଏହାଦ୍ୱାରା କିଛି ପରିମାଣରେ ଷ୍ଟ୍ରେସ୍ କମ୍ ହୋଇଥାଏ।

**ଭଲ ସ୍ଲିପ୍ ରୁଟିନ୍ ପ୍ରସ୍ତୁତ କରନ୍ତୁ**
୭/୮ ଘଣ୍ଟାର ନିଦ୍ରା ମେଣ୍ଟାଲ ହେଲ୍‌ଥ ପାଇଁ ଜରୁରୀ। ଶୋଇବା ପୂର୍ବରୁ ସ୍କ୍ରିନ୍ ଟାଇମ୍ କମ୍ କରନ୍ତୁ। ନିଶାଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖନ୍ତୁ ଏବଂ ଶାନ୍ତ ବାତାବରଣରେ ଶୁଅନ୍ତୁ।

**ହେଲ୍‌ଦୀ ମେକାନିଜମ୍ ଆପଣାନ୍ତୁ**





ଷ୍ଟ୍ରେସ୍‌ରେ ରାଗିବା ଏବଂ ସୋସିଆଲ ମିଡିଆ ସ୍କ୍ରଲ୍ କରିବା ପରିବର୍ତ୍ତେ ମଝିରେ ଛୋଟ ବ୍ରେକ୍ ନିଅନ୍ତୁ, ଏହି ସମୟରେ ଚାଲନ୍ତୁ କିମ୍ବା କୌଣସି ସହକର୍ମୀଙ୍କ ସହ କଥା ହୋଇପାରିବେ।

**ଡିପ୍ ବ୍ରିଦିଂ ମାଇଣ୍ଡଫୁଲ୍‌ନେସ୍ ଆକ୍ଟିଭିଟି କରନ୍ତୁ**
୫ରୁ ୧୦ମିନିଟ୍ ଜୋର୍ ଜୋର୍‌ରେ ନିଃଶ୍ୱାସ ନେବାର ଟେକ୍‌ନିକ୍ ଦ୍ୱାରା କିମ୍ବା ମାଇଣ୍ଡଫୁଲ୍ ନେସ୍ ଏକ୍ସରସାଇଜ୍ କରିବା ଦ୍ୱାରା ଏହା ଚିନ୍ତା ଦୂରକରିବାରେ ସାହାଯ୍ୟ କରିବ। ଅଫିସ୍ ମଝିରେ ୨ମିନିଟ୍ ବ୍ରିଦିଂ ବ୍ରେକ୍ ନେବା ନିହାତି ଜରୁରୀ।

**ସମାଜ ସହ ଜଡ଼ିତ ରୁହନ୍ତୁ**
ଲଞ୍ଚ ବ୍ରେକ୍ ସମୟରେ ହାଲ୍‌କା ଫୁଲ୍‌କା ପରସ୍ପର ମଧ୍ୟରେ କଥାବାର୍ତ୍ତା ହେବା ଦ୍ୱାରା ମାନସିକ ବୋଝ କମ୍ ହୋଇଥାଏ । ସାମାଜିକ ଭାବେ ଜଡ଼ିତ ରହିବା ଯୋଗୁ ଏହା କିଛି ପରିମାଣରେ ଅବସାଦ ଦୂର କରିବାରେ ସାହାଯ୍ୟ କରେ।

**ଫେବ୍‌ରେଟ୍ ଆକ୍ଟିଭିଟି କରନ୍ତୁ**
ୱିକେଣ୍ଡରେ କାମ ପରେ ନିଜ ପସନ୍ଦର ଆକ୍ଟିଭିଟି ଯେପରି ସ୍ପୋର୍ଟ୍ସ, ମ୍ୟୁଜିକ୍ ଏବଂ ପରିବାର ସହ ସମୟ ବିତାଇବା , ଏହା ମନକୁ ରିଫ୍ରେଶ କରିଥାଏ।

**କାମ ମଧ୍ୟରେ ଛୋଟ ବ୍ରେକ୍ ନିଅନ୍ତୁ**
ଲଗାତର କେତେ ସମୟ ପର୍ଯ୍ୟନ୍ତ କାମ କରିବା ଦ୍ୱାରା ମସ୍ତିଷ୍କ ଥକିଯାଏ। ପ୍ରଡକ୍ଟିଭିଟି କମ୍ ହେବାକୁ ଲାଗିଥାଏ। ପ୍ରତି ଘଣ୍ଟାରେ ଥରେ ୨/୩ ମିନିଟ୍ ବ୍ରେକ୍ ନିଅନ୍ତୁ। ନିଃଶ୍ୱାସ ନିଅନ୍ତୁ, ଷ୍ଟ୍ରେଚ୍ କରନ୍ତୁ । ଏହି ଛୋଟ ବ୍ରେକ୍ ମାନସିକ ସ୍ଫୂର୍ତ୍ତିକୁ ରିସେଟ୍ କରିଥାଏ, ଚିନ୍ତାମୁକ୍ତ କରିଥାଏ।

**ଏକ୍ସପର୍ଟଙ୍କ ସହ କନ୍‌ସଲ୍ଟ କରନ୍ତୁ**
ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ଏକ ସ୍କିଲ୍। ଯାହାକୁ ନିରନ୍ତର ଅଭ୍ୟାସ ଦ୍ୱାରା ମଜଭୁତ କରାଯାଇପାରିବ। ଯଦି ଅଫିସ୍ ଷ୍ଟ୍ରେସ୍ ଲଗାତର ବଢ଼ୁଛି ତେବେ ଏହା ଆପଣଙ୍କ ପର୍ସନାଲ୍ ଲାଇଫ୍‌କୁ ପ୍ରଭାବିତ କରିବା ସମ୍ଭାବନା ରହିଛି। ତେବେ ଏଥିପାଇଁ ମେଣ୍ଟାଲ ହେଲ୍‌ଥ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ। କାମ ସହ ନିଜ ମନର ମଧ୍ୟ ଧ୍ୟାନ ରଖିବା ଆବଶ୍ୟକ। ଜୀବନକୁ ସଫଳତା କରିବାରେ ଏହା ହେଉଛି ଏକ ମନ୍ତ୍ର।

### ଏମାନେ କ'ଣ କରନ୍ତି

**ଅଫିସ୍ ଷ୍ଟ୍ରେସ୍‌ଠାରୁ ଦୂରେଇ ରହିବାକୁ ଚେଷ୍ଟାକରେ**



ଯେହେତୁ ଚାକିରି କରିଛି ତେଣୁ ମୋତେ ଘର କାମ ସହ ଚାକିରି ପ୍ରତି ଦୃଷ୍ଟିଦେବାକୁ ହୋଇଥାଏ। ଅଫିସରେ ତ କାମର ଚାପ ନିଶ୍ଚୟ ରହିବ। ହେଲେ ତାକୁ ନେଇ କେବେ ବିଚଳିତ ହୁଏନା। କେଉଁ ଦିନ ଅଫିସ୍‌ରେ କିପରି କାମ କରିବି ସେ ନେଇ ସେଦିନ ସକାଳୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ। ଯେତେ ସମ୍ଭବ ଅଫିସ୍ ଷ୍ଟ୍ରେସ୍‌ଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟାକରେ। ଏଥିପାଇଁ ମୁଁ ଡେଲି ରୁଟିନ୍ ପ୍ରସ୍ତୁତକରି ତାହାକୁ ଠିକ୍ ଭାବରେ ଅନୁସରଣ କରେ।

*-ଟିଙ୍ଗା ନାୟକ, କର୍ମଜୀବୀ, ଗଜାନନ୍ ଟାୱାର, ବୁଦ୍ଧ ନଗର, ଭୁବନେଶ୍ୱର*


**ଅଫିସ କାମକୁ ନେଇ ଟେନ୍‌ସନ ହୋଇ ନ ଥାଏ**



ମୁଁ ଜଣେ କର୍ମଜୀବୀ ମହିଳା। ଘର ଆଉ ଅଫିସ୍ ଦୁଇଟି ବାଲାନ୍ସ କରି ଚଳିବାକୁ ପଡ଼େ। ଘରେ ମୋ ସ୍ୱାମୀ ଓ ଶାଶୁ ରୁହନ୍ତି। ଝିଅ ବାହାରେ ରହି ଚାକିରି କରୁଛି। ଘରକାମ ସାରି ଅଫିସ୍ ପୁଣି ଯିବାକୁ ହୋଇଥାଏ। ଅଫିସ୍ କାମ ଭିତରେ ଏତେ ଦାୟିତ୍ୱ ରହିଯାଏ ଯେ ଆଉ ଘର କଥା ଜମା ମନେପଡ଼େନି। ପୁଣି ଘରକୁ ଆସିଲା ପରେ ଅଫିସ୍ କଥାକୁ ଭୁଲି ଘର କାମରେ ଲାଗିପଡ଼େ। ଏଇ ଅଫିସ୍ କାମ ଓ ଘରକାମ ଭିତରେ ନିଜ ପାଇଁ ଟିକେ ସମୟ ଦେଇ ହୁଏନି। ସେ ଯାହା ହେଉ ଘର ଆଉ ଅଫିସ୍ ଦୁଇଟିକୁ ମ୍ୟାନେଜ୍ କରି ଜୀବନଟା ସୁରୁଖୁରୁରେ ଚାଲିଛି। ଅଫିସରେ କାମ କରିବା ବେଳେ ନିଜକୁ ଟେନ୍‌ସନଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟାକରେ। ନିଜର ପ୍ରସ୍ତୁତ ଯୋଜନା ମୁତାବକ ସବୁବେଳେ ଚାଲିଥାଏ, ଫଳରେ ମୋତେ ଅଫିସ୍ ଷ୍ଟ୍ରେସ୍ ସେତେଟା ଅନୁଭବ ହୋଇ ନ ଥାଏ।

*-ସ୍ୱପ୍ନା ମଞ୍ଜରୀ ଦାଶ*
*କର୍ମଜୀବୀ, ଡିଡିସି ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*





# କିପରି ସଫା କରିବେ ଫ୍ୟାନ୍ସି ସ୍ୱେଟର

ଶୀତଦିନରେ ଶୀତରୁ ରକ୍ଷା ପାଇବା ଲାଗି ପ୍ରାୟ ତ ଦାମୀ ସ୍ୱେଟର କିଣି ଆଣିଥାଉ। ହେଲେ ଏହାକୁ ଧୋଇବା ସମୟରେ କେତେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଆସନ୍ତୁ , ଜାଣିବା ଏ ବିଷୟରେ....



ଶୀତଦିନରେ ଫ୍ୟାନ୍ସି ସ୍ୱେଟର ପିନ୍ଧିବାକୁ ଯେତେଭଲ ଲାଗେ , ତାକୁ ସଫା କରିବା ସେତିକି କଷ୍ଟକର ହୋଇଥାଏ। ଅଳ୍ପ ଟିକେ ଲାପରବାହି କାରଣରୁ ସ୍ୱେଟରରେ ରୁଇ,ଲିଣ୍ଟ ପିଲିଙ୍ଗ ଆସିଥାଏ। ଫଳରେ ନୂଆ ସ୍ୱେଟର ପୁରୁଣା ଦେଖାଯାଇଥାଏ। ନିମ୍ନଲିଖିତ ଟିପ୍ସକୁ ଅନୁସରଣ କରି ଶୀତଦିନେ ଫ୍ୟାନ୍ସି ସ୍ୱେଟରରେ ଚମକ ଆଣିପାରିବେ...

➤ସ୍ୱେଟରକୁ ବାରମ୍ବାର ଧୋଇବା ଠିକ୍ ନୁହେଁ। ଯଦି ସ୍ୱେଟର ଅଧିକ ଅପରିଷ୍କାର ହୋଇନାହିଁ ତାକୁ ସଫା କରନ୍ତୁ ନାହିଁ। ପ୍ରତିଥର ପିନ୍ଧିବା ପରେ ତାକୁ ପବନରେ ଶୁଖାଇ ରଖିଲେ ଭଲ। ଯେତେବେଳେ ବି ସ୍ୱେଟର ସଫା କରୁଛନ୍ତି ସବୁବେଳେ ଥଣ୍ଡା ପାଣିରେ ଅଳ୍ପ ଲିକ୍ୟୁଇଡ୍ ଡିଟରଜେଣ୍ଟ ବ୍ୟବହାର କରନ୍ତୁ।

➤ଧୋଇବା ସମୟରେ ସ୍ୱେଟରକୁ ଭିତର ପଟରୁ ଓଲଟାଇ ଦିଅନ୍ତୁ। ଯଦି ମେଶିନରେ ସଫା କରୁଛନ୍ତି ତେବେ ଜେଣ୍ଟଲ କିମ୍ବା ଉଲ୍ ମୋଡ୍ ଚୟନ କରନ୍ତୁ। ଯଦି ହାତରେ ଧୋଉଛନ୍ତି ତେବେ ଏହାକୁ ମୋଡ଼ିମାଡ଼ି ଏଥିରୁ ପାଣି ବାହାର କରି ଶୁଖାନ୍ତୁ ନାହିଁ। ଏଥିରୁ ପାଣି ବାହାରୁଥିଲେ ତାକୁ ଏହିପରି ଛାଡ଼ି ଦିଅନ୍ତୁ। କିଛି ସମୟ ପରେ ଏଥିରୁ ପାଣି ସମ୍ପୂର୍ଣ୍ଣ ନିଗିଡ଼ିଗଲା ପରେ ତାକୁ ସିଧା କରି କିଛି ସମୟ ଶୁଖାନ୍ତୁ।

➤ସ୍ୱେଟରକୁ କେବେ ବି ଟାଙ୍ଗି କି ଶୁଖାନ୍ତୁ ନାହିଁ। ଏହାଦ୍ୱାରା ସ୍ୱେଟର ଅଧିକ ଝୁଲିଯିବ। ଫଳରେ ଏହା ଜଲ୍‌ଦି ଖରାପ ହେବା ସମ୍ଭାବନା ଅଛି। ସବୁବେଳେ ମୋଡ଼ିକୁ ଟାୱେଲ ଉପରେ ଖେଳାଇ ଶୁଖାନ୍ତୁ। ଖରାରେ ଶୁଖାଇବା ବଦଳରେ ଏହାକୁ ଛାଇରେ ଶୁଖାନ୍ତୁ।

➤ଯଦି ସ୍ୱେଟରରେ ଲିଣ୍ଟ ବାହାରିଛି ତେବେ ଏହାକୁ ଲିଣ୍ଟ ରୋଲର କିମ୍ବା ଫ୍ୟାବ୍ରିକ୍ ଶେଭରର ବ୍ୟବହାର କରାଯାଇପାରେ। ଯଦି ଏହା ସମ୍ଭବ ହେଉନାହିଁ , ତେବେ ହାଲ୍‌କା ହାତରେ ରେଜର କିମ୍ବା ଅଠା ଟେପ୍ ସାହାଯ୍ୟରେ ରୁଇକୁ ମଧ୍ୟ ଦୂରେଇପାରିବେ। ଧ୍ୟାନରଖନ୍ତୁ, ସବୁବେଳେ ବାରମ୍ବାର ଗୋଟିଏ ଜାଗାକୁ ରଗଡ଼ନ୍ତୁ ନାହିଁ।

ଫ୍ୟାଶାନ

# ୱିଣ୍ଟରର ଗ୍ଲାମର ଲୁକ୍

ଗ୍ଲାମର ଦେଖାଯିବେ ବୋଲି କେବଳ କହିଦେଲେ ହେବ ନାହିଁ, ସେଥିପାଇଁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ତେବେ ଶୀତଦିନେ ଫ୍ୟାଶନେବୁଲ ଦେଖାଯିବା ପାଇଁ ଚାହୁଁଥିଲେ ନିମ୍ନୋକ୍ତ ଟିପ୍ସ ଆପଣେଇ ପାରନ୍ତି...



➤ଶୀତଦିନରେ ଆରାମ ଏବଂ ଷ୍ଟାଇଲ୍ ଦୁଇଟା ଦରକାର, ତେବେ ଲଙ୍ଗ୍ ଟପ୍ ବେଷ୍ଟ ଅପ୍‌ସନ୍। ଏହି ଟପ୍ ଆପଣଙ୍କୁ ସ୍ମାର୍ଟ ଏବଂ ଏଲିଗାଣ୍ଟ ଲୁକ୍ ଦେଇଥାଏ। ଆପଣ ଏହାକୁ ଜିନ୍ସ ସହ ପିନ୍ଧିପାରିବେ। ଯଦି ଆପଣ ଏହାକୁ ଆହୁରି ଷ୍ଟାଇଲିଶ କରିବାକୁ ଚାହୁଁଥାନ୍ତି ତେବେ ବେକରେ ନିହାତି ନେକ୍‌ଲେସ୍ ପିନ୍ଧିପାରିବେ।

➤ଯଦି ଆପଣ କୌଣସି ପାର୍ଟି କିମ୍ବା ଡିନରରେ ଯାଉଛନ୍ତି ତେବେ ଭେଲଭେଟ୍ ଟପ୍ ଏକ ଭଲ ଅପ୍‌ସନ। ଏହାକୁ ଆପଣ ଲଙ୍ଗ୍ ସ୍କର୍ଟ କିମ୍ବା ପ୍ୟାଣ୍ଟ ସହିତ ପିନ୍ଧିପାରିବେ। ଏହାଦ୍ୱାରା ଆପଣଙ୍କ ଲୁକ୍ ଷ୍ଟାଇଲିଶ୍ ଏବଂ ଆଟ୍ରାକ୍ଟିଭ୍ ହୋଇଯିବ।

➤ଭି ନେକ୍ ଟପ୍ ଏକ ଏପରି ଟପ୍ ଯାହା ପ୍ରତ୍ୟେକ ଝିଅ ଲାଗି ବହୁତ ଜରୁରୀ। ଏହାକୁ ଆପଣ ପ୍ୟାଣ୍ଟ କିମ୍ବା ଜିନ୍ସ ସହ ପିନ୍ଧିପାରିବେ। ଏହି ଟପ୍ କଲେଜ ସାଙ୍ଗମାନଙ୍କ ସହିତ ଶପିଂ କିମ୍ବା କାଜୁଆଲ ଆଉଟିଂ ପାଇଁ ପରଫେକ୍ଟ। ଏହା ସହ ଏକ ପତଳା ଚେନ୍ ଏବଂ ଇୟର ରିଙ୍ଗ୍ସ ପିନ୍ଧନ୍ତୁ। ଏହାଦ୍ୱାରା ଆପଣ ଆହୁରି ସ୍ମାର୍ଟ ଦେଖାଯିବେ।

ଖାଦ୍ୟରୁଚି

# କ୍ୟାବେଜ୍ କ୍ୟାପ୍‌ସିକମ୍ ସୁପ୍

**ଆବଶ୍ୟକ ସାମଗ୍ରୀ**
ଛୋଟ ଛୋଟ ଆକାରରେ କଟାହୋଇଥିବା ବନ୍ଧାକୋବି ୧ କପ୍, କ୍ୟାପ୍‌ସିକମ୍ ୧ କପ୍,କଟାହୋଇଥିବା କଞ୍ଚାଲଙ୍କା ୨ଟି,ଧନିଆପତ୍ର ୧ ଚାମଚ,କର୍ନଫ୍ଲୋର ୧ ଚାମଚ, କ୍ଷୀର ୧ କପ୍ ,ସ୍ୱାଦ ଅନୁସାରେ ଲୁଣ, ସ୍ୱାଦ ଅନୁସାରେ ଗୋଲମରିଚ ଗୁଣ୍ଡ , ବଟର ୧ ବଡ଼ ଚାମଚ ଏବଂ ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ ବଡ଼ ପ୍ୟାନ୍‌ରେ ବଟର ପକାଇ ଗରମ କରନ୍ତୁ। ଏବେ ବନ୍ଧାକୋବି,କ୍ୟାପ୍‌ସିକମ୍ ଏବଂ କଞ୍ଚାଲଙ୍କା ପକାଇ ସିମ୍‌ରେ ଭାଜନ୍ତୁ। ଯେତେବେଳେ ପନିପରିବା ନରମ ହୋଇଯିବ ସେତେବେଳେ କ୍ଷୀର ଏବଂ ଆବଶ୍ୟକତା ଅନୁଯାୟୀ ପାଣି ମିଶାନ୍ତୁ। କର୍ନଫ୍ଲୋର ଅଳ୍ପ ପରିମାଣରେ ପକାଇ ଏହ ମିଶ୍ରଣରେ ପକାନ୍ତୁ। ଏବେ ଏଥିରେ ଲୁଣ ପକାନ୍ତୁ। ଯେତେବେଳେ ମିଶ୍ରଣ ବହଳିଆ ହୋଇଯିବ ସେତେବେଳ ଗ୍ୟାସ୍ ଚୁଲାରୁ ଓହ୍ଲାଇ ସେଥିରେ ଗୋଲମରିଚ ଗୁଣ୍ଡ ଏବଂ ଧନିଆପତ୍ର ପକାନ୍ତୁ। ଏବେ ଗରମା ଗରମ ସୁପ୍ ପରଷନ୍ତୁ।



ସୌନ୍ଦର୍ଯ୍ୟ

# ଡାର୍କ ସର୍କଲର ଘରୋଇ ଉପଚାର

ଡାର୍କ ସର୍କଲ ଦୂରକରିବା ଲାଗି କେତୋଟି ଘରୋଇ ଟିପ୍ସ ଫଲୋ କରିପାରନ୍ତି । ଜାଣନ୍ତୁ ସେ ସମ୍ପର୍କରେ...





➔ନଡ଼ିଆ ତେଲ ଏବଂ ଆଲୋଭେରା ଜେଲ୍‌ର ଘରୋଇ ଉପାୟ ଦ୍ୱାରା ଡାର୍କ ସର୍କଲ କମ୍ କରିବାରେ ବହୁତ ପ୍ରଭାବୀ ହୋଇଥାଏ। ନଡ଼ିଆ ତେଲରେ ଥିବା ଭିଟାମିନ୍ ଇ ଏବଂ ଫ୍ୟାଟି ଏସିଡ୍ ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ। ଯେତେବେଳେ କି ଏଥିରେ ଆଣ୍ଟି ଏଫ୍ଲିମେଟରି ଗୁଣ ରହିଛି ଯାହା ଆଖି ତଳେ ଥିବା ଯନ୍ତ୍ରଣାକୁ କମ୍ କରିଥାଏ।

➔ନଡ଼ିଆତେଲ ଆଲୋଭେରା ଜେଲ୍ ପ୍ରସ୍ତୁତ କରନ୍ତୁ ଏଥିପାଇଁ ୧ ଚାମଚ ନଡ଼ିଆ ତେଲ,ଏକ ଚାମଚ ଭେସଲିନ୍,୧/୨ଚାମଚ ହଳଦୀ ପାଉଡର ଏବଂ ୧ ଚାମଚ ଆଲୋଭେରା ଜେଲ୍ ନିଅନ୍ତୁ। ଏହାକୁ ପ୍ରସ୍ତୁତକରି ମୁହଁରେ ଲଗାଇଲେ ଡାର୍କ ସର୍କଲ ଅନେକାଂଶରେ ଦୂରହେବ।

➔ରାତିରେ ଶୋଇବା ପୂର୍ବରୁ ନଡ଼ିଆତେଲ-ଆଲୋଭେରା ଜେଲ୍ ଆଖି ତଳେ ନିହାତି ଲଗାନ୍ତୁ। ସକାଳ ହେଲେ ଥଣ୍ଡାପାଣିରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ। ଫରକ୍ ଆପଣ ୨ଦିନରେ ନିଶ୍ଚିତ ଦେଖିପାରିବେ।

ଏହାଦ୍ୱାରା ଆପଣଙ୍କୁ ଭଲ ନିଦ,ଚିନ୍ତା କମ୍ କରନ୍ତୁ,ଏଲର୍ଜି ଠାରୁ ଦୂରେଇ ରୁହନ୍ତୁ,ପୋଷଣରେ ଭରପୂର ଖାଦ୍ୟ ଖାଆନ୍ତୁ। ଆଖିକୁ ମସାଜ୍ କରନ୍ତୁ। ଏହି ଘରୋଇ ଉପଚାର କରିବା ଦ୍ୱାରା ଡାର୍କ ସର୍କଲକୁ ଆଲ୍‌ବିଦା କୁହନ୍ତୁ। ଏହାଦ୍ୱାରା ଆପଣଙ୍କ ମୁହଁ ସୁନ୍ଦର ଆକର୍ଷଣୀୟ ଦେଖାଯିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୩/୨୦୨୬ Bhubaneswar, Tuesday, January 13/ 2026

# ଖାତା ଖୋଲିଲା ଏସ୍‌ଜି ପାଇପର୍ସ

## ଏଚ୍‌ଆଇଏଲ

**ରାଞ୍ଚି,୧୨।୧(ପି.ଟି.)**

ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ସୋମବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଏସ୍‌ଜି ପାଇପର୍ସ ୨-୧ ଗୋଲରେ ହାଇଦ୍ରାବାଦ ତୁଫାନ୍ସକୁ ପରାସ୍ତ କରିଛି। ଏହି ବିଜୟ ସହ ପାଇପର୍ସ ଦଳ ପଏଣ୍ଟ ଖାତା ଖୋଲିଛି। ବିଜୟୀ ଦଳ ପାଇଁ ଟୋମାସ ଡୋମେନେ ଡବଲ ଗୋଲ କରିଥିବା ବେଳେ ଗୋଲକିପର ଟୋମାସ ସାଣ୍ଟିଆଗୋଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ଅନ୍ୟପକ୍ଷରେ ହାଇଦ୍ରାବାଦ୍ ପାଇଁ ଅମନଦୀପ ଲାକ୍ରା ଏକମାତ୍ର ଗୋଲ ସ୍କୋର କରିଥିଲେ।

ମ୍ୟାଚ୍ ଆରମ୍ଭରୁ ପାଇପର୍ସ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲା। ଫଳରେ ଦଳକୁ ୬ଟି ପେନାଲ୍ଟି କର୍ନର (ପିସି) ମିଳିଥିଲା। ଅଷ୍ଟମ ମିନିଟ୍‌ରେ ମିଳିଥିବା ପିସିକୁ ଟେମାସ ଡୋମେନ ଗୋଲରେ କନଭର୍ଟ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ତୁଫାନ୍ସ ଦଳର ଖେଳାଳିମାନେ ୧୨ ଥର ସର୍କଲ ଏଣ୍ଟ୍ରି କରିବା ସହ ୪ ପିସି ହାସଲ କରିଥିଲେ। ହେଲେ ଦଳକୁ ସେଥିରୁ କୌଣସି ଫାଇଦା ମିଳି ନ ଥିଲା। ହେଲେ ୨୯ତମ ମିନିଟ୍‌ରେ ରୋମାନ ଡୁଭେକଟଙ୍କଠାରୁ ପାଇଥିବା ପାସକୁ ଟୋମାସ ଗୋଲରେ ପରିଣତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ପାଇପର୍ସ ୨-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ମ୍ୟାଚ୍‌କୁ ଫେରିବା ପାଇଁ ତୁଫାନ୍ସ ପକ୍ଷରୁ ଭରପୂର ପ୍ରୟାସ କରାଯାଇଥିଲା। ଶେଷରେ ୪୧ତମ ମିନିଟ୍‌ରେ ତୁଫାନ୍ସ ପାଇଁ ଅମନଦୀପ ଲାକ୍ରାଙ୍କ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅନ୍ତିମ କ୍ୱାର୍ଟରରେ ପାଇପର୍ସ ଦଳ ସମ୍ପୂର୍ଣ୍ଣ ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ହାଇଦ୍ରାବାଦର ଖେଳାଳିମାନେ ଅନ୍ତିମ ୧୫ ମିନିଟ୍‌ରେ ୧୬ ଥର ସର୍କଲ ପେନେଟ୍ରେଶନ କରିବା ସହ ୬ ପିସି ଜିତିଥିଲେ। ଏପରିକି ଦଳକୁ ଏକ ପେନାଲ୍ଟି ଷ୍ଟ୍ରୋକ ମଧ୍ୟ ମିଳିଥିଲା। ହେଲେ ଜାକାରି ୱାଲେସଙ୍କ ଶଟ୍‌କୁ ପାଇପର୍ସ ଗୋଲକିପର ସାଣ୍ଟିଆଗୋ ରୋକି ଦେଇଥିଲେ। ଏହାପରେ ସେ ମ୍ୟାଚ୍‌ର ଅନ୍ତିମ ମିନିଟ୍‌ରେ ଦୁଇଟି ଚମତ୍କାର ସେଭ କରି ଦଳକୁ ଚଳିତ ସିଜନର ପ୍ରଥମ ବିଜୟ ଆଣି ଦେଇଥିଲେ।



ଏସ୍‌ଜି ପାଇପର୍ସ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ମୌସୁମୀ ଦାସଙ୍କୁ ୨ ସ୍ୱର୍ଣ୍ଣ

## ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍

**ଭୁବନେଶ୍ୱର, ୧୨।୧ (ବିଜୟ ରଣା)**

ମୋଦି ନଗରଠାରେ ଚାଲିଥିବା ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଓଡ଼ିଶାର ମୌସୁମୀ ଦାସ ଯୁବ+୭୭କେଜି ଓଜନ ଶ୍ରେଣୀ ଓ ସିନିୟର ବିଭାଗରେ (୭୦+୯୪) ୧୬୪କେଜି ଓଜନ ଉତ୍ତୋଳନ କରି ୨ଟି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏଥିସହିତ ଓଡ଼ିଶା ଜୁନିୟରଦଳ ଚାମ୍ପିୟନ, ୟୁଥ୍ ବାଳିକା ଓ ସିନିୟର ବିଭାଗରେ ରନର-ଅପ୍ ହୋଇଛନ୍ତି। ଓଡ଼ିଶା ଦଳର ଏହି ସଫଳତା ପାଇଁ ରାଜ୍ୟ ସଂଘର କର୍ମକର୍ତ୍ତା, କୋଚ୍ ଯଜ୍ଞନାରାୟଣ ନନ୍ଦ, ଗୋପାଳକୃଷ୍ଣ ଦାସ ଓ ପଦ୍ମିନୀ ମହାନ୍ତି ଏବଂ ମ୍ୟାନେଜର ଟାଙ୍ଗ ଦେବୀ ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ପୁରୁଷ ହକି ଇଣ୍ଡିଆ ଲିଗ୍ ପାଇଁ ମାଗଣା ଟିକେଟ୍

**ଭୁବନେଶ୍ୱର,୧୨।୧(ଅନାଦି କର):** ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଅନ୍ତିମ ପର୍ଯ୍ୟାୟର ମ୍ୟାଚ୍‌ଗୁଡ଼ିକ ଲାଗି ଟିକେଟ ମାଗଣାରେ ଉପଲବ୍ଧ ହେବ। ଏ ନେଇ ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଆସନ୍ତା ଜାନୁଆରୀ ୨୬ରେ ହେବାକୁ ଥିବା ଫାଇନାଲ ସମେତ ୧୭ ତାରିଖରୁ ଲିଗ୍ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ଟିକେଟ୍ ଉପଲବ୍ଧ ଥିବାରୁ ଫ୍ୟାନ୍ସ ଅନ୍‌ଲାଇନ୍‌ରେ ବୁକ କରିପାରିବେ। ଅଧିକରୁ ଅଧିକ ପ୍ରଶଂସକଙ୍କୁ ଆକୃଷ୍ଟ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ।

# ବାଂଲାଦେଶର ଦାବିକୁ ଆଇସିସିର ଖଣ୍ଡନ

**ଢାକା/ନୂଆଦିଲ୍ଲୀ,୧୨।୧(ପି.ଟି.)**

ଟି୨୦ ବିଶ୍ୱକପ୍ ଲାଗି ଭାରତ ଟୁରକୁ ନେଇ ବାଂଲାଦେଶ ଦଳ ପକ୍ଷରୁ ପ୍ରକଟ କରାଯାଇଥିବା ସୁରକ୍ଷା ଚିନ୍ତାକୁ ଆଇସିସି ବୁଝିପାରିଥିବା ବାଂଲାଦେଶ କ୍ରୀଡ଼ା ଉପଦେଷ୍ଟା ଆସିଫ ନଜ୍ରୁଲ ସୋମବାର ଦାବି କରିଥିଲେ। ହେଲେ ଏହି ଦାବିକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଖଣ୍ଡନ କରାଯାଇଛି। ଆଇପିଏଲ୍‌ରୁ ମୁସ୍ତାଫିଜୁର ରହମାନଙ୍କୁ ହଟାଇ ଦିଆଯିବା ପରେ ସୁରକ୍ଷାଗତ କାରଣ ଦର୍ଶାଇ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଭାରତ ବଦଳରେ ଶ୍ରୀଲଙ୍କାରେ ଟି୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ଆଇସିସି ନିକଟରେ ଅନୁରୋଧ କରିଥିଲା।

ଆଇସିସିର ସୁରକ୍ଷା ଦଳ ଓ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ବିସିବି ନିକଟକୁ ଏକ ଚିଠି କରିଛନ୍ତି। ଚିଠିରେ କୁହାଯାଇଛି ଯେ, ୩ଟି ପ୍ରସଙ୍ଗ ବାଂଲାଦେଶ ଦଳର ସୁରକ୍ଷା ଚିନ୍ତା ବଢ଼ାଇପାରେ। ପ୍ରଥମତଃ, ହେଲା ଯଦି ମୁସ୍ତାଫିଜୁରଙ୍କୁ ଦଳରେ ସାମିଲ କରାଯାଏ କିମ୍ବା ବାଂଲାଦେଶୀ ପ୍ରଶଂସକ ବାଂଲାଦେଶ ଦଳର ଜର୍ସି ପିନ୍ଧି ଭେନ୍ୟୁ ପାଖରେ ବୁଲନ୍ତି ଏବଂ ବାଂଲାଦେଶରେ ନିର୍ବାଚନ ଆସୁଥିବାରୁ ଦଳ ପ୍ରତି ବିପଦ ବୃଦ୍ଧି ପାଇପାରେ ବୋଲି ନଜ୍ରୁଲ ଢାକାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଥିଲେ।

ଅନ୍ୟପକ୍ଷରେ ଆଇସିସି ପକ୍ଷରୁ କୁହାଯାଇଛି ଯେ, ଭାରତରେ ସୁରକ୍ଷା ଚିନ୍ତା ସମ୍ପର୍କରେ ଆଇସିସି ପକ୍ଷରୁ ବିସିବିକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଆସିଫ ନଜ୍ରୁଲ ଯାହା କହିଛନ୍ତି, ତାହା ସମ୍ପୂର୍ଣ୍ଣ ମିଛ। ମୁସ୍ତାଫିଜୁରଙ୍କ ଚୟନ ଏକ ସମସ୍ୟା ହୋଇପାରେ ବୋଲି କଦାପି ଆଇସିସି ପକ୍ଷରୁ କୁହାଯାଇ ନାହିଁ। ଏହା ସମ୍ପୂର୍ଣ୍ଣ ମିଛ ଏବଂ ଔପଚାରିକ ଆଲୋଚନା ବେଳେ ସେଭଳି କୌଣସି ପରାମର୍ଶ ଦିଆଯାଇ ନାହିଁ। ଆଗାମୀ ଟି୨୦ ବିଶ୍ୱକପ୍ ଆସନ୍ତା ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ହେବ।

# ସୁନ୍ଦର ବାଦ୍, ବଦୋନୀଙ୍କୁ ଡାକରା

## ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍

**ନୂଆଦିଲ୍ଲୀ,୧୨।୧(ପି.ଟି.)**

ଚଳିତ ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜ୍‌ରୁ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଆହତଜନିତ ସମସ୍ୟା କାରଣରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ନୂଆ ଚେହେରା ଭାବେ ଆୟୁଷ ବଦୋନୀଙ୍କୁ ସିରିଜ୍‌ର ଅନ୍ତିମ ଦୁଇ ମ୍ୟାଚ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଛି। ଭଦୋଦରାରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ୱାଶିଂଟନଙ୍କ ପଞ୍ଜରାରେ ଆଘାତ ଲାଗିଥିଲା। ୨୬ ବର୍ଷୀୟ ଅଲରାଉଣ୍ଡ ମ୍ୟାଚ୍‌ରେ ୫ ଓଭର ବୋଲିଂ କରି ୨୭ ରନ ଦେଇଥିଲେ। ମ୍ୟାଚ୍ ମଝିରେ ସେ ପଡ଼ିଆରୁ ଚାଲି ଯାଇଥିଲେ ଏବଂ ଫେରି ନ ଥିଲେ। ଯନ୍ତ୍ରଣା ସତ୍ତ୍ୱେ ନଂ-୮ ପୋଜିଶନରେ ବ୍ୟାଟିଂ କରି ଭାରତୀୟ ଦଳକୁ ଜିତାଇଥିଲେ। ତାଙ୍କର ସ୍କାନ କରାଯିବା ପରେ ବିସିସିଆଇ ମେଡିକାଲ ଦଳ ବିଶେଷଜ୍ଞଙ୍କ ମତାମତ ନେବ। ଏଥିଯୋଗୁ ତାଙ୍କୁ ବଳକା ଦୁଇଟି ମ୍ୟାଚ୍ ଲାଗି ଦଳରୁ ବାଦ୍ ଦିଆଯାଇଛି। ପୁରୁଷ ଚୟନ କମିଟି ସୁନ୍ଦରଙ୍କ ବଦଳରେ ଆୟୁଷ ବଦୋନୀଙ୍କ ନାମ ଘୋଷଣା କରିଛି।

ବଦୋନୀ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ପାଇଁ ରାଜକୋଟରେ ଭାରତୀୟ ଦଳ ସହ ଯୋଗଦେବେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ସେ ମଙ୍ଗଳବାର ବେଙ୍ଗାଲୁରୁଠାରେ ବିଦର୍ଭ ଓ ଦିଲ୍ଲୀ ମଧ୍ୟରେ ହେବାକୁ ଥିବା ବିଜୟ ହଜାରେ ଟ୍ରଫି କ୍ୱାର୍ଟର ଫାଇନାଲ ମ୍ୟାଚ୍ ମିସ୍ କରିବେ।

# ସେମିରେ କେଟି ଗ୍ଲୋବାଲ, ସାଇ ଇଣ୍ଟରନ୍ୟାଶନାଲ

## ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ୍

**ଭୁବନେଶ୍ୱର,୧୨।୧(ଅନାଦି କର)**

ହାଇଟେକ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୨୨ତମ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର କେଟି ଗ୍ଲୋବାଲ ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ କେଟି ଗ୍ଲୋବାଲ ହାଇସ୍କୁଲ ୬୯ ରନରେ ଚନ୍ଦ୍ରଶେଖରପୁରର ଭେଙ୍କଟେଶ୍ୱର ଇଲିଂଶ ମିଡିୟମ ସ୍କୁଲକୁ ପରାସ୍ତ କରିଛି। କେଟି ଗ୍ଲୋବାଲ ୨୧.୨ ଓଭରରେ ୧୩୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ କ୍ରିସ କ୍ରିକେଟ ୩୮ ରନ କରିଥିଲେ। ଜବାବରେ ଭେଙ୍କଟେଶ୍ୱର ଇଲିଂଶ ମିଡିୟମ ୧୨.୩ ଓଭରରେ ୬୨ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ କ୍ରିସ କ୍ରିକେଟ ୫ ଉଇକେଟ ନେଇଥିଲେ। ଚତୁର୍ଥ କ୍ୱାର୍ଟର ଫାଇନାଲରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୩ ଉଇକେଟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୮.୫ ଓଭରରେ ୧୧୪ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳର ମୃତ୍ୟୁଞ୍ଜୟ ରୟ ୩୧ ଓ ଶୁଭମ ପ୍ରଧାନ ୩୦ ରନ କରିଥିବା ବେଳେ ସାଇ ଇଣ୍ଟରନ୍ୟାଶନାଲ ପକ୍ଷରୁ ଭିଭାନ ଅଗ୍ରୱାଲ ୩ ଉଇକେଟ ନେଇଥିବା ବେଳେ ମନ୍ଥନ ମହାପାତ୍ର ଓ ଅଧିନାୟକ ସ୍ୱସ୍ତିକ ନାଥ ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଶ୍ରେୟାଂଶ ବିଧାରଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୧୬.୫ ଓଭରରେ ୧୧୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଶ୍ରେୟାଂଶ ୫୧ ଓ ଶ୍ରୀହାନ ଭୁୟାଁ ୨୮ ରନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସ୍ୱାଧୀନ ଜେନା ୪ ଉଇକେଟ ନେଇଥିଲେ।



ଅତିଥି ରାକେଶ ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରୁଛନ୍ତି।

# ସେମିଫାଇନାଲ୍‌ରେ କର୍ନାଟକ, ସୌରାଷ୍ଟ୍ର

**ବେଙ୍ଗାଲୁରୁ,୧୨।୧:** ଚଳିତ ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ କର୍ନାଟକ ଓ ସୌରାଷ୍ଟ୍ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଦୁଇ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭିଜେଡି ମେଥଡ୍‌ରେ କର୍ନାଟକ ୫୫ ରନରେ ମୁମ୍ବାଇକୁ ଏବଂ ସୌରାଷ୍ଟ୍ର ୧୭ ରନରେ ଉତ୍ତର ପ୍ରଦେଶ(ୟୁପି)କୁ ପରାସ୍ତ କରିଛି।

ପ୍ରଥମ କ୍ୱାର୍ଟର ଫାଇନାଲରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୫୪ ରନ କରିଥିଲା। ଦଳ ପାଇଁ ଶାମ୍ସ ମୁଲାନି ୮୬ (୮ ଚୌକା) ରନ କରିଥିଲେ। ଜବାବରେ ବର୍ଷା ବାଧକ ସାଜିଲା ବେଳକୁ କର୍ନାଟକ ୩୩ ଓଭରରେ ୧ ଉଇକେଟ ହରାଇ ୧୮୭ ରନ କରିଥିଲା। ଭିଜେଡି ମେଥଡରେ ୩୩ ଓଭରରେ ଜିତିବା ପାଇଁ ୧୩୨ ରନ ଦରକାର ଥିବାବେଳେ କର୍ନାଟକ ୫୫ ରନ ଆଗରେ ରହିଥିଲା। ଦଳ ପାଇଁ ଦେବଦତ୍ତ ପାଡିକଲ ୮୧ (୧୧ ଚୌକା) ଓ କରୁନ ନାୟର ୭୪ (୧୧ ଚୌକା) ରନ କରି ଅପରାଜିତ ରହିଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ୟୁପି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟରେ ୩୧୦ ରନ କରିଥିଲା। ଦଳ ପାଇଁ ଅଭିଷେକ ଗୋସ୍ୱାମୀ ୮୮ (୧୨ ଚୌକା), ସମୀର ରିଜଭି ୮୮ (୧୦ ଚୌକା ଓ ୨ ଛକା) ରନ କରିଥିଲେ। ଜବାବରେ ସୌରାଷ୍ଟ୍ର ୪୦.୧ ଓଭର ଶେଷ ସୁଦ୍ଧା ୩ ଉଇକେଟ ହରାଇ ୨୩୮ ରନ କରିଥିଲା। ଏହାପରେ ବର୍ଷା ବାଧକ ସାଜିବାରୁ ୪୦.୧ ଓଭରରେ ୨୨୧ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଫଳରେ ୧୭ ରନ ଆଗରେ ଥିବା ସୌରାଷ୍ଟ୍ରକୁ ବିଜୟୀ ଘୋଷିତ କରାଯାଇଥିଲା।

# ଓଡ଼ିଶାକୁ ୪ ସ୍ୱର୍ଣ୍ଣ ସହ ୧୦ ପଦକ

## ଜାତୀୟ ବିଦ୍ୟାଳୟ ସମୂହ ତୀରନ୍ଦାଜ





ରନର୍ ଅପ୍ ଟ୍ରଫି ସହ ଓଡ଼ିଶା ତୀରନ୍ଦାଜ।

**ଭୁବନେଶ୍ୱର,୧୨।୧ (ଅନୁରାଧା ମହାରଣା)**

ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ ବାଳକ ଓ ବାଳିକା ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଶା ଓଭରଅଲ ରନରଅପ ହୋଇଛି। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ମୋଟ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ପ୍ରତିଯୋଗିତାରେ ମହାରାଷ୍ଟ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶା ଦ୍ୱିତୀୟ ଏବଂ ଆୟୋଜକ ଝାଡ଼ଖଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ୧୧ ବାଳିକାଙ୍କ ସମେତ ୧୮ ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ୟୁଜିପି ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ରୋହିତ କୁମାର ମାରାଣ୍ଡି ୩୦ ମିଟର୍ ଇଣ୍ଡିଆ ରାଉଣ୍ଡ, ଅଲିମ୍ପିକ ରାଉଣ୍ଡ ଓ ମିକ୍ସଡ୍ ରାଉଣ୍ଡରେ ୩ଟି ସ୍ୱର୍ଣ୍ଣ ଏବଂ ୨୦ ମିଟରରେ ଗୋଟିଏ ରୌପ୍ୟ ପଦକ ଜିତିଥିବା ବେଳେ ତାଙ୍କ ସହିତ କିସ୍ ବିଦ୍ୟାଳୟର ରେଶମା ମଲ୍ଲିକ ୩୦ ମିଟର୍ ମିକ୍ସଡ୍ ରାଉଣ୍ଡରେ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି କେନ୍ଦୁଝର ଜିଲାର ସୁନୀତା ନାଏକ ୬୦ ମିଟର୍ ରିକର୍ଭ ରାଉଣ୍ଡରେ ଗୋଟିଏ ରୌପ୍ୟ ଓ ୬୦ ଇଣ୍ଡିଭିଜୁଆଲ ରାଉଣ୍ଡରେ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ୬୦ ମିଟର୍ ରିକର୍ଭ ରାଉଣ୍ଡରେ କେନ୍ଦୁଝର ଜିଲାର ସାବିତ୍ରୀ ପାତ୍ର, ସୁନ୍ଦରଗଡ଼ ଜିଲାର ଟେନିସ ମେହେର ଏବଂ ଭୁବନେଶ୍ୱରର ପାଂଖି ଭଦ୍ରା ରୌପ୍ୟ ପଦକ ହାସଲ କରିଛନ୍ତି।

# ପୂର୍ବାଞ୍ଚଳ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ପୁରୁଣା ଭୁବନେଶ୍ୱର, ୧୨।୧ (ସୁବାସ ଚନ୍ଦ୍ର ପ୍ରଧାନ)**

ସ୍ଥାନୀୟ ବଉଳଗଡ଼ କ୍ଲବର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ କ୍ଲବ ପକ୍ଷରୁ ଆୟୋଜିତ ୩ ଦିନିଆ ପୂର୍ବାଞ୍ଚଳ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୂର୍ବାଞ୍ଚଳର ୧୨ଟି ରାଜ୍ୟର ୨୫୦ରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା ପ୍ରତିଯୋଗୀ ଏବଂ ୭୦ରୁ ଊର୍ଦ୍ଧ୍ୱ ଅଫିସିଆଲ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା କମିଟିର ଅଧ୍ୟକ୍ଷ ବିଧାୟକ ବାବୁ ସିଂଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଅବସରରେ ଗୋସାଗରେଶ୍ୱର ଛକଠାରୁ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଏକ ବିରାଟ ପଟୁଆରରେ ଲିଙ୍ଗରାଜ ମନ୍ଦିର ଭଜନ ମଣ୍ଡପଠାରେ ପହଞ୍ଚିଥିଲା।

ପ୍ରଥମ ଦିବସରେ ମୁଖ୍ୟଅତିଥି ରୁପେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ , ଶିଳ୍ପ ମନ୍ତ୍ରୀ ସମ୍ପଦ ସାଇଁ , ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, କପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ , ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ,ସର୍ବ ଭାରତୀୟ ସାଧାରଣ ସମ୍ପାଦକ ଚେତନ ମନୋହର ପଠାରେ ,ସର୍ବ ଭାରତୀୟ ସଭାପତି ସାମୀ ରମେଶ କୁମାର, ଅର୍ଜୁନ ପୁରସ୍କାରପ୍ରାପ୍ତ ଏବଂ ପୂର୍ବତନ ମିଷ୍ଟର ୟୁନିଭର୍ସ ପ୍ରେମଚାନ୍ଦ୍ ଡୋଗ୍ରା ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ମଳୟ ମହାପାତ୍ର, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଯୋଗଦେଇ ମହାପ୍ରଭୁଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ପାଦକ ରାଧାନାଥ ମହାପାତ୍ର ବିବରଣୀ ପାଠ କରିଥିଲେ। ପୂର୍ବାଞ୍ଚଳ ଏବଂ ଭୁବନେଶର ବଡ଼ି ବିଲ୍‌ଡିଂ ଆସୋସିଏଶନର ସଭାପତି ସୁମିତ୍ରା ତ୍ରିପାଠୀଙ୍କ ସହିତ ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦ୍ୱିତୀୟ ଦିବସ ସନ୍ଧ୍ୟାରେ ଭୁବନେଶ୍ୱର ମହାନଗର ନିଗମର ଅଧ୍ୟକ୍ଷା ସୁଲୋଚନା ଦାସ, ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା,ଉତ୍ତର ବିଧାୟକ ସୁଶାନ୍ତ ରାଉତ, ହାଇଟେକ୍ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ମେଟ୍ରୋ ବିଲଡ଼ର ଅଧ୍ୟକ୍ଷ ପୀୟୁଷ ମହାନ୍ତି ପ୍ରମୁଖ ଯୋଗ ଦେଇ ମିଜୋରାମର ପୂର୍ବାଞ୍ଚଳ ମିଷ୍ଟର ଇଣ୍ଡିଆ ଚାମ୍ପିୟନ ନିରୋଜ କ୍ଷେତ୍ରୀ ମାଉଁ ଙ୍କୁ ୨୦୨୬ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ବଉଳଗଡ଼ କ୍ଲବର ପୂର୍ବତନ ସଭ୍ୟ,କର୍ମକର୍ତ୍ତା ମାନଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଅନ୍ତିମ ଦିବସରେ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ , ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା ଚାମ୍ପିୟନ ଟ୍ରଫି ପ୍ରଦାନ କରିବା ସହିତ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ତିନି ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ କ୍ଲବର ସଭାପତି ରବିନାରାୟଣ ପଟ୍ଟନାୟକ ସଂଚାଳନ କରିଥିଲେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ